Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 220
Friday, 16 October 2026
Balasore, Page : 8, ₹ 2/
ବାଲେଶ୍ୱର, ଶୁକ୍ରବାର, ୧୬ ଅକ୍ଟୋବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ସିଇସି ଜ୍ଞାନେଶ କୁମାରଙ୍କୁ ସୁପ୍ରିମ ନୋଟିସ୍

ନୂଆଦିଲ୍ଲୀ, ୧୫/୧୦(ନ୍ୟୁ.ଏ): ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍‌ଆଇଆରରେ ଅନିୟମିତତା ଓ ଭୋଟର ତାଲିକାରୁ ନାଁ କଟିବା ଅଭିଯୋଗରେ ସୁପ୍ରିମକୋର୍ଟଙ୍କ ବଡ଼ ପଦକ୍ଷେପ । ବିରୋଧୀ ଇଣ୍ଡିଆ ବ୍ଲକ ନେତାଙ୍କ ଆବେଦନ ଉପରେ ଆଜି ଦେଶର ନିର୍ବାଚନ କମିଶନ, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର, ଦୁଇ ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀଙ୍କୁ ଜବାବ ତଲବ କରିଛନ୍ତି ସର୍ବୋଚ୍ଚ ଅଦାଲତ । ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ସମେତ ଇଣ୍ଡିଆ ବ୍ଲକର ଅନେକ ସଦସ୍ୟ ଓ ବିଭିନ୍ନ ସଂଗଠନ ଭୋଟର ତାଲିକାରୁ ଅନେକ ଲୋକଙ୍କ ନାଁ କଟିବା ଉପରେ ପ୍ରଶ୍ନ ଉଠାଇଥିଲେ । ସେହିପରି ବିଭିନ୍ନ ସ୍ଥାନରେ ଚାଲିଥିବା ଏସ୍‌ଆଇଆରରେ ଅନିୟମିତତା ହୋଇଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି । ଏନେଇ ସୁପ୍ରିମକୋର୍ଟରେ ଏକାଧିକ ଆବେଦନ ହୋଇଥିଲା । ଆଜି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ଓ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ

ଏହି ପ୍ରସଙ୍ଗରେ ଇସିଆଇ ଓ ସିଇସିଙ୍କୁ ନୋଟିସ କରିଛନ୍ତି । ଏସ୍‌ଆଇଆରର ବୈଧତାକୁ ନେଇ ହୋଇଥିବା ସମସ୍ତ ଆବେଦନର ଶୁଣାଣି ଏକାଠି କରିବାକୁ ମଧ୍ୟ ନିଷ୍ପତି ନେଇଛନ୍ତି । ଖଣ୍ଡପୀଠ କହିଛନ୍ତି, "ଆମେ ନୋଟିସ ଜାରି କରୁଛୁ ଓ ପଡ଼ି ରହିଥିବା ମାମଲା ସହ ସମସ୍ତ ଆବେଦନକୁ ଯୋଡୁଛୁ । କେହି ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ନୋଟିସ ଗ୍ରହଣ କରିପାରିବେ । ନଚେତ ଏହା ତାଙ୍କୁ ଦେଇ ପାରିବେ ।" ଶୁଣାଣି ସମୟରେ ଜଣେ ଆବେଦନକାରୀଙ୍କ ଆଚରଣ ସମ୍ପର୍କରେ କୋର୍ଟ ସ୍ପଷ୍ଟୀକରଣ ମାଗିଛନ୍ତି । କିନ୍ତୁ ସେହି ଆବେଦନକାରୀ ଜଣଙ୍କ ରାହୁଲ ଗାନ୍ଧି ବୋଲି କୋର୍ଟ ସିଧାସଳଖ କହି ନାହାନ୍ତି । କୋର୍ଟ କହିଛନ୍ତି, "ନୋଟିସ ଜାରି କରାଯାଉଛି । କିନ୍ତୁ ଗୋଟିଏ ଆପତି ରହିଛି । ଆମେ ଜଣେ ଆବେଦନକାରୀ ଆଚରଣ ସମ୍ପର୍କରେ ପରବର୍ତୀ ଶୁଣାଣି ସମୟରେ ଜାଣିବାକୁ ଚାହୁଁଛୁ । ନୋଟିସ ଜାରି କରିବାର ଅର୍ଥ ଆମେ କୌଣସି ଜିନିଷକୁ ନିନ୍ଦା କରୁଛୁ ବୋଲି ଭାବିବା କଥା ନୁହେଁ ।" ଏହି ପ୍ରସଙ୍ଗରେ ରାହୁଲ ଗାନ୍ଧିଙ୍କ ବ୍ୟତୀତ ଅନ୍ୟ ଆବେଦନକାରୀଙ୍କ ମଧ୍ୟରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ, ଟିଏମସି ନେତା ସୌଗତ ରୟ, ସପା ମୁଖ୍ୟ ଅଖିଳେଶ ଯାଦବ, ଆରଜେଡି ନେତା ତେଜସ୍ୱୀ ଯାଦବ, ଶିବସେନା(ଉଦ୍ଧବ ଠାକରେ) ସାଂସଦ ସଞ୍ଜୟ ରାଉତ, ସିପିଆଇ(ଏମ) ନେତା ଏମଏ ବବି, ସିପିଆଇ ନେତା ଡି ରାଜା, ଜେଏମଏମର ମହୁଆ ମାଝୀ, ଏନସିପି(ଶରଦ ପାୱାର)ର ସୁପ୍ରିୟା ସୁଲେ ଓ ଆଇୟୁଏମଏଲର ମହମ୍ମଦ ବଶୀର ରହିଛନ୍ତି । ଏସ୍‌ଆଇଆର ଓ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ବିରୋଧୀ ଦଳଗୁଡ଼ିକ ବିକ୍ଷୋଭ ବିକ୍ଷୋଭ କରୁଥିବା ବେଳେ ସୁପ୍ରିମକୋର୍ଟରେ ମାମଲା ପହଂଚିଛି । ଆଉ ସୁପ୍ରିମକୋର୍ଟ ପୂରା ଘଟଣାରେ ଜ୍ଞାନେଶ କୁମାରଙ୍କୁ ଜବାବ ତଲବ କରିଛନ୍ତି ।

ଏସୀୟ କ୍ରୀଡ଼ା ୨୦୨୬ର ଭାରତୀୟ ଦଳକୁ ଭେଟିଲେ ପିଏମ୍ ମୋଦୀ

ନୂଆଦିଲ୍ଲୀ, ୧୫/୧୦ (ନ୍ୟୁ.ଏ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ୨୦୨୬ ଆଇଚି-ନାଗୋୟା ଏସୀୟ କ୍ରୀଡ଼ାରେ ପଦକ ଜିତିଥିବା ଭାରତୀୟ ଖେଳାଳିମାନଙ୍କୁ ଭେଟି କହିଛନ୍ତି ଯେ ଏତେ ସଂଖ୍ୟାରେ ପଦକ ବିଜେତା ଏବଂ ସମସ୍ତଙ୍କ ଏକାଠି ହେବା କୌଣସି ଛୋଟ ସଫଳତା ନୁହେଁ । ପ୍ରଧାନମନ୍ତ୍ରୀ ମୋଦୀ ଝିଅମାନଙ୍କ ବିଷୟରେ ଅର୍ଥାତ୍ ମହିଳା ଖେଳାଳିମାନଙ୍କ ବିଷୟରେ କହିଛନ୍ତି । ସେ କହିଛନ୍ତି, ଯେ ଭାରତ ମୋଟ ୮୫ପଦକ ଜିତିଛି । ଯେଉଁଥିରେ ୩୮ପଦକ ମହିଳା ଖେଳାଳିମାନେ ଜିତିଛନ୍ତି । ଏହି ୩୮ଟିରେ ୧୧ସ୍ୱର୍ଣ୍ଣ ପଦକ ସାମିଲ ରହିଛି । ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଯେ, ଏହା ଏକ ନୂତନ ଭାରତର ଚିହ୍ନ । ଆଜି, ଭାରତ ଏପରି କ୍ରୀଡ଼ାରେ ମଧ୍ୟ ପଦକ ଜିତିଛି ଏହା ଏସୀୟ କ୍ରୀଡାର ଇତିହାସରେ ପୂର୍ବରୁ କେବେ ପଦକ ଜିତି ନାହିଁ । ମେଜର ଧ୍ୟାନ ଚାନ୍ଦ ଷ୍ଟାଡିୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ପୁରୁଷ ଏବଂ ମହିଳା ହକି ଏବଂ କ୍ରିକେଟ ଦଳ ପ୍ରଧାନମନ୍ତ୍ରୀଙ୍କୁ ସେମାନଙ୍କର ହସ୍ତାକ୍ଷରଥିବା ଜର୍ସି ପ୍ରଦାନ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, 'ଏତେ ସଂଖ୍ୟାରେ ପଦକ ବିଜେତାଙ୍କୁ ଏକାଠି ଭେଟିବା କୌଣସି ଛୋଟ ସଫଳତା ନୁହେଁ । ମହିଳା ହକି ଦଳର ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି, 'ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତି ମହିଳା ହକି ଦଳ ୪୪ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇଛି । ଦୃଢ଼ ନିଷ୍ଠା ଏବଂ ସ୍ୱପ୍ନ ଗୋଟିଏ ଦିନରେ ପୂରଣ ହୁଏ ନାହିଁ; ବର୍ଷର ଧୈର୍ଯ୍ୟ ଏବଂ ନିରନ୍ତର କଠିନ ପରିଶ୍ରମ ଜରୁରୀ । ଦେଶରେ ପରିବର୍ତନ ସେହି ଭାବନାରୁ ଆସିଛି ଯାହା ଆପଣଙ୍କୁ ସଫଳତା ଦେଇଛି ।' ସେ କହିଛନ୍ତି, 'ଗତ ୧୦-୧୨ବର୍ଷ ଧରି ଦେଶ ସମର୍ପଣ ଏବଂ ନିଷ୍ଠାର ସହ ନିରନ୍ତର ପ୍ରୟାସ କରିଛି । ଆଜି ପ୍ରତ୍ୟେକ ଖେଳାଳିଙ୍କ ବିଶ୍ୱାସ ଅଛି ଯେ ଦେଶ ସେମାନଙ୍କ ଯାତ୍ରା ସମୟରେ ସେମାନଙ୍କ ସହ ଅଛି ଏବଂ ଏହି କାରଣରୁ ଆପଣମାନେ ସମସ୍ତେ ଦେଶ ପାଇଁ ସେମାନେ କ'ଣ ହାସଲ କରନ୍ତି ତାହାର ଉଦାହରଣ ।'

ଛାତ୍ର ସଂସଦ ନିର୍ବାଚନ : ରାମଦେବୀ ଓ ରେଭେନ୍ସାରେ ବିସିଜେଡ଼ି ବିଜୟୀ

ଭୁବନେଶ୍ୱର, ୧୫/୧୦ (ଆ.ପ୍ର) : ରାଜ୍ୟର ଅଗ୍ରଣୀ ମହିଳା ଉଚ୍ଚଶିକ୍ଷା କେନ୍ଦ୍ର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳ ବଡ଼ ସଫଳତା ହାସଲ କରିଛି । କ୍ୟାମ୍ପସ୍ ରାଜନୀତିରେ ନିଜର ଦବ୍‌ଦବା ଜାହିର କରି ବିସିଜେଡି ସମର୍ଥିତ ପ୍ରାର୍ଥୀ ସୋନାଲି ବେହେରା ସଭାପତି ଭାବେ ବିଜୟୀ ହୋଇଛନ୍ତି । ନିର୍ବାଚନ ଫଳାଫଳ ପ୍ରକାଶ ପାଇବା କ୍ଷଣି ସମଗ୍ର କ୍ୟାମ୍ପସ୍‌ରେ ଛାତ୍ରୀ ତଥା ସମର୍ଥକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା । ରମାଦେବୀ କ୍ୟାମ୍ପସ୍‌ରେ ବିଜୟୀ ଶିବିରର ସଦସ୍ୟମାନେ ପରସ୍ପରକୁ ମିଠା ଖୁଆଇ ଏବଂ ନାରାବାଜି କରି ଖୁସି ମନାଇଛନ୍ତି । ଛାତ୍ରୀମାନଙ୍କ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଏବଂ କ୍ୟାମ୍ପସ୍‌ରେ ସୁରକ୍ଷିତ ତଥା ଶିକ୍ଷାନୁକୂଳ ପରିବେଶ ସୃଷ୍ଟି କରିବା ପାଇଁ ସେ ସର୍ବଦା କାର୍ଯ୍ୟ କରିବେ ବୋଲି ନବନିର୍ବାଚିତ ସଭାପତି ସୋନାଲି ବେହେରା ପ୍ରତିଶ୍ରୁତି ଦେଇଥିଲେ । ତାଙ୍କୁ ଭରସା କରିଛନ୍ତି ଛାତ୍ରୀମାନେ । ଅନ୍ୟପଟେ, ରାଜ୍ୟର ଅନ୍ୟତମ ପ୍ରମୁଖ ତଥା ଐତିହାସିକ ଶିକ୍ଷାନୁଷ୍ଠାନ କଟକସ୍ଥିତ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ମଧ୍ୟ ବିଜୁ ଛାତ୍ର ଜନତା ଦଳ ଏକତରଫା ବାଜିମାତ୍ କରିଛି । ଏଠାରେ ହୋଇଥିବା କଡ଼ା ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ବିସିଜେଡି ପ୍ରାର୍ଥୀ ବିଶ୍ୱଜିତ୍ ସାହୁ ବିପୁଳ ସମର୍ଥନ ହାସଲ କରି ବିଶ୍ୱବିଦ୍ୟାଳୟର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ରେଭେନ୍ସା ଛାତ୍ର ସଂସଦ ନିର୍ବାଚନ ଉପରେ ସାରା ରାଜ୍ୟର ନଜର ରହିଥିବା ବେଳେ ଏହି ବିଜୟ ସଂଗଠନ ପାଇଁ ବେଶ୍ ଉତ୍ସାହଜନକ ସାବ୍ୟସ୍ତ ହୋଇଛି । ଫଳାଫଳ ଘୋଷଣା ହେବା ପରେ ରେଭେନ୍ସା କ୍ୟାମ୍ପସ୍ ଭିତରେ ବିସିଜେଡି ଶିବିରରେ ଜୋରଦାର ଉତ୍ସବର ମାହୋଲ ସୃଷ୍ଟି ହୋଇଥିଲା ।

ପଂଚାୟତ ଓ ପୌର ନିର୍ବାଚନ : ଫେବୃଆରୀରେ ଚୂଡାନ୍ତ ଭୋଟର ତାଲିକା

ଭୁବନେଶ୍ୱର, ୧୫/୧୦ (ଆ.ପ୍ର) : ପଂଚାୟତ ଓ ପୌର ନିର୍ବାଚନ ପାଇଁ ସ୍ୱଚ୍ଛ ,ନିରପେକ୍ଷ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଲକ୍ଷ୍ୟ ନେଇ ଅକ୍ଟୋବର ୨୬ ରୁ ନଭେମ୍ବର ୭ ଯାଏଁ ଡୋର ଟୁ ଡୋର ସର୍ଭେ ହେବ । ଏସଆଇଆରରେ ନାଁ କଟିଥିଲେ ବି ଆବଶ୍ୟକୀୟ ପ୍ରମାଣ ପତ୍ର ଦେଇ ଯୋଡି ପାରିବେ । ସେହିପରି ବାଦ ଦେବାକୁ ମଧ୍ୟ ବ୍ୟବସ୍ଥା ରହିଛି ବୋଲି ରାଜ୍ୟ ନିର୍ବାଚନ କମିଶନ ମଧୁସୂଦନ ପାଢ଼ୀ କହିଛନ୍ତି । ଜାନୁଆରୀରେ ପ୍ରକାଶ ପାଇବ ଡ୍ରାଫ୍ଟ ତାଲିକା । ଫେବୃଆରୀ ୧୦ ସୁଦ୍ଧା ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ଲକ୍ଷ୍ୟ ରହିଛି । ସେପ୍ଟେମ୍ବର ୨୧ ରେ ଏସଆଇଆର ପରେ କେନ୍ଦ୍ର ନିର୍ବାଚନ କମିଶନଙ୍କ ଭୋଟର ତାଲିକା ଅନୁସାରେ ରାଜ୍ୟ ନିର୍ବାଚନ କମିଶନ କରିବେ ସର୍ଭେ । ପଂଚାୟତ ନିର୍ବାଚନ ପାଇଁ ପ୍ରତି ୱାର୍ଡରେ ରହିବ ଗୋଟିଏ ବୁଥ । ବିଧାନସଭାର ୩୯୦୦୦ ବୁଥକୁ ଭାଙ୍ଗି ୯୧ ହଜାର ବୁଥ କରାଯିବ । ପୌରାଂଚଳରେ ୬ ହଜାର ବୁଥ ରହିଲେ, ଆବଶ୍ୟକ ପଡିଲେ ଅଧିକ ବୁଥ କରାଯିବ । ସହରାଂଚଳରେ ଇଭିଏମ ଏବଂ ଗ୍ରାମାଂଚଳରେ ବାଲାଟରେ ନିର୍ବାଚନ ହେବ । ଡୋର ଟୁ ସର୍ଭେ ଟିମରେ ବୁଥ୍ ସ୍ତରୀୟ ଅଧିକାରୀ, ଅଙ୍ଗନୱାଡ଼ି କର୍ମୀ, ଜଳସାଥି, ସ୍ୱଚ୍ଛସାଥି ଏବଂ ଆଶା କର୍ମୀ ଘରକୁ ଘର ବୁଲିବେ । PEO, ବୁଥ୍ ସ୍ତରୀୟ ଅଧିକାରୀଙ୍କର ସୁପରଭାଇଜର, ସହାୟକ ନିର୍ବାଚକ ପଞ୍ଜିକରଣ ଅଧିକାରୀ ଏବଂ ନିର୍ବାଚକ ପଞ୍ଜିକରଣ ଅଧିକାରୀ) ସମ୍ପୂର୍ଣ୍ଣ ପ୍ରକ୍ରିୟାର ତଦାରଖ କରିବେ । ସର୍ଭେ ବେଳେ ସହଯୋଗ ପାଇଁ ଓଡିଶା ବାସୀଙ୍କୁ ଅନୁରୋଧ କରିଛନ୍ତି ରାଜ୍ୟ ନିର୍ବାଚନ କମିଶନ । ଏହି ସର୍ଭେ ସମୟରେ ଭୋଟର ମାନେ ପୂର୍ବରୁ ବାଦ ପଡ଼ିଥିଲେ ଯୋଡି ହୋଇ ପାରିବେ, ଆଉ ଅଯୋଗ୍ୟ ଭୋଟରଙ୍କୁ ବାଦ ବି ଦିଆଯାଇ ପାରିବ । ନାମ ଯୋଡିବା ଏବଂ ସଂଶୋଧନ ପାଇଁ ଦାବୀ ଫର୍ମ ନମ୍ବର ୧୬ ଏବଂ ନାମ ବାଦ ଦେବା ପାଇଁ ଆପତି ଫର୍ମ ୧୭ କୁ ଦାଖଲ କରିବାକୁ ପଡିବ । ବଡ କଥା ହେଲା ନୂଆ ଭୋଟର ଲିଷ୍ଟ ହେଲେ ଗୋଟିଏ ପରିବାରର ସମସ୍ତ ଭୋଟର ଗୋଟିଏ ବୁଥରେ ହିଁ ଭୋଟ ଦେବେ । ତେବେ ରାଜ୍ୟ ନିର୍ବାଚନ କମିଶନଙ୍କ ସୂଚନା ଆଧାରରେ ୨୦୨୫ ଭୋଟର ଲିଷ୍ଟ ଅନୁଯାୟୀ ୩୦ଟି ଜିଲ୍ଲାରେ କରାଯାଇଥିବା ପାଇଲଟ୍ ସର୍ଭେରେ ଜଣା ପଡିଥିଲା ଯେ ପ୍ରାୟ ୭.୬୧% ଲୋଟର ମୃତ୍ୟୁ/ସ୍ଥାନାନ୍ତର ସତ୍ତ୍ୱେ ଲୋଟର ତାଲିକାରେ ଅଛନ୍ତି ଏବଂ ପ୍ରାୟ ୪.୮୭% ଯୋଗ୍ୟ ଭୋଟର ବାଦ୍ ପଡ଼ିଛନ୍ତି । ତେଣୁ ନୂଆ ସର୍ଭେ ବେଳେ ତାହାକୁ ସଂଶୋଧନ କରିହେବ । ଜାନୁଆରୀ ରେ ପ୍ରକାଶ ପାଇବ ଡ୍ରାଫ୍ଟ ତାଲିକା । ତାପରେ ଆପତି ଅଭିଯୋଗ ପାଇଁ ୨୦ ଦିନ ସମୟ ଦିଆଯିବ । ଫେବୃଆରୀ ୧୦ ସୁଦ୍ଧା ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ଲକ୍ଷ୍ୟ ରଖାଯାଇଥିବା ବେଳେ ନିର୍ଦ୍ଧାରିତ ସମୟରେ ପଂଚାୟତ ନିର୍ବାଚନ ହୋଇପାରେ ବୋଲି କହିଛନ୍ତି ନିର୍ବାଚନ କମିଶନ ।

ଜ୍ଞାନେଶଙ୍କ ପାଇଁ ଦେଶବାସୀଙ୍କ ସହ ଯୁଦ୍ଧ କରୁଛନ୍ତି ସରକାର : ସିଜେପି

ନୂଆଦିଲ୍ଲୀ, ୧୫/୧୦(ନ୍ୟୁ.ଏ): କକ୍ରୋଚ ଜନତା ପାର୍ଟିର ପ୍ରତିଷ୍ଠାତା ଅଭିଜିତ ଦୀପକେ ଗୁରୁବାର ସାଂଘାତିକ ଅଭିଯୋଗ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିଧାସଳଖ ସରକାରୀ ଉଗ୍ର ବ୍ୟବହାର କରି ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ସୁରକ୍ଷା କରୁଛନ୍ତି । ବିଭିନ୍ନ ସଂଗଠନ ଓ ବିରୋଧୀ ଦଳଗୁଡ଼ିକ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରୁଥିବାରୁ ସେମାନଙ୍କୁ ସରକାର ଟାର୍ଗେଟ କରୁଥିବା ମଧ୍ୟ ସେ ଦାବି କରିଛନ୍ତି । ଦିଲ୍ଲୀରେ ଛାତ୍ର ନେତ୍ରୀ ନେହା ବୋରା, ଆଇନଜୀବୀ ପ୍ରଶାନ୍ତ ଭୂଷଣ ଓ ଅଭିନେତା ପ୍ରକାଶ ରାଜଙ୍କ ସହ ମିଶି ମିଳିତ ସାମ୍ବାଦିକ ସମ୍ମିଳନୀ କରୁଥିବା ଦୀପକେ ସିଧାସଳଖ ବିରୋଧୀ ଦଳର ନେତା ଓ ବିକ୍ଷୋଭକାରୀଙ୍କୁ ପୁଲିସ୍ କରୁଥିବା ଅଟକ ଉପରେ ପ୍ରଶ୍ନ ଉଠାଇଛନ୍ତି । ସେ କହିଛନ୍ତି, "ବିଭିନ୍ନ ସଂଗଠନ ଓ ଦିଲ୍ଲୀ ଯୁବଗୋଷ୍ଠୀ ରାସ୍ତାରେ ଲଢୁଛନ୍ତି । ସେମାନଙ୍କୁ ରାସ୍ତାରେ ଘୋଷାଡ଼ା ଯାଉଛି । ନେହା, ଆୟେଶା, ବିଲାଳ, ଈଶାଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବିରୋଧୀ ଦଳର ସାଂସଦ ମଧ୍ୟ ଏଥିରୁ ବର୍ତି ନାହାନ୍ତି । ଏସବୁ କାହା ପାଇଁ କେବଳ ଜ୍ଞାନେଶ କୁମାରଙ୍କୁ ରକ୍ଷା କରିବା ପାଇଁ ଏସବୁ ହେଉଛି ।" ସରକାର ନିଜ ଦେଶର ଲୋକଙ୍କ ବିରୋଧରେ ଯୁଦ୍ଧ ଆରମ୍ଭ କରିଛନ୍ତି ଓ କାହିଁକି ଜଣେ ସିଇସିଙ୍କୁ ସୁରକ୍ଷା ପାଇଁ ଏତେ ସବୁ ପଦକ୍ଷେପ ନିଆଯାଉଛି ବୋଲି ଦୀପକେ ପ୍ରଶ୍ନ କରିଛନ୍ତି । ୨୦୨୪ ସାଧାରଣ ନିର୍ବାଚନ ସମ୍ପର୍କରେ ସେ କହିଛନ୍ତି ଯେ ଏନଡିଏ ଓ ଇଣ୍ଡିଆ ବ୍ଲକ ମଧ୍ୟରେ ପାର୍ଥକ୍ୟ କେବଳ ୨% ରହିଥିଲା । ଏପରି ସ୍ଥିତିରେ ନିର୍ବାଚନ କମିଶନ ବିଜେପିକୁ ସହଯୋଗ କରିଥିବା କାହିଁକି ଲୋକେ ସନ୍ଦେହ ନ କରିବେ ? ନିର୍ବାଚନ କମିଶନ ୧୩ କୋଟି ଭୋଟରଙ୍କ ନାଁ ଏସଆଇଆର ବେଳେ ହଟାଇ ଦେଇଛନ୍ତି । ନିର୍ବାଚନ କମିଶନ ଯେଉଁମାନଙ୍କୁ ମୃତକ କହି ତାଲିକାରୁ ହଟାଇ ଦେଇଥିଲେ, ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଅଭିଜିତ ଦୀପକେ ଭେଟିଥିବା ଦାବି କରିଛନ୍ତି । ସିଇସିଙ୍କ କାର୍ଯ୍ୟକୁ ନେଇ ଗୋଟିଏ ରିପୋର୍ଟ ପ୍ରକାଶ ପାଇବା ପରେ ପ୍ରଧାନମନ୍ତ୍ରୀ ମୋଦି ସିଧାସଳଖ ଜ୍ଞାନେଶ କୁମାରଙ୍କ ସୁରକ୍ଷାରେ ଲାଗି ପଡ଼ିଥିବା କହିଛନ୍ତି । ସରକାରଙ୍କ ଗୋଟିଏ ଦେଶ, "ଗୋଟିଏ ନିର୍ବାଚନ ଯୋଜନାକୁ ମଧ୍ୟ ଦୀପକେ ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ ଏହା ଗୋଟିଏ ସ୍ଲୋଗାନ । ବାସ୍ତବରେ ସରକାର ବାସ୍ତବ ଏଜେଣ୍ଡା ହେଉଛି ଗୋଟିଏ ଦେଶ, ଗୋଟିଏ ପାର୍ଟି । ଆପଣ କହୁଛନ୍ତି ଯେ ତ୍ରିରଙ୍ଗା ଉଡ଼ାଇବା ଆଇନର ଉଲ୍ଲଙ୍ଘନ । କାହା ପାଇଁ ? କ'ଣ ଜ୍ଞାନେଶ କୁମାରଙ୍କ ପାଇଁ ? ନରେନ୍ଦ୍ର ମୋଦିଙ୍କୁ ଜ୍ଞାନେଶ କୁମାର କ'ଣ ଦେଇଛନ୍ତି ? ଆପଣ ଦିଲ୍ଲୀକୁ ରୋକି ଦେଉଛନ୍ତି । ଟ୍ରେନ ଠାରୁ ଆରମ୍ଭ କରି ମେଟ୍ରୋକୁ ବନ୍ଦ କରୁଛନ୍ତି ।

୧୮ରେ ଶପଥ ନେବେ ଓଡ଼ିଶାର ନୂଆ ରାଜ୍ୟପାଳ

ଭୁବନେଶ୍ୱର, ୧୫/୧୦ (ଆ.ପ୍ର) : ଓଡ଼ିଶାର ନବନିଯୁକ୍ତ ରାଜ୍ୟପାଳ ବ୍ରଜମୋହନ ରାମ ଆସନ୍ତା ୧୮ତାରିଖରେ ରାଜ୍ୟପାଳ ଭାବେ ଶପଥ ଗ୍ରହଣ କରିବେ । ଏଥିପାଇଁ ଓଡ଼ିଶା ଲୋକଭବନ ପକ୍ଷରୁ ଜୋରଦାର୍ ପ୍ରସ୍ତୁତି ଆରମ୍ଭ ହୋଇଛି । ୧୮ତାରିଖ ପୂର୍ବାହ୍ନ ୧୧ଟାରେ ଲୋକଭବନର ନୂଆ ଅଭିଷେକ ହଲ୍‌ରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ନୂଆ ରାଜ୍ୟପାଳଙ୍କୁ ଶପଥ ପାଠ କରାଇବେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ, ସାଂସଦ, ବିଧାୟକଙ୍କ ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ରାଜ୍ୟପାଳ ଶପଥ ଗ୍ରହଣ କରିବା ପରେ ପୁରୀ ଗସ୍ତରେ ଯିବେ । ସେଠାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରିବା ସହ ପୁରୀ ଲୋକଭବନରେ କିଛି ସମୟ ବିତାଇବାର କାର୍ଯ୍ୟକ୍ରମ ରହିଥିବା ଓଡ଼ିଶା ଲୋକଭବନ ପକ୍ଷରୁ କୁହାଯାଇଛି । ନୂଆ ରାଜ୍ୟପାଳ ଅକ୍ଟୋବର ୧୭ରେ ଭୁବନେଶ୍ୱରରେ ପହଂଚିବେ । ରାଜ୍ୟପାଳଙ୍କ ସହ ଝାଡ଼ଖଣ୍ଡରୁ ପ୍ରାୟ ୩୦୦ଜଣ ଅତିଥି ଆସିବେ । ଅତିଥିମାନେ ରାଜ୍ୟପାଳଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେବା ସହ ୪ଦିନ ଓଡ଼ିଶାରେ ରହିବେ । ତେଣୁ ଏହାକୁ ନଜରରେ ରଖି ଅକ୍ଟୋବର ୧୭ରୁ ୨୦ତାରିଖ ପର୍ଯ୍ୟନ୍ତ ସମସ୍ତ ଅତିଥିଙ୍କ ରହଣି ବ୍ୟବସ୍ଥା, ଭୁବନେଶ୍ୱର ବିମାନବନ୍ଦର, ଭୁବନେଶ୍ୱର ଓ ପୁରୀ ଲୋକଭବନରେ ସୁରକ୍ଷା ବ୍ୟବସ୍ଥା କରିବାକୁ ରାଜ୍ୟପାଳଙ୍କ ସଚିବ ରୂପା ରୋଶନ ସାହୁ ଆଜି ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ କୁମାର ଶର୍ମାଙ୍କୁ ଚିଠି ଲେଖି ଜଣାଇଛନ୍ତି ।

ଆମେରିକାରେ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ ଷଡ଼ଯନ୍ତ୍ର !

ନୂଆଦିଲ୍ଲୀ, ୧୫/୧୦ (ନ୍ୟୁ.ଏ): ଆମେରିକାର ଇଲିନୋଇସ ରାଜ୍ୟରେ ଏକ ହିନ୍ଦୁ ମନ୍ଦିରକୁ ଟାର୍ଗେଟ୍ କରି ବଡ଼ ସ୍ତରରେ ଗୁଳିକାଣ୍ଡର ଏକ ସମ୍ଭାବ୍ୟ ଷଡ଼ଯନ୍ତ୍ରକୁ, ପୁଲିସ ସଠିକ୍ ସମୟରେ ବିଫଳ କରିଛି । ଉକ୍ତ ଘଟଣା ପରେ ଭାରତ ସରକାର ତୀବ୍ର ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଏହି ଷଡ଼ଯନ୍ତ୍ରର ହିନ୍ଦୁ ବିରୋଧୀ ଓ ଜାତିଭେଦ ପୂର୍ଣ୍ଣ ସ୍ୱଭାବ ଖୁବ୍ ଚିନ୍ତାଜନକ । ବୈଦେଶିକ ମନ୍ତ୍ରଣାଳୟ ଆମେରିକାରୁ ଭାରତୀୟ ସଂପ୍ରଦାୟର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଦୃଢ ପଦକ୍ଷେପ ଉଠାଇବାକୁ ଦାବି କରିଛି । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଗୁରୁବାର କହିଛନ୍ତି ଯେ, ଇଲିନୋଇସର ଅରୋରା ଅଂଚଳରେ ହିନ୍ଦୁ ମନ୍ଦିରକୁ ଟାର୍ଗେଟ୍ କରିବାର ଖବରରେ ଭାରତ ବହୁତ ଚିନ୍ତିତ । ସେ କହିଛନ୍ତି ଯେ, ଏହି କଥିତ ଷଡ଼ଯନ୍ତ୍ରର ହିନ୍ଦୁ-ବିରୋଧୀ ଓ ଜାତିଭେଦ ପୂର୍ଣ୍ଣ ସ୍ୱଭାବ ବିଶେଷକରି ଚିନ୍ତାଜନକ । ଏଥିରେ ଭାରତୀୟ ବଂଶୋଦ୍ଭବ ଲୋକଙ୍କ ବିରୋଧରେ ହିଂସାର କଥା କୁହାଯାଇଛି ।

ଲୋକଭବନରେ ୧୪୪ଟି ଆବାସିକ କ୍ୱାର୍ଟର୍ସ ନିର୍ମାଣ ପାଇଁ ଭିତିପ୍ରସ୍ତର

ଭୁବନେଶ୍ୱର, ୧୫/୧୦ (ଆ.ପ୍ର) : ରାଜ୍ୟପାଳ ହରିବାବୁ କମ୍ଭମପାଟି ଆଜି ଭୁବନେଶ୍ୱରସ୍ଥିତ ଲୋକଭବନ ପରିସରରେ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ୧୪୪ଟି ଆବାସିକ କ୍ୱାର୍ଟର୍ସ ନିର୍ମାଣ ପାଇଁ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ପ୍ରକଳ୍ପ ଅନ୍ତର୍ଗତ ୪ଟି ବ୍ଲକ୍‌ରେ ୯୬ଟି 'ଇ-ଟାଇପ୍' ଓ ଦୁଇଟି ବ୍ଲକ୍‌ରେ ୪୮ଟି 'ଏଫ୍-ଟାଇପ୍' କ୍ୱାର୍ଟର୍ସ ନିର୍ମାଣ କରାଯିବ । ଷ୍ଟିଲ୍ଟ୍ ସମେତ ୬ମହଲା ବିଶିଷ୍ଟ ଏହି ଆବାସିକ କୋଠାଗୁଡ଼ିକର ନିର୍ମାଣ କାର୍ଯ୍ୟ 'ଟର୍ଣ୍ଣକି' ରିତିରେ କରାଯିବା । ଆସନ୍ତା ୨୦୨୮ ମସିହା ମେ' ସୁଦ୍ଧା ଏହାକୁ ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ରହିଛି । ନୂତନ କ୍ୱାର୍ଟର୍ସ ନିର୍ମାଣ ଦ୍ୱାରା ଦୀର୍ଘଦିନର ଆବାସିକ ସମସ୍ୟାର ସମାଧାନ ହେବ । ଏହି ଅବସରରେ ରାଜ୍ୟପାଳଙ୍କ ସଚିବ ରୂପା ରୋଶନ ସାହୁ, ଇଞ୍ଜିନିୟର-ଇନ୍-ଚିଫ୍ (ସିଭିଲ୍) ପ୍ରିୟବ୍ରତ ସାମନ୍ତରା, ଭୁବନେଶ୍ୱରସ୍ଥିତ ସେଂଟ୍ରାଲ୍ (ଆର ଆଣ୍ଡ ବି) ସର୍କଲର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ମନୋଜ ମହାନନ୍ଦ ଓ ଅଧୀକ୍ଷଣ ଯନ୍ତ୍ରୀ ଅରୁଣ ଅମିତାଭ ପ୍ରଧାନଙ୍କ ସମେତ ଲୋକଭବନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

'ଔଦ୍ୟୋଗିକ ବିକାଶ' ଓଡ଼ିଶାକୁ ଦେଶର ଏକ ପ୍ରମୁଖ ଶିଳ୍ପ ରାଜ୍ୟ ଭାବରେ ପ୍ରତିଷ୍ଠା କରିବ : ଗୌତମ ରାୟ

ଭୁବନେଶ୍ୱର, ୧୫/୧୦ (ଆ.ପ୍ର) : 'ବିରୋଧୀ ରାଜନୀତିରେ; ଆମେ ପ୍ରଗତିରେ ବ୍ୟସ୍ତ' । ବିଜେପି ସରକାର ଗଠନ ହେବା ପରେ ରାଜ୍ୟରେ ଶିଳ୍ପାୟନ ପ୍ରକ୍ରିୟାର ଏକ ନୂତନ ଏବଂ ସ୍ୱର୍ଣ୍ଣିମ ଅଧ୍ୟାୟ ଆରମ୍ଭ ହୋଇଛି । ଗତ କାଲି ଯାଜପୁର ଜିଲ୍ଲାର କଳିଙ୍ଗନଗରଠାରୁ ଆରମ୍ଭ ହୋଇଥିବା ଏହି ଦ୍ୱିତୀୟ ଶିଳ୍ପ ବିପ୍ଳବ ରାଜ୍ୟର ଅର୍ଥନୈତିକ ବିକାଶକୁ ଆହୁରି ଦ୍ରୁତଗତି ପ୍ରଦାନ କରିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଏବଂ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାରେ ରାଜ୍ୟର ୧୪ଟି ଜିଲ୍ଲାରେ ମୋଟ ୪୬ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରାଯାଇଛି । ଏହି ବୃହତ୍ ଶିଳ୍ପ ସମାରୋହରେ ୩୯,୩୮୩ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶ ହୋଇଥିବାବେଳେ ଏହାଦ୍ୱାରା ୪୨୫୧୨ ଜଣ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ପୂର୍ବ ସରକାର ଅମଳରେ ଶିଳ୍ପ ନିବେଶ କେବଳ ସ୍ଲୋଗାନ ଓ ପ୍ରଚାରରେ ସୀମିତ ଥିବାବେଳେ, ବର୍ତ୍ତମାନର ବିଜେପି ସରକାର ପ୍ରତିଟି ଏମଓୟୁକୁ ବାସ୍ତବ ରୂପ ଦେଇ

ଶିଳ୍ପକାରଖାନା ନିର୍ମାଣ ସହ ଉତ୍ପାଦନ ଆରମ୍ଭ କରିବାରେ ସଫଳ ହୋଇଛି ବୋଲି ବରିଷ୍ଠ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌତମ ରାୟ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପୂର୍ବୋଦୟ ପରିକଳ୍ପନାର କେନ୍ଦ୍ରରେ ରହିଥିବା ଓଡ଼ିଶାକୁ ଆଗାମୀ ଦଶବର୍ଷ ଭିତରେ ରାଜ୍ୟର ଅର୍ଥନୀତିକୁ ୫୦୦ ବିଲିୟନ ଆମେରିକୀୟ ଡଲାରରେ ପହଂଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି । ନୀତି ଆୟୋଗର ସୂଚକାଙ୍କ ଅନୁଯାୟୀ ଓଡ଼ିଶା ବର୍ତ୍ତମାନ ଦେଶରେ ପୁଞ୍ଜି ଆକର୍ଷଣ କ୍ଷେତ୍ରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରର ପ୍ରତିଷ୍ଠିତ କମ୍ପାନିଗୁଡ଼ିକର ପ୍ରକଳ୍ପଗୁଡିକ ରାଜ୍ୟରେ ଶିଳ୍ପଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବ । ଶିଳ୍ପ କେବଳ ନିର୍ଦ୍ଦିଷ୍ଟ କିଛି ଜିଲ୍ଲାରେ ସୀମିତ ନ ରହି ରାଜ୍ୟର ପ୍ରାୟ ସମସ୍ତ ଅଂଚଳରେ ସ୍ଥାପିତ ହେବାରେ ସଫଳ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିସାରିଛନ୍ତି । ବର୍ଷେଠାରୁ କମ୍ ସମୟ ମଧ୍ୟରେ ୧୫ଟି ପ୍ରକଳ୍ପର ଭୂମିପୂଜନ ଓ ଉଦଘାଟନରେ ୩ ଲକ୍ଷ ୧୧ ହଜାର କୋଟିରୁ ଅଧିକ ପୁଞ୍ଜିନିବେଶ ହୋଇଥିବାବେଳେ ଏହାଦ୍ୱାରା ୯ ଲକ୍ଷ ୪୦ ହଜାରରୁ ଅଧିକ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଆଜିର ପ୍ରକଳ୍ପକୁ ମିଶାଇଲେ ରାଜ୍ୟରେ ସମୁଦାୟ ୩ ଲକ୍ଷ ୫୦ ହଜାର କୋଟିରୁ ଅଧିକ କୋଟିର ପ୍ରକଳ୍ପର ଶୁଭାରମ୍ଭ ହୋଇଛି । ବୟନଶିଳ୍ପ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ସେବା ଭଳି କ୍ଷେତ୍ରରେ ମହିଳାମାନଙ୍କୁ ଅଧିକ ନିଯୁକ୍ତି ଦେବା ପାଇଁ ଶିଳ୍ପସଂସ୍ଥାଗୁଡ଼ିକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି । ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସରକାରଙ୍କୁ ରାଜ୍ୟ ବିଜେପି ତରଫରୁ ଧନ୍ୟବାଦ ଏବଂ କୃତଜ୍ଞତା ଜଣାଯାଉଛି । ରାଜ୍ୟର ଏହି ଅଭୂତପୂର୍ବ ଔଦ୍ୟୋଗିକ ବିକାଶ ଓଡ଼ିଶାକୁ ଦେଶର ଏକ ପ୍ରମୁଖ ଶିଳ୍ପ ରାଜ୍ୟ ଭାବରେ ପ୍ରତିଷ୍ଠା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ରାୟ କହିଛନ୍ତି ।

ମହିଳା ସ୍ନାତକ ମହାବିଦ୍ୟାଳୟରେ 'ଚୟନ ପ୍ରକ୍ରିୟା' ମାଧ୍ୟମରେ ଛାତ୍ରୀ ପ୍ରତିନିଧି ମନୋନୀତ

ପାରଳାଖେମୁଣ୍ଡି, ୧୫/୧୦ (ଆ.ପ୍ର) : ସ୍ଥାନୀୟ ମହିଳା ସ୍ନାତକ ମହାବିଦ୍ୟାଳୟରେ ଛାତ୍ରୀ ସଂସଦର ବିଭିନ୍ନ ପଦବୀ ପାଇଁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶାବଳୀ ଅନୁଯାୟୀ ଚୟନ ପ୍ରକ୍ରିୟା ମାଧ୍ୟମରେ ଛାତ୍ରୀ ପ୍ରତିନିଧି ମନୋନୀତ କରାଯାଇଛି । ମହାବିଦ୍ୟାଳୟ ଚୟନ କମିଟ ଦ୍ୱାରା ଏହି ଚୟନ ପ୍ରକ୍ରିୟା ସୁଚାରୁ ରୂପେ ସଂପନ୍ନ ହୋଇଯାଇଛି ଏବଂ ଫଳାଫଳ ମଧ୍ୟ ପ୍ରକାଶିତ ହୋଇସାରିଛି । ଯୁକ୍ତ ତିନି ତୃତୀୟ ବର୍ଷ ଛାତ୍ରୀ ସୁଶ୍ରୀ କାର୍ତ୍ତିକେଶ୍ୱରୀ ଦେବୀ ଛାତ୍ରୀ ସଂସଦ ସଭାପତି ରୂପେ ଏବଂ ସୁଶ୍ରୀ ମଧୁସ୍ମିତା ଭୂୟାଁ (ଉପ-ସଭାପତି ରୂପେ) ମନୋନୀତ ହୋଇଛନ୍ତି । ଯୁକ୍ତ ତିନି ଦ୍ୱିତୀୟ ବର୍ଷ ଛାତ୍ରୀ ସୁଶ୍ରୀ ରୀନା ଭଞ୍ଜ ଛାତ୍ର ସଂସଦ ସଂପାଦିକା, ସୁଶ୍ରୀ ଉପସିତା ପାତ୍ରୀ ନାଟ୍ୟସଂସଦ ସଂପାଦିକା ଭାବେ ମନୋନୀତ ହୋଇଛନ୍ତି । ତୃତୀୟ ବର୍ଷ ଛାତ୍ରୀ ସୁଶ୍ରୀ ଭାନୁପ୍ରସାଦିନୀ ରାଉତ କ୍ରୀଡା ସଂସଦ ସଂପାଦିକା ଏବଂ ସୁଶ୍ରୀ ସୌମ୍ୟାରାଣୀ ଲିମା କମନରୁମ୍ ସଂପାଦିକା ଭାବେ ମନୋନୀତ ହୋଇଛନ୍ତି । ସୁଶ୍ରୀ ସ୍ନେହଲତା ପାଳ, ସୁଶ୍ରୀ ମାନସୀ ପ୍ରଧାନ ଏବଂ ସୁଶ୍ରୀ ଗାୟତ୍ରୀ ଭୂୟାଁ ଯଥାକ୍ରମେ ତୃତୀୟ ବର୍ଷ, ଦ୍ୱିତୀୟ ବର୍ଷ, ପ୍ରଥମ ବର୍ଷ ଶ୍ରେଣୀ ପ୍ରତିନିଧି ଭାବେ ମନୋନୀତ ହୋଇଛନ୍ତି । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ରୀନା ସାହୁ ଏବଂ ସମସ୍ତ ଶିକ୍ଷକ ଓ ଅଣ-ଶିକ୍ଷକ କର୍ମଚାରୀ ମନୋନୀତ ପ୍ରାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଆସନ୍ତା କାଲି ଦିନ ୧୧.୦୦ ଘଂଟା ସମୟରେ ମନୋନୀତ ପ୍ରାର୍ଥୀମାନଙ୍କର 'ଶପଥ ପାଠ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

ଭଲ ରାସ୍ତା ନାହିଁ ବୋଲି ଖଟିଆରେ ବୁହା ହୁଅନ୍ତି ରୋଗୀ, ପ୍ରଶାସନର ନଜର ପଡ଼ିବ କେବେ

ବଣାଇଁ, ୧୫/୧୦ (ଆ.ପ୍ର) : ସ୍ୱାଧୀନତାର ୮ ଦଶନ୍ଧି ପରେ ମଧ୍ୟ ଗାଁକୁ ଭଲ ରାସ୍ତାଟିଏ ନାହିଁ । ଫଳରେ ଦୀର୍ଘ ବର୍ଷ ଧରି ଯାତାୟାତର ହଟହଟାର ଦୁର୍ଦ୍ଦଶା ଭୋଗୁଛନ୍ତି ଗ୍ରାମବାସୀ । ଭଲ ରାସ୍ତା ନିର୍ମାଣ କରିବା ପାଇଁ ସରକାର ବହୁ ସଡକ ଯୋଜନା କରିଆସୁଥିଲେ ସୁଦ୍ଧା ସରକାରଙ୍କ ସବୁ ଯୋଜନା ଫେଲ ମାରିଛି । ସରକାର ତଥା ଜିଲ୍ଲା ପ୍ରଶାସନର ଅବହେଳା ଓ ଅଣଦେଖା ମନୋଭାବ ଯୋଗୁଁ ବିପର୍ଯ୍ୟସ୍ତ ହୋଇ ପଡିଛି ଜନଜୀବନ । ଏହି ସାହିକୁ ନା ରହିଛି ଭଲ ରାସ୍ତା ନା ମିଳୁଛି ଏଠାକାର ଲୋକଙ୍କୁ କୌଣସି ମୌଳିକ ସୁବିଧା ସୁଯୋଗ । ଏଭଳି ଏକ ଦୁରବସ୍ଥାର ଚିତ୍ର ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ବ୍ଲକ୍ ଅନ୍ତର୍ଗତ ଖୁଂଟଗାଁ ପଂଚାୟତର ସାଧୁବାହାଲ ଗ୍ରାମର ୧୩ ନମ୍ବର ୱାର୍ଡରେ । ଏହି ୱାର୍ଡରେ ରାସ୍ତା ନଥିବାରୁ ଗ୍ରାମବାସୀଙ୍କୁ ପ୍ରତିଦିନ ନାନା ସମସ୍ୟାର ସାମ୍ନା କରିବାକୁ ପଡୁଛି । ଗାଁକୁ ଯିବା ପାଇଁ ପୂର୍ବରୁ ଏକ ପୋଲ ନିର୍ମାଣ କରାଯାଇଥିଲେ ମଧ୍ୟ ତାହା ଭାଙ୍ଗିଯାଇଛି । ଫଳରେ

ଗମନାଗମନ ବ୍ୟବସ୍ଥା ଏକପ୍ରକାର ଭୁଶୁଡ଼ି ପଡ଼ିଛି । ବର୍ଷା ଦିନେ ପରିସ୍ଥିତି ଆହୁରି ଭୟାବହ ହୋଇପଡ଼େ । ଗାଁ ଚାରିପଟେ ପାଣି ଘେରି ରହୁଥିବାରୁ ଗ୍ରାମବାସୀ ଜଳବନ୍ଦୀ ଜୀବନ ବିତାଇବାକୁ ବାଧ୍ୟ ହୁଅନ୍ତି । ଏପରିକି ଶୁଖିଲା ପାଗରେ ମଧ୍ୟ ସାଇକେଲ୍ ଯୋଗେ ଯାତାୟାତ କରିବା କଷ୍ଟକର ହୋଇପଡୁଛି । ଏଭଳି ସ୍ଥିତିରେ ଆମ୍ବୁଲାନ୍ସ ଗାଁକୁ ପହଂଚିବା ତ ଦୂରର କଥା । ଗାଁରେ କେହି ଗୁରୁତର ଅସୁସ୍ଥ ହେଲେ କିମ୍ବା ଜରୁରୀ ଚିକିତ୍ସାର ଆବଶ୍ୟକତା ପଡ଼ିଲେ, ରୋଗୀଙ୍କୁ ଖଟିଆରେ ବୁହି ପ୍ରାୟ ୨ କିଲୋମିଟର ଦୂରକୁ ନେବାକୁ ପଡୁଛି । ରାସ୍ତା ଅଭାବରୁ ରୋଗୀଙ୍କ ଜୀବନ ବିପଦରେ ପଡୁଥିବା ବେଳେ ଠିକ୍ ସମୟରେ ଚିକିତ୍ସା ପାଇବା ମଧ୍ୟ କଷ୍ଟକର ହୋଇପଡୁଛି । ଏହାର ପ୍ରଭାବ ଗାଁର ଛୋଟ ଛୋଟ ପିଲାଙ୍କ ପାଠପଢ଼ା ଉପରେ ମଧ୍ୟ ପଡୁଛି । ଯାତାୟାତର ଅସୁବିଧା ଯୋଗୁଁ ପିଲାମାନେ ନିୟମିତ ଭାବେ ବିଦ୍ୟାଳୟ ଯାଇପାରୁନାହାନ୍ତି । ଫଳରେ ସେମାନଙ୍କ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । ଗୋଟିଏ ରାସ୍ତା ଅଭାବରୁ ଗ୍ରାମବାସୀଙ୍କ ମୌଳିକ ଅଧିକାର, ସ୍ୱାସ୍ଥ୍ୟସେବା ଓ ପିଲାଙ୍କ ଭବିଷ୍ୟତ ପ୍ରଭାବିତ ହେଉଥିବା ବେଳେ ଏହି ସମସ୍ୟାର ସମାଧାନ କେବେ ହେବ, ତାହା ଏବେ ବଡ଼ ପ୍ରଶ୍ନ । ଏହି ସାହିକୁ ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ବାରମ୍ବାର ଗ୍ରାମବାସୀ ଦାବି କରିଆସୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି । ବହୁ ରାଜନୈତିକ ଦଳ ନିର୍ବାଚନ ସମୟରେ ଏହି ସାହିକୁ ଆସି ମିଥ୍ୟା ପ୍ରତିଶ୍ରୁତି ଦେଇ ଫେରିଯାଇଥାନ୍ତି । ଏହିପରି ଭାବେ ବର୍ଷ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ଅଂଚଳର ଶୋଚନୀୟ ରାସ୍ତା ଓ ଅବହେଳିତ ଲୋକଙ୍କ ପ୍ରତି ଜିଲ୍ଲାପ୍ରଶାସନ ଓ ରାଜନୈତିକ ଦଳମାନଙ୍କର ନଜର ପଡିନାହିଁ । ତେବେ ଆଗାମୀ ଦିନରେ ଏହି ରାସ୍ତା ମରାମତି ହେଉଛି ନା ପୁଣି ସେହି ଅସରନ୍ତି ଦୁଃଖ କଷ୍ଟର ଶୀକାର ହେବେ ସାହି ବାସିନ୍ଦା ଅପେକ୍ଷା, ଆଗକୁ ଦେଖିବାକୁ ବାକି ରହିଲା ।

ମୁକ୍ତାପୁର କ୍ଲଷ୍ଟରରେ 'ସୁରଭି -୨୦୨୬'କାର୍ଯ୍ୟକ୍ରମ ଅନୁଷ୍ଠିତ

ଖୋର୍ଦ୍ଧା ,୧୫/୧୦ (ଆ.ପ୍ର) : ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ମୁକ୍ତାପୁର କ୍ଲଷ୍ଟରର ସୁରଭି କାର୍ଯ୍ୟକ୍ରମ ବାଲୁଙ୍କେଶ୍ୱର ଦେବ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଲୁଡ଼ିଆ ରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରହରି ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁକ୍ତାପୁର ସରପଂଚ ସୁଦାମ ସେଠି, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ମିଶ୍ର ମୁଖ୍ୟ ବକ୍ତା ରୂପେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଦାସ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରାୟ ୧୫୦ ଶିକ୍ଷାର୍ଥୀମାନେ ଅନୁଷ୍ଠିତ

ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ ଏବଂ ନିଜନିଜର କୃତିତ୍ୱ ପ୍ରଦର୍ଶନ କରି ପୁରସ୍କୃତ ମଧ୍ୟ ହୋଇଥିଲେ । ମୁକ୍ତାପୁର ସାଧନ କେନ୍ଦ୍ର ସଂଯୋଜିକା ପୂର୍ଣ୍ଣଲକ୍ଷ୍ମୀ ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ରାଉତ, ସୁଜାତା ପଣ୍ଡା, ମମତା ବେହେରା, ପଦ୍ମନାଭ ସାହୁ, ରମେଶ ଚନ୍ଦ୍ର ପ୍ରଧାନ, ସୁରେଶ ଚନ୍ଦ୍ର ସାହୁ, ଲକ୍ଷ୍ମୀଧର ପଣ୍ଡା, ଅଞ୍ଜଳୀ ବେହେରା, ନୃସିଂହମଣି ବେହେରା, ବିଭୂତିଜ୍ୟୋତି ପଟ୍ଟନାୟକ, ସୁନିତା ମହାରଣା, ଆଲିଆ ଫିର୍ଦୋଷ,ପ୍ରଣତି ବରାଳ, ବବିତା ଦତ୍ତ, ପ୍ରତିଭା ସାମନ୍ତରାୟ, ବିଜୟ କୁ ସାହୁ, ଅଜୟ ସାହୁ, ରାଜେଶ୍ୱରୀ ସାହୁ, ଚିଦାନନ୍ଦ କହଁର, ରଶ୍ମି ମିଶ୍ର, ସୁକାନ୍ତ ସେଠୀ, ଭରତ ନାୟକ, ସନ୍ଧ୍ୟାରାଣୀ ସାହୁ, ଦିଲୀପ ଭୁଜବଳ, ସ୍ନେହ ଲତା ସାହୁ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ । ପରିଶେଷରେ ରମେଶ କୁମାର ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମର ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

ନବରାତ୍ରର ପଂଚମ ଦିନରେ ମା' ପାଟଖଣ୍ଡାଙ୍କ ସ୍କନ୍ଦମାତା ବେଶ

ବାଲିଗୁଡ଼ା, ୧୫/୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡ଼ାର ଆରାଧ୍ୟା ତଥା ଅଂଚଳର ଅଧିଷ୍ଠାତ୍ରୀ ଦେବୀ ମା' ପାଟଖଣ୍ଡାଙ୍କ ପୀଠରେ ଭକ୍ତି ଓ ଆଧ୍ୟାତ୍ମିକତାର ମାହୋଲ ମଧ୍ୟରେ ପାଳିତ ହେଉଛି ପବିତ୍ର ଶାରଦୀୟ ନବରାତ୍ର

ଉତ୍ସବ । ନବରାତ୍ରର ପଂଚମ ଦିନରେ ମା' ପାଟଖଣ୍ଡା ଜଗତ୍ଜନନୀ ମା' ସ୍କନ୍ଦମାତାଙ୍କ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି । ମା'ଙ୍କ ଏହି ମନୋରମ ବେଶ ଭକ୍ତଙ୍କ ମନରେ ଭକ୍ତିଭାବ ଓ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରିଛି । ଶ୍ରୀ ଶ୍ରୀ ଶ୍ରୀ ମା' ପାଟଖଣ୍ଡା ଦୁର୍ଗାପୂଜା ସମିତି ଆନୁକୂଲ୍ୟରେ ମା'ଙ୍କ ମନ୍ଦିର ପରିସରରେ ନବରାତ୍ର ଉତ୍ସବ ଶ୍ରଦ୍ଧା, ନିଷ୍ଠା ଓ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେଉଛି । ପ୍ରତ୍ୟେକ ଦିନ ମା'ଙ୍କ ଭିନ୍ନ ଭିନ୍ନ ବେଶ ଓ ପୂଜାବିଧି ଭକ୍ତମାନଙ୍କ ମଧ୍ୟରେ ନୂଆ ଉତ୍ସାହ ସୃଷ୍ଟି କରୁଛି । ମା'ଙ୍କ ଦର୍ଶନ ଓ ଆଶୀର୍ବାଦ ଲାଭ ପାଇଁ ଶ୍ରଦ୍ଧାଳୁଙ୍କ ମନରେ ରହିଛି ଗଭୀର ଆଗ୍ରହ । ଚଳିତ ବର୍ଷର ନବରାତ୍ର ପୂଜାରେ କର୍ତ୍ତା ଭାବେ ରବୀନ୍ଦ୍ର କୁମାର ମିଶ୍ର ଓ ନମିତା ମହାପାତ୍ର ଦାୟିତ୍ୱ ତୁଲାଉଛନ୍ତି । ପୁରୀ ଶ୍ରୀକ୍ଷେତ୍ର ଧାମରୁ ଆସିଥିବା ହିମାଂଶୁ ଶେଖର ଶତପଥୀ, ଗଞ୍ଜାମ ଜିଲ୍ଲା ଖଟିଆ ରାମଚନ୍ଦ୍ରପୁର ଶାସନର ଚିନ୍ମୟ ଶତପଥୀ ଏବଂ କରପଡ଼ା ଗ୍ରାମର କାହ୍ନୁଚରଣ ପଣ୍ଡା ପୁରୋହିତ ଓ ପୂଜକ ଭାବେ ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି । ମା' ସ୍କନ୍ଦମାତାଙ୍କ ଉପାସନା ନବରାତ୍ରର ଏକ ମହତ୍ୱପୂର୍ଣ୍ଣ ଅଂଶ । ମା'ଙ୍କ ଏହି ସ୍ୱରୂପ ମାତୃତ୍ୱ, ସ୍ନେହ, କରୁଣା ଓ ମମତାର ପ୍ରତୀକ ଭାବେ ପୂଜିତ । ମା' ପାଟଖଣ୍ଡାଙ୍କ ପୀଠରେ ଚାଲିଥିବା ଏହି ନବରାତ୍ର ପୂଜା ଅଂଚଳର ଧାର୍ମିକ ପରମ୍ପରା ଓ ଲୋକଙ୍କ ଆସ୍ଥାକୁ ଆହୁରି ସୁଦୃଢ଼ କରୁଛି । ମା'ଙ୍କ ଆଶୀର୍ବାଦରେ ସମଗ୍ର ଅଂଚଳରେ ଶାନ୍ତି, ସମୃଦ୍ଧି ଓ ମଙ୍ଗଳ କାମନା କରି ଭକ୍ତମାନେ ପୂଜାର୍ଚ୍ଚନାରେ ସାମିଲ ହେଉଛନ୍ତି ।

ସାମନ୍ତିଆପଲ୍ଲୀ କଲେଜ ନିର୍ବାଚନ ଏଭିବିପି ଦଖଲ କଲା ୩ ଆସନ ସହସମ୍ପାଦକ ପଦ ଜିତିଲା ବିସିଜେଡି

ପାତ୍ରପୁର,୧୫/୧୦ (ଆ.ପ୍ର) : ବ୍ଲକ ସାମନ୍ତିଆପଲ୍ଲୀ ସ୍ଥିତ ଶ୍ରୀ ଭରତପତି ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ଏଭିବିପି ଓ ବିସିଜେଡି ମଧ୍ୟରେ ଜୋରଦାର ପ୍ରତିଦ୍ୱନ୍ଦ୍ୱିତା ଦେଖାଦେଇଛି । ଚାରିଟି ପଦବୀ ପାଇଁ ହୋଇଥିବା ନିର୍ବାଚନରେ ଏଭିବିପି ତିନୋଟି ଆସନ ହାତେଇଥିବା ବେଳେ ବିସିଜେଡି ଗୋଟିଏ ଆସନରେ ବିଜୟୀ ହୋଇଛି । ସଭାପତି ପଦରେ ଏଭିବିପି ପ୍ରାର୍ଥୀ ଶଙ୍କର ପ୍ରଧାନ ୧୯୯ ଭୋଟ ପାଇ ବିସିଜେଡି ପ୍ରାର୍ଥୀ ଶବର ଲିମାଙ୍କୁ ୧୦ ଭୋଟରେ ପରାସ୍ତ କରିଛନ୍ତି । ଶବର ଲିମା ୧୮୯ ଭୋଟ ପାଇଥିଲେ । ଉପସଭାପତି ପଦରେ ଈପ୍ସିତା ମିଶ୍ର ୨୦୪ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ବିସିଜେଡି ପ୍ରାର୍ଥୀ ରେଶମା ପ୍ରଧାନ ୧୮୧ ଭୋଟ ପାଇଥିଲେ । କ୍ରୀଡ଼ା ସମ୍ପାଦକ ପଦରେ ଜଗଦୀଶ ନାୟକ ୧୯୭ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ବିସିଜେଡି ପ୍ରାର୍ଥୀ ନିତ୍ୟାନନ୍ଦ ଭୂୟାଁ ୧୮୭

ଭୋଟ ପାଇଥିଲେ । ତେବେ ସହସମ୍ପାଦକ ପଦରେ ନିର୍ବାଚନ ଅଧିକ ରୋଚକ ହୋଇଥିଲା । ବିସିଜେଡି ପ୍ରାର୍ଥୀ ସୂରଜ ରାଉଳ ୧୯୫ ଭୋଟ ପାଇଥିବା ବେଳେ ଏଭିବିପି ପ୍ରାର୍ଥୀ ଶମ୍ଭୁ ପ୍ରଧାନ ୧୯୧ ଭୋଟ ପାଇଥିଲେ । ଫଳରେ ମାତ୍ର ୪ ଖଣ୍ଡ ଭୋଟରେ ସୂରଜ ବିଜୟୀ ହୋଇଥିଲେ । ଚାରିଟି ପଦବୀ ପାଇଁ ଆଠଜଣ ପ୍ରାର୍ଥୀଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା । ଏହି ଫଳାଫଳରେ ଏଭିବିପି ଅଧିକ ଆସନ ହାସଲ କରିଥିବା ବେଳେ ବିସିଜେଡି ମଧ୍ୟ ଗୋଟିଏ ପଦବୀରେ ବିଜୟ ଲାଭ କରିଛି । ଆସନ୍ତାକାଲି କଲେଜ ପରିସରରେ ନିର୍ବାଚିତ ପ୍ରତିନିଧିମାନଙ୍କର ଶପଥ ଗ୍ରହଣ କାର୍ଯ୍ୟକ୍ରମ ହେବ ବୋଲି ଜଣାପଡ଼ିଛି । ଅନ୍ୟ ପକ୍ଷରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ଭରତପତି ମହାବିଦ୍ୟାଳୟ ପରିସରରେ ଜଗତୀ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ସକାଳ ସମୟ ଠାରୁ ଉତ୍ତେଜନା ଦେଖାଯାଉଥିଲା । ଫଳାଫଳ ଘୋଷଣା ସମୟରେ ମହାବିଦ୍ୟାଳୟ ଗେଟ ସାମ୍ନାରେ ସାମାନ୍ୟ ପାଟିତୁଣ୍ଡ ହୋଇଥିବା ଜଣା ପଡିଛି । ବୟସ କମ୍ ଥିବା ଗଙ୍ଗା ଯମୁନା ଦୁଇ ପ୍ରାର୍ଥୀଙ୍କ ନାକଚ ହୋଇଥିବା ବେଳେ ଡ୍ରାମା ଟିକ୍ ସମ୍ପାଦକ, ଦିବାଧ୍ୟାୟୀ ଛାତ୍ର ସଂସଦ ସଂପାଦକ ପଦବୀ ପ୍ରାର୍ଥୀଙ୍କ ଫଳାଫଳ ଘୋଷଣା ନ କରିବାକୁ ହାଇକୋର୍ଟ ଚିଠି କରିଥିବା ଜଣାପଡ଼ିଛି ।

ଧରାପୃଷ୍ଠକୁ ଆସିବେ ବୋଲି ସଜେଇ ହେଉଛନ୍ତି ମା', ଉତ୍ସାହରେ ସହରବାସୀ

ଯାଜପୁର, ୧୫/୧୦ (ଆ.ପ୍ର) : ଯାଜପୁର ସହର ଅନ୍ତର୍ଗତ ସିଂହଘର, ବିରଜା ହାଟ, କୁଆଁସରପୁର, ବଡ଼ବଜାର ଭାଇଁ କେଉଁ କାଳରୁ ପୂଜା ମଣ୍ଡପରେ ପୂଜା ପାଉଛନ୍ତି ଦୁର୍ଗତିନାଶୀନି ଦେବୀ ଦୁର୍ଗା ମା' । ପ୍ରଥମେ ବର୍ଗୀୟ ମାନେ ୩ ଗୋଟି ମଣ୍ଡପରେ ମା' ଦୁର୍ଗାଙ୍କର ମୃଣ୍ମୟୀ ମୂର୍ତ୍ତୀ ପୂଜା କରୁଥିଲେ । ଏବେ ସହରର ପ୍ରତ୍ୟେକ ପରିବାର ସାମିଲ ହେବା ସହିତ ଚତୁର୍ଥ ମଣ୍ଡପରେ ପୂଜା ପାଉଛନ୍ତି ହରପାର୍ବତୀ । ଆଉ ଅଳ୍ପ ଦିନର ଅପେକ୍ଷା ଧରାପୃଷ୍ଠକୁ ଅବତରଣ କରିବେ ମା' ଦୁର୍ଗା । ସେଥିପାଇଁ ମନ୍ଦିର ମାଳିନୀ ସହର ବଡ଼ ବଜାର ପରିବେଶ ବେଶ୍ ପରିଷ୍କାର ହେବାସହ ସହର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସଜେଇ

ହେଉଛି ରାସ୍ତା । ମା'ଙ୍କ ଆଗମନକୁ ସ୍ୱାଗତ କରିବା ପାଇଁ ଚକଚକ ହୋଇଉଠିଛି ସହର । କେଉଁଠି ଭବ୍ୟ ତୋରଣ ତ କେଉଁଠି ରଙ୍ଗ ବେରଙ୍ଗର ଆଲୋକ ମାଳା ସହ ଆକର୍ଷଣୀୟ ସାଜସଜ୍ଜା । ନିଜ ନିଜର କଳା ଓ ନିପୁଣ କାରିଗରୀରେ ମା'ଙ୍କ ଆଗମନକୁ ସରସ ସୁନ୍ଦର ଓ ସ୍ମରଣୀୟ କରିବାପାଇଁ ଦିନରାତି ଏକ କରିଦେଇଛନ୍ତି ଶିଳ୍ପୀ ଓ କୁଶଳୀ କାରିଗର ମାନେ । କାରିଗରଙ୍କ ହାତର ଯାଦୁ ସାଙ୍ଗକୁ ସେମାନଙ୍କ ଅକ୍ଳାନ୍ତ ପରିଶ୍ରମରେ ଆକର୍ଷଣୀୟ ରୂପ ନେଉଛି ପୂଜା ମଣ୍ଡପ । ପ୍ରତ୍ୟେକ କଳାକୃତିରେ ରହିଛି ସୃଜନଶୀଳତା, ପରମ୍ପରା ଓ ମା'ଙ୍କ ପ୍ରତି ଅସୀମ ଭକ୍ତି । ସହରରେ ଥିବା ପୂଜା ମଣ୍ଡପ ମଧ୍ୟରେ ବଡ଼ ବଜାର, ବଙ୍ଗାଳି ସାହି, ସିଂହ ଘର ଦେବୀ ଦୁର୍ଗା ଓ ହରପାର୍ବତୀ ଛକର ହରପାର୍ବତୀ । ସବୁଠି ଚାଲିଛି ଜୋରଦାର ପ୍ରସ୍ତୁତି ଏବେ କେବଳ ଅପେକ୍ଷା ସେହି ପବିତ୍ର ମୁହୂର୍ତ୍ତକୁ ଯେତେବେଳେ ଧୂପ, ଦୀପ, ଶଙ୍ଖ ଧ୍ୱନି ଓ ଢୋଲ ମାଦଳର ତାଳେ ତାଳେ ଗୁଞ୍ଜରିତ ହେବ ସାରା ସହର । ପୂଜା ପାଇଁ ସହରକୁ ଆସିବେ ଦେଶ ବିଦେଶରେ ରହୁଥିବା ପ୍ରତ୍ୟେକ ବ୍ୟକ୍ତି, ବନ୍ଧୁ ବାନ୍ଧବରେ ହସି ଉଠିବ ଘର ଓ ଗାଁ ଦାଣ୍ଡ । ମା'ଙ୍କ ଆଗମନରେ ଭକ୍ତି ଓ ଆନନ୍ଦରେ ଭରିଯିବ ପ୍ରତ୍ୟେକଟି ହୃଦୟ ।

ଆଂଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଆୟୋଜିତ

ନିମାପଡା, ୧୫/୧୦ (ଆ.ପ୍ର) : ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ସୃଜନଶୀଳତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆଂଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି ୨୦୨୬', ୧୪-୧୯-୨୬ ରିଖ ବୁଧବାର ଦିନ ନିମାପଡ଼ା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧିନସ୍ଥ ସରକାରୀ ଉଚ୍ଚବିଦ୍ୟାଳୟ, ବାମନାଳ ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଏହି ମହୋତ୍ସବରେ ନଅ ଗୋଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦାନ ଦେଇ ବିଭିନ୍ନ ପ୍ରତିଯୋଗିତାରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ଆଂଚଳିକ ସାଧନ କେନ୍ଦ୍ର ବାମନାଳର ସାଧନ ସଂଯୋଜକ ସେଖ୍ ମେହେଫୁଜ୍ ହୁସେନ୍ଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସରକାରୀ ଉଚ୍ଚବିଦ୍ୟାଳୟ, ବାମନାଳର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ପଣ୍ଡା ମୁଖ୍ୟ ଅତିଥି ଭାବରେ ଏବଂ ଛଣିଙ୍ଗ କ୍ଲଷ୍ଟରର ସିଆରସିସି ଅବଦୁଲ୍ ମିସ୍କିନ୍ ଖାନ୍ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ନିମନ୍ତେ ଗୁରୁତ୍ୱାରୋପ କରିଥିଲେ । ବିଦ୍ୟାଳୟର ଶିକ୍ଷକ ତଥା ବାମନାଳ ଆଂଚଳିକ ସାଧନ କେନ୍ଦ୍ରର ସିଆରସି ସନ୍ଦୀପ ନାରାୟଣ ଦାଶ କାର୍ଯ୍ୟକ୍ରମଟିକୁ ପରିଚାଳନା କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ୧୩ ଟି ବିଭାଗରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ମଧ୍ୟରୁ ଗଳ୍ପ ପ୍ରତିଯୋଗୀତାରେ ବରିଷ୍ଠ ବିଭାଗରେ ଶୁଭଲକ୍ଷ୍ମୀ ସାହୁ, କନିଷ୍ଠ ବିଭାଗରେ ସନ୍ଦୀପ୍ତା ନାୟକ,ବକ୍ତୃତାରେ ଅନନ୍ୟା ଅନୁଷା ଜେନା, ଶିଳ୍ପ କଳାରେ ପ୍ରତ୍ୟାଶା ବାରିକଙ୍କ ସମେତ ବିଭିନ୍ନ ବିଭାଗରେ ଶୁଭଲକ୍ଷ୍ମୀ ସାହୁ, ସୋମ୍ୟାସୁଚରୀତା, ପ୍ରିୟଦର୍ଶିନୀ ନାୟକ, ପ୍ରଶୁବ୍ରତ ଦାଶ, କୈଶଲ୍ୟା ବେହେରା, ପ୍ରଦୀପ୍ତା ନାୟକ ଇତ୍ୟାଦି ପ୍ରଥମ ସ୍ଥାନରେ ପୁରସ୍କୃତ ହୋଇ ବ୍ଲକ୍ ସ୍ତରକୁ ମନୋନୀତ ହୋଇଛନ୍ତି । ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିକ୍ଷକ ଚିତରଞ୍ଜନ ଦାଶ, ପ୍ରସନ୍ନ କୁମାର ନାୟକ, ସୋନାଲିନି ସାହୁ, ସୋନାଲି ସେଠୀ, କାଜଲ ମହାରଣା, ଜ୍ୟୋତି ପଟ୍ଟନାୟକ, ନିରଞ୍ଜନ ଶବର, ସୁଶାନ୍ତ କୁମାର ପେଣ୍ଡୋଇ, ସୌଭାଗ୍ୟ କୁମାର ଦାଶ, ଶଶି ଭୂଷଣ ପ୍ରଧାନ, ନିଳକଣ୍ଠ ଦାଶ, ତନୁ ପ୍ରିୟା ବେହେରା, ଅଶୋକ କୁମାର ମହାନ୍ତି, ହର ପ୍ରସାଦ ପଣ୍ଡା, ବେବିନା ନାୟକ, ଚିନ୍ମୟୀ ପ୍ରିୟଦର୍ଶିନୀ, କଳ୍ପନା ଜେନା, ସ୍ୱାଗତିକା ସାହୁ ପ୍ରମୁଖ ସୁରଭି ଭଳି ଏକ ଛାତ୍ରୋନ୍ନୟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ଅବକାରୀ ଇନ୍ସପେକ୍ଟର ସୁଧୀର ସାହୁଙ୍କ ନେତୃତ୍ୱରେ ଚଢ଼ାଉ, ୩ ଗିରଫ

କୋରାପୁଟ, ୧୫/୧୦ (ଆ.ପ୍ର) : କୋରାପୁଟ ଜିଲ୍ଲାରେ ବେଆଇନ ଦେଶୀ ମଦ ପ୍ରସ୍ତୁତି ଓ କାରବାର ରୋକିବା ଲକ୍ଷ୍ୟରେ ଅବକାରୀ ବିଭାଗ ପକ୍ଷରୁ ଧରପଗଡ଼ ଅଭିଯାନ ଜୋରଦାର କରାଯାଇଛି । ବେଆଇନ ଭାବେ ଦେଶୀ ମଦ ପ୍ରସ୍ତୁତ କରାଯାଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ କୋରାପୁଟ ଅବକାରୀ ଇନ୍ସପେକ୍ଟର ସୁଧୀର ସାହୁଙ୍କ ନେତୃତ୍ୱରେ ବିଭାଗୀୟ ଟିମ୍ ବିଭିନ୍ନ ଅଂଚଳରେ ଚଢ଼ାଉ କରିଛି । ଏହି ଅଭିଯାନରେ ମୋଟ ୩ ଜଣଙ୍କୁ ଗିରଫ କରାଯିବା ସହ ୨୫ ଲିଟର ଦେଶୀ ମଦ ଜବତ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ସେମିଳିଗୁଡ଼ା, କଂଟାଗୁଡ଼ା ଓ କୋରାପୁଟ ସଦର ଅନ୍ତର୍ଗତ ମୋହନପଡ଼ା ଅଂଚଳରେ ଚଢ଼ାଉ କରିଥିଲା । ଏହି ସମୟରେ ସେମିଳିଗୁଡ଼ା ଥାନା ଅନ୍ତର୍ଗତ ଭାଲିଆଗୁଡ଼ା ଗ୍ରାମର ରବି ଖିଲ, କଂଟାଗୁଡ଼ାର ଧନାଇ ଖୋସଲା ଏବଂ କୋରାପୁଟ ସଦର ମୋହନପଡ଼ାର ଗୁରୁମୂର୍ତ୍ତି ଖିଲଙ୍କୁ ବେଆଇନ ଦେଶୀ ମଦ କାରବାର ଅଭିଯୋଗରେ ଗିରଫ କରାଯାଇଛି । ଅବକାରୀ ବିଭାଗର ସୂଚନା ଅନୁସାରେ, ଚଢ଼ାଉ ବେଳେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ନିକଟରୁ ମୋଟ ୨୫ ଲିଟର ଦେଶୀ ମଦ ଜବତ କରାଯାଇଥିଲା । ପରେ ଜବତ ମଦକୁ ନଷ୍ଟ କରାଯାଇଥିବା ଜଣାପଡ଼ିଛି । ଏହି ଚଢ଼ାଉ ଅଭିଯାନରେ ଅବକାରୀ ଅଧିକାରୀ ସୁଶୀଲ କୁମାର ଭୁଏ (ଓଆଇସି), ଉପନିରୀକ୍ଷକ ଲକ୍ଷ୍ମୀ ରେଡ୍ଡୀ, ମକସଦ ଅଲି, ଦୁର୍ଯ୍ୟୋଧନ ପୂଜାରୀ, ଭାଗୀରଥି ସ୍ୱାଇଁ, କପିଳ ସାହୁ ଓ ମମତାମୟୀ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ । ବେଆଇନ ମଦ ପ୍ରସ୍ତୁତି ଓ ବିକ୍ରି ଉପରେ ଅଙ୍କୁଶ ଲଗାଇବା ପାଇଁ ଅବକାରୀ ବିଭାଗର ଏହି ଅଭିଯାନକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି ।

କାନ୍ତିପୁରରେ ପଢୁଆ ଆଂଚଳିକ ସାଧନା କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭୀ ୨୦୨୬ ଅନୁଷ୍ଠିତ

ବାସୁଦେବପୁର, ୧୫/୧୦ (ଆ.ପ୍ର) : ପିଲାଙ୍କ ଭିତରେ ଲୁଚି ରହିଥିବା ପ୍ରତିଭାର ବିକାଶ ସହ ଶିକ୍ଷା, ସଂସ୍କୃତି ଓ ସୃଜନଶୀଳତାକୁ ମିଳିଲା ନୂଆ ପରିଚୟ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ, ଉଦ୍ଦୀପନା ଓ ପ୍ରତିଯୋଗିତାର ମାହୋଲ । ଏକାଠି ହେଲେ ୧୧ଟି ବିଦ୍ୟାଳୟର ୨୨୩ ଜଣ ଛାତ୍ରଛାତ୍ରୀ । ଆଉ ଏହି ଅବସର ଥିଲା ଆଂଚଳିକ ସାଧନା କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭୀ-୨୦୨୬' । କାନ୍ତିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା ଏହି ଶିଶୁ ମହୋତ୍ସବ । ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାର ଅନ୍ୱେଷଣ, ସୃଜନଶୀଳତାର ବିକାଶ ଏବଂ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବାର ଲକ୍ଷ୍ୟ ନେଇ କାନ୍ତିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଆୟୋଜିତ ହୋଇଥିଲାପଢୁଆ ଆଂଚଳିକ ସାଧନା କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭୀ-୨୦୨୬' । ଏହି ମହୋତ୍ସବରେ 'ସମୃଦ୍ଧ ଭାଷା, ସମୃଦ୍ଧ ଓଡ଼ିଶା'ର ବାର୍ତ୍ତାକୁ ଗୁରୁତ୍ୱ ଦିଆଯାଇଥିଲା । ୧୧ଟି ବିଦ୍ୟାଳୟରୁ ୨୨୭ ଜଣ

ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ପାଠପଢ଼ା ସହ ପିଲାଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏବଂ ସେମାନଙ୍କ ମନରେ ଆତ୍ମବିଶ୍ୱାସ ଭରିବା ଥିଲା ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ । କାର୍ଯ୍ୟକ୍ରମରେ କୁମାର ଗ୍ରାମ ପଂଚାୟତର ସରପଂଚ ଗାୟତ୍ରୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ କୁମାରପୁର ସମିତି ସଭ୍ୟ ସୁଶାନ୍ତ କୁମାର ନାୟକ, ଆଂଚଳିକ ସାଧନା କେନ୍ଦ୍ରର ସଂଯୋଜକ ସୁକାନ୍ତ କୁମାର ମଳିକ ଏବଂ କାନ୍ତିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁଭେନ୍ଦୁ କୁମାର ବିଶ୍ୱାଳଙ୍କ ସମେତ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ । ଏହି ଅବସରରେ ସମରେନ୍ଦ୍ର ରାଉତ, ସୁନାରାମ କର, ଆଶିଷ କୁମାର ରାଉତ, ଅନୁଶୟା ମହାପାତ୍ର, ମିନତୀ ମଳିକ, ଶ୍ରୀକାନ୍ତ ସାହୁ, ସୁଦର୍ଶନ ପାତ୍ର ଓ ରଞ୍ଜିତାମୟୀ ମାଝୀଙ୍କ ସମେତ ପରିଚାଳନା କମିଟିର ସଭାପତି ଅଜୟ କୁମାର ମଲ୍ଲିକ ଏବଂ ବିଜୟ ଚନ୍ଦ୍ର ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରି ଉତ୍ସାହିତ କରାଯାଇଥିଲା । ପିଲାଙ୍କ ପ୍ରତିଭାର ବିକାଶ, ମାତୃଭାଷା ପ୍ରତି ଆଗ୍ରହ ଏବଂ ଶିକ୍ଷା କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି କରିବାରେ 'ସୁରଭୀ-୨୦୨୬' ଏକ ଗୁରୁତ୍ୱପୂର୍ଣ୍ଣ ମଂଚ ପାଲଟିଛି । ଏଭଳି କାର୍ଯ୍ୟକ୍ରମ ଶିଶୁଙ୍କ ଭବିଷ୍ୟତ ଗଠନରେ ନୂଆ ପ୍ରେରଣା ଯୋଗାଇବ ବୋଲି ଆଶା ।

ଦୁଇ କୁନି ଝିଅଙ୍କୁ ମିଳିଲା ସରକାରୀ ସହାୟତା, ମିଳିଲା ରାସନ କାର୍ଡ, ଶ୍ରବଣ ଯନ୍ତ୍ର ଓ ବର୍ଦ୍ଧିତ ଭତା

ଲଙ୍ଗଳେଶ୍ୱର, ୧୫/୧୦ (ଆ.ପ୍ର) : ସରକାରୀ ଯୋଜନା ସମ୍ପର୍କରେ ସଚେତନତା ଓ ଆବଶ୍ୟକୀୟ ଦସ୍ତାବିଜର ଅଭାବ ଯୋଗୁଁ ଅନେକ ଯୋଗ୍ୟ ହିତାଧିକାରୀ ସହାୟତାରୁ ବଂଚିତ ହେଉଛନ୍ତି । ଏପରି ଅସହାୟ ପରିବାରଙ୍କୁ ଚିହ୍ନଟ କରି ପ୍ରଶାସନର ସହଯୋଗରେ ସରକାରୀ ଯୋଜନାରେ ସାମିଲ କରିବା ପାଇଁ 'ଆମ ଅଧିକାର ଫାଉଣ୍ଡେସନ'ର ପ୍ରୟାସ ପୁଣି ସଫଳ ହୋଇଛି ।

ସୂଚନା ଅନୁଯାୟୀ, ଉତାଇ ଗ୍ରାମ ପଂଚାୟତର ଭାନୁପୁର ଗ୍ରାମର ଜସ୍ମିନ ନାୟକ ଜଣେ ବାପଛେଉଣ୍ଡ କୁନି ଝିଅ । ତାଙ୍କ ପରିବାର କହିଲେ ବିଧବା ମାଆ ଓ ସେ ନିଜେ । ଜମିବାଡ଼ି ନଥିବା ଏହି ଆର୍ଥିକ ଦୁର୍ବଳ ପରିବାର ଦସ୍ତାବିଜ ସମସ୍ୟା ଯୋଗୁଁ ଦୀର୍ଘ ତିନି ବର୍ଷ ଧରି ରାସନ କାର୍ଡରୁ ବଂଚିତ ଥିଲେ । ସେହିପରି, ବୋଳଂ ଗ୍ରାମ ପଂଚାୟତର ବୋଳଂ ଗ୍ରାମର ଭିନ୍ନକ୍ଷମ କୁନି ଝିଅ ଶୁକଲତା ମଲ୍ଲିକ ପରିବାରର ଅସହାୟତା ଓ ସଚେତନତା ଅଭାବରୁ ଅନଲାଇନ୍ ଭିନ୍ନକ୍ଷମ ପ୍ରମାଣପତ୍ର ପାଇବାରୁ ବଂଚିତ ହୋଇଥିଲେ । ଫଳରେ ତାଙ୍କ ଭତା ପାଇବାରେ ମଧ୍ୟ ସମସ୍ୟା ଦେଖାଦେଇଥିଲା । ଏହି ଦୁଇ ଝିଅଙ୍କ ସମସ୍ୟା ସମ୍ପର୍କରେ ଆମ ଅଧିକାର ଫାଉଣ୍ଡେସନର ପ୍ରତିଷ୍ଠାତା ରାଜକିଶୋର ପାତ୍ର ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାସଙ୍କୁ ଅବଗତ କରାଇଥିଲେ । ବିଡିଓଙ୍କ ନିର୍ଦ୍ଦେଶ ପରେ ଯୋଗାଣ ଓ ଭତା ବିଭାଗର ପରାମର୍ଶକ୍ରମେ ଫାଉଣ୍ଡେସନର କର୍ମକର୍ତ୍ତାମାନେ ଆବଶ୍ୟକ ଦସ୍ତାବିଜ ସଂଗ୍ରହ କରି ବିଭାଗରେ ଦାଖଲ କରିଥିଲେ । ଏହାର ଫଳସ୍ୱରୂପ, ଆଜି ବାଲିଆପାଳ ବ୍ଲକ କାର୍ଯ୍ୟାଳୟରେ ବିଡିଓ ରାଧା ରଞ୍ଜନ ଦାସ ଜସ୍ମିନଙ୍କୁ ରାସନ କାର୍ଡ ଏବଂ ଶୁକଲତାଙ୍କୁ ଏକ ଶ୍ରବଣ ଯନ୍ତ୍ର ପ୍ରଦାନ କରିଥିଲେ । ଏଥିସହ ସାମାଜିକ ସଂଗଠନ ପ୍ରୟାସରେ ଶୁକଲତାଙ୍କ ଅନଲାଇନ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରସ୍ତୁତ ପରେ ତାଙ୍କ ଭତା ପୁନଃ ଚାଲୁ କରିବା ସହ ମାସିକ ୩,୫୦୦ ଟଙ୍କାର ବର୍ଦ୍ଧିତ ଭତା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି । ଏହି ଅବସରରେ ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ମହାରଣା, ଜିପିଡିଓ ପ୍ରିୟବ୍ରତ ଗିରି ଏବଂ ଫାଉଣ୍ଡେସନର ସଦସ୍ୟ ରାଜକିଶୋର ପାତ୍ର ଓ କଟି ମାରାଣ୍ଡି ଉପସ୍ଥିତ ଥିଲେ । ଯୋଗ୍ୟ ହିତାଧିକାରୀଙ୍କ ସମସ୍ୟା ସଠିକ୍ ସମୟରେ ପ୍ରଶାସନ ନିକଟରେ ପହଂଚିଲେ ସେମାନେ ସରକାରୀ ସହାୟତା ପାଇପାରିବେ ବୋଲି ବିଡିଓ ପ୍ରକାଶ କରିଥିଲେ । ଏହି ମିଳିତ ପ୍ରୟାସକୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି ।

ପୁଲିସ ପ୍ରଶାସନ ପକ୍ଷରୁ ଦୁର୍ଗାପୂଜା ଓ ରାବଣପୋଡ଼ି ପାଇଁ ବାଲେଶ୍ୱର ସହରରେ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା

ବାଲେଶ୍ୱର, ୧୫/୧୦ (ଆ.ପ୍ର) : ଦୁର୍ଗାପୂଜା ଓ ରାବଣପୋଡ଼ି ଉତ୍ସବକୁ ଦୃଷ୍ଟିରେ ରଖି ବାଲେଶ୍ୱର ସହରରେ ଟ୍ରାଫିକ୍ ନିୟନ୍ତ୍ରଣ ଓ ଜନସାଧାରଣଙ୍କ ଯାତାୟାତକୁ ସୁବ୍ୟବସ୍ଥିତ କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରାଯାଇଛି । ସହରରେ ଅକ୍ଟୋବର ୧୬ରୁ ୨୧ ତାରିଖ ପର୍ଯ୍ୟନ୍ତ ଦୁର୍ଗାପୂଜା ପାଳନ ହେବାକୁ ଥିବାବେଳେ ୨୨ ତାରିଖରେ ମା' ଦୁର୍ଗାଙ୍କ ବିସର୍ଜନ ଶୋଭାଯାତ୍ରା ଅନୁଷ୍ଠିତ ହେବ । ଏହି ଅବଧିରେ ପ୍ରତିଦିନ ଅପରାହ୍ନ ୨ଟାରୁ ଭିଡ଼ ନିୟନ୍ତ୍ରଣ ଶେଷ ହେବା ପର୍ଯ୍ୟନ୍ତ ନିର୍ଦ୍ଧାରିତ ସ୍ଥାନଗୁଡ଼ିକରେ ଗାଡ଼ି ପାର୍କିଂ କରାଯାଇପାରିବ । ପାର୍କିଂ ପାଇଁ ଆରଟିଓ କାର୍ଯ୍ୟାଳୟ ପରିସର, ପୁରୁଣା ଷ୍ଟାଡିୟମ୍, ଡିଏଚ୍ଏଚ୍ ସମ୍ମୁଖସ୍ଥ ମୋର୍ ମଲ୍ କମ୍ପ୍ଲେକ୍ସ, ମିଶନ ହାଇସ୍କୁଲ ପଡ଼ିଆ, ସିଦ୍ଧି କଲ୍ୟାଣ ମଣ୍ଡପ-୧ ଓ ୨, ଏଫ୍ଏମ୍ କଲେଜ ପଡ଼ିଆ, କୋର୍ଟ ପରିସର, ବିଏସ୍ଏନ୍ଏଲ୍ ଓ ଡାକଘର ପରିସର, ବାଲେଶ୍ୱର-ଭଦ୍ରକ ସମବାୟ ବ୍ୟାଙ୍କ, ଏଫ୍ଏମ୍ ଗୋଲେଇ ଏବଂ ଆଇଟିଆଇ ପଡ଼ିଆକୁ ଚିହ୍ନଟ କରାଯାଇଛି । ସେହିପରି ଅକ୍ଟୋବର ୨୦ ତାରିଖରେ ରାବଣପୋଡ଼ି ଉତ୍ସବ ପାଇଁ ଅପରାହ୍ନ ୪ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ରହିବ । ଏଥିପାଇଁ ସମ୍ବାଦ କାର୍ଯ୍ୟାଳୟ ଛକ ଦେଇ ଶିକ୍ଷାଂଚଳ ପରିସର, ଆଇଟିଆଇ ହାଇସ୍କୁଲ ପରିସର, ଆରଟିଓ କାର୍ଯ୍ୟାଳୟ ପରିସର, ଆଇଟିଆଇ ହାଇସ୍କୁଲ ନିକଟସ୍ଥ ଏସ୍?ବିଆଇ ଏଟିଏମ୍ ଲେନ୍, ସରକାରୀ ଆଇଟିଆଇ ପରିସର ଏବଂ ଆୟକର କାର୍ଯ୍ୟାଳୟ ପରିସରରେ ଗାଡ଼ି ପାର୍କିଂ କରାଯାଇପାରିବ । ଉତ୍ସବ ସମୟରେ ଟ୍ରାଫିକ୍ ସମସ୍ୟା ଏଡ଼ାଇବା ଓ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଜନସାଧାରଣ ନିର୍ଦ୍ଧାରିତ ପାର୍କିଂ ସ୍ଥାନ ବ୍ୟବହାର କରିବା ସହ ପୁଲିସ ପ୍ରଶାସନକୁ ସହଯୋଗ କରିବାକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ବାଲେଶ୍ୱରଙ୍କ ପକ୍ଷରୁ ଅନୁରୋଧ କରାଯାଇଛି ।

କଲେଜର ଛାତ୍ର ସଂସଦ ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ

ସିମୁଳିଆ, ୧୫/୧୦ (ଆ.ପ୍ର) : ଗୁରୁବାର ଦିନ ସିମୁଳିଆ ମହାବିଦ୍ୟାଳୟ ଓ ବାଲିଖଣ୍ଡ ଡିଗ୍ରୀ କଲେଜର ଛାତ୍ର ସଂସଦ ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ନିର୍ବାଚନ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିଥିଲା । ଅପରାହ୍ନ ୩ଟାରୁ ଭୋଟ ଗଣତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଭୋଟ ଗଣତିରେ ସିମୁଳିଆ ମହାବିଦ୍ୟାଳୟର ସଭାପତି ଭାବେ ରାମ ଚନ୍ଦ୍ର ପଣ୍ଡା, ଉପସଭାପତି ଜୀବନ ଜ୍ୟୋତି ଜେନା, ସାଧାରଣ ସମ୍ପାଦକ ହରେକୃଷ୍ଣ ପାଢ଼ି, ସହ ସାଧାରଣ ସମ୍ପାଦକ ଆକାଶ ନାୟକ, କ୍ରୀଡା ସମ୍ପାଦିକା ପ୍ରିୟଙ୍କା ବେହେରା, ସହ କ୍ରୀଡା ସମ୍ପାଦକ ଭକ୍ତି ରଞ୍ଜନ ସାହୁ, ଡିଏସଏ ସମ୍ପାଦକ ନିର୍ମଳ କୁମାର ରାଉତ, ଡ୍ରାମାଟିକ ସମ୍ପାଦକ ମୁକେଶ କୁମାର ଦାସ, ଛାତ୍ର କମନରୁମ ସମ୍ପାଦକ ବାଜପେୟୀ ବାଲ ଗୋପାଳ ମିଶ୍ର ପ୍ରମୁଖ ନିର୍ବାଚିତ ହୋଇଥିବା ନେଇ ନିର୍ବାଚନ ଅଧିକାରୀ ଅଧ୍ୟାପକ ମାଷ୍ଟର ଆପୋଲ ସୂଚନା ଦେଇଛନ୍ତି । ସେହିପରି ବାଲିଖଣ୍ଡ ଡିଗ୍ରୀ କଲେଜରେ ଛାତ୍ର ସଂସଦ ନିର୍ବାଚନ କଲେଜ ଅଧକ୍ଷ ରମେଶ ଚନ୍ଦ୍ର ପଣ୍ଡା ଓ ନୋଡାଲ ଅଫିସର ସୁଧୀର ମୁଦୁଲିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ସହମତି କ୍ରମେ ମନୋନୟନ କରାଯାଇଛି । ସଭାପତି ଭାବେ ଜ୍ୟୋତ୍ସ୍ନାରାଣୀ ମହାନ୍ତି, ଉପସଭାପତି ଦୀନେଶ କୁମାର ଜେନା, ସାଧାରଣ ସମ୍ପାଦକ ଗୁଡୁଲ ନାୟକ, ସହ ସମ୍ପାଦକ ଅମୂଲ୍ୟ ଶିଅଳ, କ୍ରୀଡା ସମ୍ପାଦକ ରାଜେଶ୍ୱର ସାହୁ, କ୍ରୀଡା ସହ ସମ୍ପାଦକ ରାଜେଶ ଲେଙ୍କା, ଡ୍ରାମାଟିକ ସମ୍ପାଦକ ଶୁଭସ୍ମିତା ଜେନା, ଡ୍ରାମାଟିକ ସହ ସମ୍ପାଦକ ସୋନାଲିକା ସାମଲ, ଛାତ୍ର ରିପ୍ରେଜେଣ୍ଟିଭ ଉତ୍ତପ୍ରଭା ନାୟକ ପ୍ରମୁଖ ମନୋନୀତ ହୋଇ ନିର୍ବାଚିତ ହୋଇଛନ୍ତି । ଏହି ନିର୍ବାଚନରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରାଇବା ପାଇଁ ସିମୁଳିଆ ଥାନା ଅଧିକାରୀ ଦେବରାଜ ଜେନାଙ୍କ ନେତୃତ୍ୱରେ ତାଙ୍କ ଟିମ କଲେଜ ସମ୍ମୁଖରେ କଡା ନଜର ରଖିବା ସହ ବ୍ୟାପକ ପୋଲିସ ମୁତୟନ କରିଥିଲେ ।

କାର୍ଯ୍ୟରେ ଅବହେଳା ଅଭିଯୋଗ: ବାଲେଶ୍ୱର ଜେଲର ପ୍ରଦୀପ୍ତ କୁମାର ମହାଲିକ ନିଲମ୍ବିତ

ବାଲେଶ୍ୱର, ୧୫/୧୦ (ଆ.ପ୍ର) : କାର୍ଯ୍ୟରେ ଅବହେଳା ଅଭିଯୋଗରେ ବାଲେଶ୍ୱର ଜିଲ୍ଲା କାରାଗାରର ଜେଲର ପ୍ରଦୀପ୍ତ କୁମାର ମହାଲିକଙ୍କୁ ନିଲମ୍ବନ କରାଯାଇଛି । ଜେଲ ଡିଜି ତାଙ୍କୁ ନିଲମ୍ବିତ କରିଥିବା ଜଣାପଡ଼ିଛି । ତେବେ ନିଲମ୍ବନର ନିର୍ଦ୍ଦିଷ୍ଟ କାରଣ ସମ୍ପର୍କରେ ବିଭାଗ ପକ୍ଷରୁ ବିସ୍ତୃତ ସୂଚନା ମିଳିନାହିଁ । ଅନ୍ୟପକ୍ଷରେ, ଜେଲ ଡିଆଇଜି ଅନସୂୟା ଜେନା ବାଲେଶ୍ୱର ଜିଲ୍ଲା କାରାଗାର ପରିଦର୍ଶନ କରିଥିଲେ । ତାଙ୍କର ଏହି ଗସ୍ତକୁ ନେଇ ବିଭିନ୍ନ ଚର୍ଚ୍ଚା ହୋଇଥିଲେ ମଧ୍ୟ ଜେଲରଙ୍କ ନିଲମ୍ବନ ସମ୍ପର୍କରେ ସେ କୌଣସି ମତାମତ ଦେଇନଥିଲେ । ସେ କେବଳ ସରକାରୀ କାର୍ଯ୍ୟରେ ଆସିଥିବା କହିଥିଲେ । କାରାଗାରର ପରିଚାଳନା, ଶୃଙ୍ଖଳା ରକ୍ଷା ଏବଂ ଅଧିକାରୀଙ୍କ ଦାୟିତ୍ୱ ସମ୍ପାଦନକୁ ନେଇ ଏହି ଘଟଣା ଗୁରୁତ୍ୱ ବହନ କରୁଛି । ତେବେ ଜେଲରଙ୍କ ନିଲମ୍ବନ ପଛରେ ଥିବା ପ୍ରକୃତ କାରଣ ଏବଂ ଏହା ସମ୍ପର୍କିତ ଅଧିକ ସରକାରୀ ତଥ୍ୟକୁ ଅପେକ୍ଷା କରାଯାଉଛି । ଏ ସମ୍ପର୍କରେ ଜେଲ ବିଭାଗର ପରବର୍ତ୍ତୀ ସୂଚନା ପରେ ଘଟଣାର ଅଧିକ ସ୍ପଷ୍ଟତା ମିଳିପାରିବ ।

ଦେଶୀ ମଦ ଜବତ, ୦୩ ଗିରଫ

ସିମୁଳିଆ, ୧୫/୧୦ (ଆ.ପ୍ର) : ବାଲେଶ୍ୱର ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ସିମୁଳିଆ ଥାନା ଅନ୍ତର୍ଗତ ଜାମୁଝାଡ଼ି ବଜାର ଓ ମାର୍କୋଣା ରେଲୱେ କଲୋନୀରେ ଚଢ଼ାଉ କରାଯାଇ ୧୫୦ ଲିଟର ଦେଶୀ ମଦ ଜବତ କରିବା ସହିତ ବଣା ଗ୍ରାମର ଜିତେନ୍ଦ୍ର ଶିଅଳ, ରାମୋ ଗ୍ରାମର ସଞ୍ଜୟ ମୁର୍ମୁ ଓ ଜାମୁଝାଡ଼ି ଗ୍ରାମର ତପନ କୁମାର ଆରୁଖଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜବତ ହୋଇଥିବା ମଦର ଆନୁମାନିକ ମୂଲ୍ୟ ୩୫ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ଖଇରା ଅବକାରୀ ଥାନା ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା ଓ କନେଷ୍ଟବଳ ଦେବାଶିଷ ମଲ୍ଲିକ, ଶଶୀକାନ୍ତ ସାହୁ ପ୍ରମୁଖ ସାମିଲ ଥିଲେ । ଏନେଇ ଖଇରା ଅବକାରୀ ଥାନା ପକ୍ଷରୁ ୦୩ ଗୋଟି ମାମଲା ରୁଜୁ କରାଯାଇଛି ।

ଶିଶୁ ଶ୍ରମ ଉଚ୍ଛେଦ ଓ ଡ୍ରପ୍ଆଉଟ୍ ରୋକିବାକୁ ଏସ୍ଏମ୍ସି ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୧୫/୧୦ (ଆ.ପ୍ର) : ଶିଶୁ ଶ୍ରମ ଉଚ୍ଛେଦ ସହ ବିଦ୍ୟାଳୟରୁ ପାଠପଢ଼ା ଅଧାରୁ ଛାଡୁଥିବା ପିଲାଙ୍କୁ ପୁନର୍ବାର ଶିକ୍ଷାର ମୁଖ୍ୟସ୍ରୋତକୁ ଫେରାଇ ଆଣିବା ଉପରେ ଗୁରୁତ୍ୱାରୋପ କରି ମହାବୀର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟ ପରିଚାଳନା କମିଟି (ଏସ୍ଏମ୍ସି)ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ସୁରମା ନନ୍ଦ ବୈଠକରେ ଅଧକ୍ଷତା କରିଥିଲେ । ବୈଠକରେ ଯୋଗଦେଇ ସହକାରୀ ଶ୍ରମ ଅଧିକାରୀ ରତ୍ନାକର ମଲ୍ଲିକ ଶିଶୁ ଶ୍ରମ ନିରାକରଣ ଓ ବିଦ୍ୟାଳୟରୁ ପିଲାଙ୍କ ପାଠପଢ଼ା ଛାଡ଼ିବା ସମସ୍ୟା ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟ ଛାଡ଼ିଥିବା ପିଲାମାନଙ୍କୁ ଚିହ୍ନଟ କରି ପୁନର୍ବାର ସ୍କୁଲକୁ ଫେରାଇ ଆଣିବା ସହ ଶିଶୁ ଶ୍ରମର କୁପରିଣାମ ସମ୍ପର୍କରେ ଅଭିଭାବକ ଓ ସାଧାରଣ ଲୋକଙ୍କୁ ସଚେତନ କରିବା ଜରୁରୀ ବୋଲି ସେ କହିଥିଲେ । ପ୍ରତ୍ୟେକ ଶିଶୁଙ୍କ ଶିକ୍ଷା ଅଧିକାରର ସୁରକ୍ଷା ସହ ସେମାନଙ୍କୁ ଏକ ସୁରକ୍ଷିତ ଓ ଅନୁକୂଳ ପରିବେଶରେ ଶିକ୍ଷାଦାନ ସୁନିଶ୍ଚିତ କରିବା ପାଇଁ ବିଦ୍ୟାଳୟ, ଅଭିଭାବକ ଓ ସମାଜର ସମସ୍ତଙ୍କୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ । ବୈଠକରେ ଶିକ୍ଷୟିତ୍ରୀ ଇନ୍ଦୁମତୀ ପଣ୍ଡା, ରଜିଶ କୁମାର ଦାସ ଏବଂ ଶିଶୁ ଶ୍ରମ ବିରୋଧୀ ଅଭିଯାନ (ସିଏସିଏଲ)ର ଜିଲ୍ଲା ଆବାହକ ଉଦାଚକ ମହାନ୍ତି ଉପସ୍ଥିତ ଥିଲେ । ଶିଶୁ ଶ୍ରମମୁକ୍ତ ସମାଜ ଗଠନ ଓ ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷାର ସୁଯୋଗ ଦେବା ପାଇଁ ସମସ୍ତଙ୍କ ମିଳିତ ପ୍ରୟାସ ଅପରିହାର୍ଯ୍ୟ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା ।

ସିଦ୍ଧବାରଙ୍ଗ ଡିଗ୍ରୀ କଲେଜରେ ସ୍ୱାଗତ ଉତ୍ସବ ପାଳିତ

ଜଗତସିଂହପୁର, ୧୫/୧୦ (ଆ.ପ୍ର) :ଜଗତସିଂହପୁର ବ୍ଲକ ଅନ୍ତର୍ଗତ ପୁନଙ୍ଗ ସ୍ଥିତ ସିଦ୍ଧବାରଙ୍ଗ ଡିଗ୍ରୀ କଲେଜର ଇତିହାସ ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ କଲେଜର ଅଧକ୍ଷ ଅମୀୟ ରଞ୍ଜନ ଦାସ ସଭାପତିତ୍ୱ କରିଥିଲେ । କଲେଜର ଦ୍ୱିତୀୟ ଓ ତୃତୀୟ ବର୍ଷର ପିଲାମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ଭିକାରି ଚରଣ ବେହେରା ଇତିହାସ ପଢ଼ିବାର ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ । ଇଂରାଜୀ ଅଧ୍ୟାପକ ଦେବଦତ୍ତ ବେହେରା ଇତିହାସ ପଢିବା ଦ୍ୱାରା ଅତୀତର ଘଟଣାବଳୀ ବିଷୟରେ ଆମେ ଅବଗତ ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପିକା କଳ୍ପନା ସାହୁ, ଅଧ୍ୟାପିକା ସ୍ମୃତି ସ୍ମରଣିକା ବିଶ୍ୱାଳ, ଶୁଭସ୍ମିତା ଖଣ୍ଡୁଆଳ, ଲବନ୍ୟବତୀ ପରିଡା, କନକଲତା ଦାସ, ଡେମୋନେଷ୍ଟ୍ରେଟର ଜ୍ୟୋତିର୍ମୟୀ ଖୁଂଟିଆ, ସତ୍ୟନାରାୟଣ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ପିଲାମାନଙ୍କ ମଧ୍ୟରେ ବର୍ଷା ମୁର୍ମୁ, ଅଞ୍ଜଳି ଖଣ୍ଡେଇ, ରୂପାଲି ସେଠୀ ପ୍ରମୁଖ ସେମାନଙ୍କର ବକ୍ତବ୍ୟ ରଖିଥିଲେ । ଶେଷରେ କଲେଜର ଅଧକ୍ଷ ପିଲାମାନଙ୍କୁ ୭୫ % ଉପସ୍ଥାନ ବାଧ୍ୟତାମୂଳକ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ ।

ମା' ବାହାଡ଼ାଶୁଣୀଙ୍କ ପୀଠରେ ଶାରଦୀୟ ପର୍ବ ପାଳନ ନେଇ ପ୍ରସ୍ତୁତି ବୈଠକ

ଖଣ୍ଡପଡ଼ା, ୧୫/୧୦ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ଅଧୀନ ବାହାଡ଼ା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ବାହାଡ଼ାଶୁଣୀଙ୍କ ପୀଠରେ ଶାରଦୀୟ ପର୍ବ ଶାନ୍ତିଶୃଙ୍ଖଳାର ସହ ପାଳନ ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବାହାଡା ଗ୍ରାମର ବହୁ ପୁରୁଖା ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଆସନ୍ତା ୧୬ ରୁ ୧୮ ତାରିଖ ୩ ଦିନ ଧରି ମା' ବାହାଡ଼ାଶୁଣୀଙ୍କ ପୀଠରେ ଯାତ୍ରା ଉତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ବିଭିନ୍ନ ଦିନରେ ଅନୁଷ୍ଠିତ ହେବା ନେଇ ବୈଠକରେ ସ୍ଥିର ହୋଇଥିଲା । ସେହିପରି ମା'ଙ୍କ ଉକ୍ତ ପର୍ବ ଅବସରରେ ପୀଠ ପରିସରରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଫତେଗଡ ପୁଲିସ ପ୍ରଶାସନର ସହାୟତା ଲୋଡା ଯାଇଥିଲା ।

ଦଶହରା ପାଇଁ ଜଗତସିଂହପୁର ସହରରେ ବ୍ୟାପକ ପ୍ରସ୍ତୁତି- ଚାଲିଛି ତୋରଣ ଓ ମୂର୍ତି ନିର୍ମାଣ

ଜଗତସିଂହପୁର, ୧୫/୧୦ (ଆ.ପ୍ର) : ଜଗତସିଂହପୁର ମା' ଜଗତଜନନୀ ଦୁର୍ଗାଙ୍କ ଦଶହରା ପୂଜା ପାଇଁ ଜଗତସିଂହପୁର ସହର କ୍ରମଶଃ ଉତ୍ସବ ମୁଖର ହୋଇପଡିଛି । ଜିଲ୍ଲା ସଦର ମହକୁମାରେ ୨୨ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପ ପାଇଁ ତୋରଣ ନିର୍ମାଣ ଓ ମୂର୍ତି ନିର୍ମାଣ ଯୋରସୋରରେ ଚାଲିଛି । ବିଭିନ୍ନ ପୂଜା ମଣ୍ଡପ ଅଂଚଳରେ ଆଲୋକ ସଜ୍ଜା, ରାସ୍ତାଘାଟ ସଫେଇ, ଉଠା ଦୋକାନ ବଜାରକୁ ନିର୍ଦ୍ଦିଷ୍ଟ ସ୍ଥାନରେ ବସାଇବା ପାଇଁ ପୂଜା କମିଟିର ସଦସ୍ୟ ମାନେ ତତ୍ପର ହୋଇଉଠିଛନ୍ତି । ମୃଣ୍ମୟୀ ମୂର୍ତି ନିର୍ମାଣ, ରଙ୍ଗ କାର୍ଯ୍ୟ ଓ ଚୂଡାନ୍ତ ରୂପରେଖ ଦେବାପାଇଁ ମୂର୍ତି କାରିଗର ମାନେ ବ୍ୟସ୍ତ ଥିବା ସମୟରେ ସୁସଜ୍ଜିତ ମେଢ଼ ନିର୍ମାଣ ଓ ବିଭିନ୍ନ ପୂଜା ସାମଗ୍ରୀର ଯୋଗାଡ଼ ଚାଲିଛି । ରଙ୍ଗୀନ ଆଲୋକର ସାଜସଜ୍ଜା ଭିତରେ ସହରର ରୂପରେଖ ବଦଳିବାକୁ ଲାଗିଛି । ଗହଳ ଚହଳ ବଢିବା ସହିତ ଦୋକାନ ମାନଙ୍କରେ ଗରାଖ ମାନଙ୍କର ଭିଡ କ୍ରମଶଃ ବୃଦ୍ଧି ପାଉଛି । ଯଦିଓ ପାଣିପାଗ ବିଭାଗର ପୂର୍ବ ସୂଚନା ଅନୁସାରେ ୧୩ ତାରିଖ ଠାରୁ ବର୍ଷା ହୋଇନାହିଁ ବା ବାତ୍ୟା ଆଶଙ୍କା ନଥିବାରୁ ଆଗ୍ରହର ସହିତ ସମସ୍ତେ ମା'ଙ୍କ ଆବାହାନି ପାଇଁ ଅପୂର୍ବ ଆନନ୍ଦ ଓ ଉଲ୍ଲାସର ସହିତ ଲାଗି ପଡିଥିବାର ଦେଖିବାକୁ ମିଳିଛି ।

ସପ୍ତଲୋକର ବର୍ଣ୍ଣନା ଅବର୍ଣ୍ଣନୀୟ:ପଣ୍ଡିତ ଗୋବର୍ଦ୍ଧନ ପ୍ରଧାନ

ନୀଳଗିରି, ୧୫/୧୦ (ଆ.ପ୍ର) : କେବଳ ଯୋଗଶକ୍ତି ବଳରେ ସପ୍ତଲୋକର ପରିଚୟ ମିଳେ । ପୃଥିବୀର ନିମ୍ନଦେଶର ପ୍ରତ୍ୟେକ ଦଶହଜାର ଯୋଜନ ଦୂରତାରେ ସପ୍ତଲୋକ ଅବସ୍ଥିତ । ସପ୍ତଲୋକ କହିଲେ ଅତଳ, ବିତଳ, ସୁତଳ, ତଳାତଳ, ମହାତଳ, ରସାତଳ ଓ ପାତାଳକୁ ବୁଝିବାକୁ ହେବ । ଏହି ସାତ ବିବରର ଅନ୍ୟନାମ ବିଳସ୍ୱର୍ଗ ଅଟେ । ବସ୍ତୁବାଦର ଉପଭୋଗ ହିଁ ମାୟା । ବିଳସ୍ୱର୍ଗର ପ୍ରାକୃତିକ ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ । ଶାରୀରିକ ଓ ମାନସିକ ଯନ୍ତ୍ରଣା ସପ୍ତଲୋକରେ ନାହିଁ । ପ୍ରତିଲୋକରେ ଜଣେଜଣେ ରାଜା ଅବସ୍ଥାନ କରନ୍ତି । ଭଗବାନଙ୍କ ନାମ ଉଚ୍ଚାରଣରେ କର୍ମବନ୍ଧନରୁ ମୁକ୍ତି ମିଳେ । ଈଶ୍ୱରଙ୍କ ନାମ ଜପରୁ ମୁକ୍ତିର ସୂଚନା ମିଳେ । ଅନୁଭବୀ ଆଶୀର୍ବାଦକୁ ଅନୁଭବ କରିପାରେ । ଆତ୍ମନିବେଦନ ପ୍ରକ୍ରିୟା ଈଶ୍ୱରୀୟ ପ୍ରେମର ଆଭାସ । ଭୋଗବାଦ ସର୍ବଦା ମାୟାମୟ ଅଟେ । ସର୍ବୋପରି ପାତାଳରେ ସମସ୍ତ ସର୍ପବାସ କରନ୍ତି ବୋଲି ସ୍ୱର୍ଣ୍ଣବୃତ୍ତ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ସାପ୍ତାହିକ ଭାଗବତ ଆସରର ଶହେ ଅଠରତମ ଆଭାସୀ ପାଠଚକ୍ରର ପଂଚମ ସ୍କନ୍ଧର ଚତୁର୍ବିଂଶ ଅଧ୍ୟାୟରେ ବର୍ଣ୍ଣିତ ବିଳସ୍ୱର୍ଗ ପ୍ରସଙ୍ଗକୁ ଆଲୋଚନାକରି ଆଲୋଚକ ପରିବାରର ସମ୍ପାଦକ ଅଧ୍ୟାପକ ଡ଼. ପ୍ରଦୀପ୍ତ କୁମାର ମିଶ୍ର ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ ପରିବାରର ବରିଷ୍ଠ ପୁରୀ ସଦସ୍ୟ ପଣ୍ଡିତ ନୀଳକଣ୍ଠ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ଯଜ୍ଞଦୀପ ମିଶ୍ର ଓଁ କାର ଧ୍ୱନି ପ୍ରଦାନ କରିଥିବାବେଳେ କୁମାରୀ ଜୟଶ୍ରୀ ପଣ୍ଡା ସ୍ୱାଗତ ସଂଗୀତ ଗାନ କରିଥିଲେ । ଶେଷରେ ଯାଜପୁରର ପଣ୍ଡିତ ଗୋବର୍ଦ୍ଧନ ପ୍ରଧାନ ଶୁଭେଚ୍ଛା ବାର୍ତା ପ୍ରଦାନ କରିଥିବାବେଳେ କୁମାରୀ ସ୍ମିତିପ୍ରଜ୍ଞା ମହାନ୍ତି କୃତଜ୍ଞତା ପୂର୍ବକ ଧନ୍ୟବାଦ ପ୍ରଦାନ କରିଥିଲେ । ଅନ୍ତିମ ଭାଗରେ କେନ୍ଦୁଝରର ଶିକ୍ଷାବିତ ରତିନାରାୟଣ ରାଉତ ଶାନ୍ତିପାଠ କରିଥିଲେ । ଶର ପ୍ରତ୍ୟେକ ଦଶହଜାର ଯୋଜନ ଦୂରତାରେ ସପ୍ତଲୋକ ଅବସ୍ଥିତ । ସପ୍ତଲୋକ କହିଲେ ଅତଳ, ବିତଳ, ସୁତଳ, ତଳାତଳ, ମହାତଳ, ରସାତଳ ଓ ପାତାଳକୁ ବୁଝିବାକୁ ହେବ । ଏହି ସାତ ବିବରର ଅନ୍ୟନାମ ବିଳସ୍ୱର୍ଗ ଅଟେ । ବସ୍ତୁବାଦର ଉପଭୋଗ ହିଁ ମାୟା । ବିଳସ୍ୱର୍ଗର ପ୍ରାକୃତିକ ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ । ଶାରୀରିକ ଓ ମାନସିକ ଯନ୍ତ୍ରଣା ସପ୍ତଲୋକରେ ନାହିଁ । ପ୍ରତିଲୋକରେ ଜଣେଜଣେ ରାଜା ଅବସ୍ଥାନ କରନ୍ତି । ଭଗବାନଙ୍କ ନାମ ଉଚ୍ଚାରଣରେ କର୍ମବନ୍ଧନରୁ ମୁକ୍ତି ମିଳେ । ଈଶ୍ୱରଙ୍କ ନାମ ଜପରୁ ମୁକ୍ତିର ସୂଚନା ମିଳେ । ଅନୁଭବୀ ଆଶୀର୍ବାଦକୁ ଅନୁଭବ କରିପାରେ । ଆତ୍ମନିବେଦନ ପ୍ରକ୍ରିୟା ଈଶ୍ୱରୀୟ ପ୍ରେମର ଆଭାସ । ଭୋଗବାଦ ସର୍ବଦା ମାୟାମୟ ଅଟେ । ସର୍ବୋପରି ପାତାଳରେ ସମସ୍ତ ସର୍ପବାସ କରନ୍ତି ବୋଲି ସ୍ୱର୍ଣ୍ଣବୃତ୍ତ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ସାପ୍ତାହିକ ଭାଗବତ ଆସରର ଶହେ ଅଠରତମ ଆଭାସୀ ପାଠଚକ୍ରର ପଂଚମ ସ୍କନ୍ଧର ଚତୁର୍ବିଂଶ ଅଧ୍ୟାୟରେ ବର୍ଣ୍ଣିତ ବିଳସ୍ୱର୍ଗ ପ୍ରସଙ୍ଗକୁ ଆଲୋଚନାକରି ଆଲୋଚକ ପରିବାରର ସମ୍ପାଦକ ଅଧ୍ୟାପକ ଡ଼. ପ୍ରଦୀପ୍ତ କୁମାର ମିଶ୍ର ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ ପରିବାରର ବରିଷ୍ଠ ପୁରୀ ସଦସ୍ୟ ପଣ୍ଡିତ ନୀଳକଣ୍ଠ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ଯଜ୍ଞଦୀପ ମିଶ୍ର ଓଁ କାର ଧ୍ୱନି ପ୍ରଦାନ କରିଥିବାବେଳେ କୁମାରୀ ଜୟଶ୍ରୀ ପଣ୍ଡା ସ୍ୱାଗତ ସଂଗୀତ ଗାନ କରିଥିଲେ ।

ଧର୍ମଗଡ଼ ପଂଚାୟତ କଲେଜ ଛାତ୍ର ସଂସଦ ନିର୍ବାଚନ
ସଭାପତି ଭାବେ ଯୋଗେନ୍ଦ୍ର ବଣିଆ, ସାଧାରଣ ସମ୍ପାଦକ ଭାବେ କଳ୍ପନା ବିହାରୀ ନିର୍ବାଚିତ

ଧର୍ମଗଡ଼, ୧୫/୧୦ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ପଂଚାୟତ କଲେଜରେ ଛାତ୍ର ସଂସଦ ନିର୍ବାଚନ ଶେଷ ହୋଇଛି । ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳ ସମର୍ଥିତ ପ୍ରାର୍ଥୀମାନେ ବିଭିନ୍ନ ପଦବୀରେ ବିଜୟୀ ହୋଇଥିବା ବେଳେ ଛାତ୍ର ରାଜନୀତିରେ ସଂଗଠନର ପ୍ରଭାବ ପ୍ରତିଫଳିତ ହୋଇଛି । ସଭାପତି ଭାବେ ଯୋଗେନ୍ଦ୍ର ବଣିଆ ଏବଂ ସାଧାରଣ ସମ୍ପାଦକ ଭାବେ କଳ୍ପନା ବିହାରୀ ବିଜୟୀ ହୋଇଛନ୍ତି । ଫଳାଫଳ ଘୋଷଣା ପରେ ବିଜୟୀ ପ୍ରାର୍ଥୀଙ୍କ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ଓ ଖୁସିର ପରିବେଶ ଦେଖିବାକୁ ମିଳିଛି । ପ୍ରାପ୍ତ ସୂଚନା ଅନୁଯାୟୀ, ପଂଚାୟତ କଲେଜର ଛାତ୍ର ସଂସଦ ନିର୍ବାଚନ ପାଇଁ ମୋଟ ୮୫୨ ଜଣ ଭୋଟର ଥିବା ବେଳେ ସେଥିମଧ୍ୟରୁ ୬୭୨ ଜଣ ମତଦାନ କରିଥିଲେ । ଏହା ମୋଟ ଭୋଟରଙ୍କ ପ୍ରାୟ ୭୮.୮୭ ପ୍ରତିଶତ । ଛାତ୍ରଛାତ୍ରୀଙ୍କ ଏହି ମତଦାନ ଅଂଶଗ୍ରହଣ କଲେଜର ଛାତ୍ର ସଂସଦ ନିର୍ବାଚନ ପ୍ରତି ଥିବା ଆଗ୍ରହକୁ ପ୍ରତିଫଳିତ କରିଛି । ସଭାପତି ପଦବୀ ପାଇଁ ବିଜୁ ଛାତ୍ର ଜନତା ଦଳ ସମର୍ଥିତ ପ୍ରାର୍ଥୀ ଯୋଗେନ୍ଦ୍ର ବଣିଆ ମୋଟ ୩୭୨ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ଏବିଭିପି ସମର୍ଥିତ ପ୍ରାର୍ଥୀ ସାଇ ଦର୍ଶନ ଠାକୁର ୨୯୪ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି । ସେହିପରି ସାଧାରଣ ସମ୍ପାଦକ ପଦବୀରେ ବିଜୁ ଛାତ୍ର ଜନତା ଦଳ ସମର୍ଥିତ ପ୍ରାର୍ଥୀ କଳ୍ପନା ବିହାରୀ ୩୫୮ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ଏବିଭିପି ସମର୍ଥିତ ପ୍ରାର୍ଥୀ ଧରାଶ୍ରୀ ନାଏକ ୩୦୫ ପରାଜିତ ହୋଇଛନ୍ତି । ଅନ୍ୟ ପଦବୀଗୁଡ଼ିକ ମଧ୍ୟରେ ଉପସଭାପତି ଭାବେ ବିଜୁ ଛାତ୍ର ଜନତା ଦଳ ସମର୍ଥିତ ମନୀଷ

କୁମାର କର ୪୧୧ ଖଣ୍ଡ ଭୋଟ, ଯୁଗ୍ମ ସମ୍ପାଦକ ଭାବେ ରୁପେଶ କୁମାର ନାଏକ ୩୩୨ ଖଣ୍ଡ ଭୋଟ, ସାଂସ୍କୃତିକ ସମ୍ପାଦକ ଭାବେ କ୍ରିଷ ମହାରଣା ୩୯୮ ଖଣ୍ଡ ଭୋଟ ଏବଂ କ୍ରୀଡ଼ା ସମ୍ପାଦକ ଭାବେ ବିବେକ ନାଏକ ୩୮୧ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି । ସମସ୍ତ ପଦବୀରେ ବିଜୁ ଛାତ୍ର ଜନତା ଦଳ ସମର୍ଥିତ ପ୍ରାର୍ଥୀଙ୍କ ବିଜୟ ହୋଇଥିବାରୁ ସଂଗଠନର କାର୍ଯ୍ୟକର୍ତ୍ତା ଓ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ନିର୍ବାଚିତ ପ୍ରତିନିଧିମାନେ କଲେଜର ଶିକ୍ଷାଗତ ପରିବେଶ, ଛାତ୍ରଛାତ୍ରୀଙ୍କ ସମସ୍ୟା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ କ୍ରୀଡ଼ା କ୍ଷେତ୍ରର ବିକାଶ ପାଇଁ କିପରି କାର୍ଯ୍ୟ କରିବେ, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି । ନିର୍ବାଚନରେ ବିଜୟୀ ହୋଇଥିବା ପ୍ରାର୍ଥୀମାନେ ଛାତ୍ରଛାତ୍ରୀଙ୍କ ଆଶା ଓ ଆକାଂକ୍ଷାକୁ ପ୍ରାଥମିକତା ଦେଇ କଲେଜର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଉଦ୍ୟମ କରିବେ ବୋଲି ଆଶା ପ୍ରକାଶ ପାଉଛି । ଏହି ବିଜୟକୁ ନେଇ ବିଜୁ ଛାତ୍ର ଜନତା ଦଳ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିବା ବେଳେ ନିର୍ବାଚନ ଫଳାଫଳ ପରେ କଲେଜ ପରିସରରେ ଛାତ୍ର ରାଜନୀତିକୁ ନେଇ ଚର୍ଚ୍ଚା ବଢ଼ିଛି । ଏମାନଙ୍କୁ ସମ୍ବର୍ଦ୍ଧନା ଦେବାପାଇଁ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ ସମେତ ବିଜୁ ଜନତା ଦଳର ସମସ୍ତ ନେତା ଉପସ୍ଥିତ ଥିଲେ ଏବଂ ଧର୍ମଗଡ ସହରରେ ଶୋଭାଯାତ୍ରା କରିଥିଲେ ।

ଆରମ୍ଭ
SEITHO ARAMBHA

ଶୁକ୍ରବାର, ୧୬ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଟେକ୍ନୋଲୋଜୀର ଭାଷା

ଏବେ ପୃଥିବୀ ହେଉଛି ଜଗତ କରଣର ପୃଥିବୀ । ଏହି ଜଗତକରଣ କେବଳ ଉଦାରବାଦୀ ମୁକ୍ତ ଅର୍ଥନୀତି ଉପରେ ପର୍ଯ୍ୟବେଶିତ ବୋଲି ଭାବି ବସିଲେ ଭୁଲ ହେବ । ବରଂ ଭାଷା ସାହିତ୍ୟ,ଜ୍ଞାନ,ପ୍ରଯୁକ୍ତିବିଦ୍ୟା ସଂସ୍କୃତି ପରି ଏକାଧିକ କ୍ଷେତ୍ର ଭୌଗଳିକ ନିର୍ବିଶେଷରେ ସମ୍ମିଳିତ ହେବା ମଧ୍ୟ ଏହାର ଏକ ପ୍ରମୁଖ ଅଂଶ ବିଶେଷ , ଏବଂ ଯାହାର ଆଧାର ହେଉଛି ଉତ୍କର୍ଷତା । ଅର୍ଥାତ ଏହି ଦ୍ରୁତ ପ୍ରଗତିଶୀଳ ବିଶ୍ୱରେ ଯେଉଁ ସବୁ ବିଭବ ଗୁଡ଼ିକ ନିଜକୁ ଯୁଗପଯୋଗି ଓ ଉତ୍କୃଷ୍ଟ ବୋଲି ପ୍ରତି ପାଦିତ କରି ପାରିବେ କେବଳ ସେହି ବିଭବ ଗୁଡ଼ିକ ହିଁ ତିଷ୍ଠି ରହି ପାରିବେ । ଅନ୍ୟଥା ସମୟର ପ୍ରବାହମାନ ସ୍ରୋତରେ ବିଲୀନ ହୋଇ ଯିବାର ସମ୍ଭାବନାକୁ ଏଡ଼ାଇ ଦିଆ ଯାଇ ନ ପାରେ । ଆମେ ଯଦି ଓଡ଼ିଆ ଭାଷା କ୍ଷେତ୍ର ରେ ଏକବିଂଶ ଶତାବ୍ଦୀର ଏହି ଆହ୍ୱାନକୁ ପରଖି ବସିବା ତେବେ ଭଣା ଅଧିକ ଆମକୁ ହତୋତ୍ସାହିତ ହେବାକୁ ପଡ଼ିବ । ଚାରି କୋଟିରୁ ଉର୍ଦ୍ଧ୍ୱ ଓଡ଼ିଆ ଭାଷା ଭାଷୀଙ୍କ ଭାଷା ହୋଇ ମଧ୍ୟ ଯେଉଁ ପ୍ରଶସ୍ତତା ଓ ପ୍ରୟୋଗଶୀଳତାର ଅଧିକାରୀ ହେବା କଥା ଅଦ୍ୟାବଧି ତାହା ସମ୍ଭବ ହୋଇ ପାରି ନାହିଁ । ଏପରି ଦେଖିବାକୁ ଗଲେ ପୃଥିବୀର ବିଭିନ୍ନ ଭାଷା ବ୍ୟବହାରକାରୀ ମାନଙ୍କ ସଂଖ୍ୟା ଦୃଷ୍ଟିରୁ ଓଡ଼ିଆ ଭାଷାର ସ୍ଥାନ ଯଥେଷ୍ଟ ଉଚ୍ଚରେ । ଭାରତ ବର୍ଷର ହିନ୍ଦୀ, ଦକ୍ଷିଣ ଭାରତୀୟ ଭାଷା ସମୂହ ଓ ବଙ୍ଗଳା ଭାଷା ପରେ ଓଡ଼ିଆ ଭାଷାର ସ୍ଥାନ । ପୁଣି ଆମର ଏହି ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଲା ପରେ ନିଜର ପ୍ରାଚୀନତା ଓ ବିପୁଳତାକୁ ସର୍ବ ଭାରତୀୟ ସ୍ତରରେ ପ୍ରମାଣିତ ଏବଂ ପ୍ରତିଷ୍ଠିତ କରିପାରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ନିଃ -ସନ୍ଦେହରେ ଏହାଦ୍ୱାରା ଓଡ଼ିଆ ଭାଷାର ଆତ୍ମ ପ୍ରତିଷ୍ଠା ଓ ଆତ୍ମ ମର୍ଯ୍ୟାଦା ବୃଦ୍ଧି ପାଇଛି । ମାତ୍ର ବିଡ଼ମ୍ବନାର ବିଷୟ ଏହି ଭାଷା ଶାସ୍ତ୍ରୀୟ ମାନ୍ୟତା ହାସଲ କରିବାର ଉତ୍କର୍ଷତା ସତ୍ତ୍ୱେ ବାସ୍ତବ କ୍ଷେତ୍ରରେ ଅବହେଳିତ ଓ ଅନାଦୃତ ଓ ଏକ ସମୃଦ୍ଧଶାଳୀ ଐତିହ ସମ୍ପନ୍ନ ଭାଷା ରୂପରେ ଏହା ଯେପରି ପରିପୁଷ୍ଟ ହେବାକଥା , ଯେପରି ଆଧୁନିକ ସମ୍ପନ୍ନ ହୋଇ ବହୁ-ପ୍ରସୁ ହେବାକଥା ସେପରି ଆଶାନୁରୂପକ ହୋଇ ପାରି ନାହିଁ । ଆମେ ଯଦି ବିଶ୍ୱ ସ୍ତରର ଅନ୍ୟାନ୍ୟ ସମୃଦ୍ଧ ଭାଷା ଗୁଡ଼ିକ ସହ ଆମ ଓଡ଼ିଆ ଭାଷାକୁ ତୁଳନା କରିବସିବା ତେବେ ଏହି ନିର୍ଣ୍ଣୟରେ ପହଂଚିବାରେ କୌଣସି ଅସୁବିଧା ହେବନାହିଁ । ଏହା ପ୍ରମାଣିତ ଯେ ଯେଉଁ ଭାଷା ଶିକ୍ଷା, ଶାସନ, ସଂଚାର ଓ ପ୍ରଯୁକ୍ତି ପ୍ରଭୃତି ପ୍ରତ୍ୟେକ କ୍ଷେତ୍ରରେ ଚଳନକ୍ଷମ ଓ ବ୍ୟବାହାର ଉପଯୋଗୀ ସେହି ଭାଷା ସେତିକି ଜୀବନକ୍ଷମ ଓ ଆଧୁନିକ । ଉପରୋକ୍ତ ପ୍ରୟୋଗଶୀଳତା ଦୃଷ୍ଟିରୁ ଯଦି ଓଡ଼ିଆ ଭାଷାର ପ୍ରାଣ ପ୍ରବାହ ଓ ଅସ୍ତିତ୍ୱକୁ ଆମେ ଖୋଜି ବସିବା ତେବେ ଏସବୁ କ୍ଷେତ୍ରରେ ଓଡ଼ିଆ ଭାଷାର ନୈରାଶ୍ୟ ଜନକ ସ୍ଥିତିକୁ ହିଁ କେବଳ ଚାକ୍ଷୁପ କରି ପାରିବା । କେବଳ ସରକାରୀ ମାଧ୍ୟମ ବିଦ୍ୟାଳୟରେ ଶିକ୍ଷା ଦାନର ଭାଷା ହେବାର ସୌଭାଗ୍ୟ ପ୍ରାପ୍ତି ବ୍ୟତିତ ଆମର ଏହି ଭାଷା କଥିତ ଭାଷାର ବାହକ ହେବାଛଡ଼ା ଅଧିକ ଦୂର ଅଗ୍ରସର ହୋଇ ପାରି ନାହିଁ । ସୌଭାଗ୍ୟକୁ ଏହି ଭାଷା କମ୍ପୁଟରକ୍ଷମ ହୋଇ ପାରିଛି ମାତ୍ର ପ୍ରୋସେସିଂ ଓ ପ୍ରୋଗ୍ରାମିଂ ପରି କ୍ଷେତ୍ରରେ ଏହାର ବ୍ୟବହାର ଖୁବ ସୀମିତ । କେବଳ ଡି.ଟି.ପି. ପରି ବ୍ୟବହୃତ ହେବା ଛଡ଼ା ଅଧିକ ପ୍ରାୟୋଗିକତାର ଅବକାଶ ଅବା ଉପଯୋଗ ଏ ପର୍ଯ୍ୟନ୍ତ ସୁ ବ୍ୟବସ୍ଥିତ ଭାବେ ଆରମ୍ଭ ହୋଇନାହିଁ । ସୁଖର କଥା, ଓଡ଼ିଆ ଭାଷାର ଉଭୟ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମରେ ବ୍ୟାପକ ପରିପ୍ରସାର ହେତୁ ଏହି ଭାଷା ଜନମାନସର ଭାଷା ହେବାରେ ଏକ ପ୍ରକାର ସଫଳ ହୋଇ ପାରିଛି । ପ୍ରକାରନ୍ତରେ କହିଲେ ଏକବିଂଶ ଶତାବ୍ଦୀର ଦ୍ରୁତ ବିବର୍ତ୍ତିତ ପୃଷ୍ଠପଟରେ ଓଡ଼ିଆ ଗଣମାଧ୍ୟମ ହିଁ ଓଡ଼ିଆ ଭାଷାକୁ ଏକ ପ୍ରକାର ଜନାଦୃତ କରାଇବାରେ ଆଶା ସଂଚାର କରିପାରିଛି । ଅନ୍ୟଥା ଶିକ୍ଷା-ଶାସନ-ସଂଚାର ଓ ପ୍ରଯୁକ୍ତି ପରି କ୍ଷେତ୍ରରେ ଏହି ଭାଷାର ଗୌଣସ୍ଥିତି ଘୋର ନିରାଶା ସୃଷ୍ଟି କରିଥାଏ ।

ଓଡ଼ିଶାରେ ଗ୍ରାମଦେବୀ ପରମ୍ପରାର ଉତ୍ପତ୍ତି, ଉପାସନା ଓ ଲୋକବିଶ୍ୱାସ

॥ ମିଳନ କୁମାର ମିଶ୍ର (ଭରଦ୍ୱାଜ) ॥

ଓଡ଼ିଶାର ଗାଁକୁ ବୁଝିବାକୁ ହେଲେ କେବଳ ଗାଁର ଘର, ଦାଣ୍ଡ, ପୋଖରୀ, ଧାନକ୍ଷେତ କିମ୍ବା ମାଟିର ରାସ୍ତାକୁ ଦେଖିଲେ ହେବ ନାହିଁ; ଗାଁର ଶେଷ ପ୍ରାନ୍ତରେ, ବରଗଛ କିମ୍ବା ନିମଗଛର ଛାଇତଳେ, କେଉଁଠି ଗୋଟିଏ ଛୋଟ ଦେଉଳ, କେଉଁଠି ମାଟିର ଚଉତରା, କେଉଁଠି କେବଳ ଗୋଟିଏ ପଥର ଉପରେ ସିନ୍ଦୂରର ଟିପା ଦେଖିବାକୁ ମିଳିବ । ସେଠାରେ ହୁଏତ କୌଣସି ଚକଚକିଆ ମୂର୍ତ୍ତି ନଥାଏ, ନଥାଏ ବଡ଼ ମନ୍ଦିର; କିନ୍ତୁ ଗାଁର ଲୋକଙ୍କ ବିଶ୍ୱାସରେ ସେଠାରେ ବାସ କରନ୍ତି ଗାଁର ମାଆ—ଗ୍ରାମଦେବୀ, ଗାଁ ଠାକୁରାଣୀ, ଗ୍ରାମଶ୍ରୀ, ଗ୍ରାମଶିରୀ କିମ୍ବା ସ୍ଥାନୀୟ ନାମରେ ପରିଚିତ କୌଣସି ଦେବୀ ।

ଏହି ଦେବୀଙ୍କ ପୂଜା ଓଡ଼ିଶାର ଲୋକଧର୍ମର ଏକ ଅତ୍ୟନ୍ତ ଗଭୀର ସ୍ତର । ଏହାର ଉତ୍ପତ୍ତିକୁ କେବଳ ପୁରାଣ କିମ୍ବା ଶାସ୍ତ୍ରରେ ଖୋଜିଲେ ସମ୍ପୂର୍ଣ୍ଣ ଚିତ୍ର ମିଳିବ ନାହିଁ । ଲୋକଧର୍ମ ଓ ଜନଜାତି ଅଧ୍ୟୟନରୁ ଏହା ସ୍ପଷ୍ଟ ଯେ ଗ୍ରାମଦେବୀଙ୍କ ଆରାଧନା ଭାରତୀୟ ଉପମହାଦେଶର ପ୍ରାଚୀନ ଲୋକବିଶ୍ୱାସ, ଭୂମି, ଉର୍ବରତା, ରୋଗ-ବ୍ୟାଧିରୁ ସୁରକ୍ଷା ଓ ଗ୍ରାମସମୁଦାୟର ସାମୂହିକ ମଙ୍ଗଳ ସହିତ ଜଡ଼ିତ । ଓଡ଼ିଶାରେ ଏହି ଲୋକଧାରା ପରବର୍ତ୍ତୀ ହିନ୍ଦୁ ଶାକ୍ତ ପରମ୍ପରା ସହିତ ମିଶି ଅନେକ ନୂଆ ରୂପ ନେଇଛି । ଗବେଷଣାରେ ମଧ୍ୟ ଗ୍ରାମଦେବୀ ଉପାସନାକୁ ଶାକ୍ତ ପରମ୍ପରାର ଏକ ପ୍ରାଚୀନ ଲୋକରୀତି ଭାବେ ବିଚାର କରାଯାଇଛି ।

'ଗ୍ରାମଦେବୀ' ଶବ୍ଦର ଅର୍ଥ ମଧ୍ୟ ଏହି ପରମ୍ପରାର ସ୍ୱରୂପକୁ ବହୁତ ସରଳ ଭାବରେ ବୁଝାଇଦିଏ—ଗ୍ରାମର ଦେବୀ ବା ଗାଆଁର ଦେବୀ । ସେ କେବଳ ଗୋଟିଏ ପରିବାରର ଇଷ୍ଟଦେବୀ ନୁହନ୍ତି; ସେ ସମଗ୍ର ଗାଁର ସାମୂହିକ ରକ୍ଷାକର୍ତ୍ତ୍ରୀ । ଓଡ଼ିଶାର ଧାର୍ମିକ ପରମ୍ପରା ସମ୍ପର୍କିତ ଅଧ୍ୟୟନରେ ମଧ୍ୟ ଗାଁର ବାହାର ପ୍ରାନ୍ତରେ ଗ୍ରାମଦେବୀଙ୍କ ପୀଠ ଥିବା ଓ ଗ୍ରାମବାସୀ ତାଙ୍କୁ ଗାଁର ରକ୍ଷକ ଭାବେ ମାନୁଥିବା ବିଷୟ ଉଲ୍ଲେଖ ହୋଇଛି । ଦେବୀଙ୍କ ନାମ କିନ୍ତୁ ସବୁ ଗାଁରେ ଏକା ନୁହେଁ । କେଉଁଠି ସେ ଠାକୁରାଣୀ, କେଉଁଠି ଗ୍ରାମଦେବତୀ, କେଉଁଠି ଗ୍ରାମଶ୍ରୀ, କେଉଁଠି ଗ୍ରାମଶିରୀ, କେଉଁଠି ନାରାୟଣୀ, ମଙ୍ଗଳା, ଚଣ୍ଡୀ, କାଳୀ, ମା' ଗୋସାଇଁ, କ୍ଷେତ୍ରପାଳଙ୍କ ସହଚରୀ ଦେବୀ କିମ୍ବା ଅନ୍ୟ କୌଣସି ସ୍ଥାନୀୟ ନାମରେ ପୂଜିତା । ଓଡ଼ିଶା ହିନ୍ଦୁ ଧାର୍ମିକ ନ୍ୟାସ ଆୟୋଗର ଅଭିଲେଖରେ ମଧ୍ୟ ବିଭିନ୍ନ ଜିଲ୍ଲାରେ ଗ୍ରାମ ଦେବତୀ, ଠାକୁରାଣୀ, ଗ୍ରାମଦେବୀ, ଗ୍ରାମଦେବତୀ ନାରାୟଣୀ ଠାକୁରାଣୀ, ଗ୍ରାମଦେବତୀ ଜାଗେଶ୍ୱରୀ ଠାକୁରାଣୀ ଆଦି ନାମର ଆଲୋଚନା ହୋଇଛି ।

'ଗ୍ରାମଶ୍ରୀ' ନାମଟି ବିଶେଷ ଭାବେ ଓଡ଼ିଶାର କିଛି ଜନଜାତିୟ ପରମ୍ପରା ସହିତ ସମ୍ପୃକ୍ତ । ଓଡ଼ିଶା ସରକାରଙ୍କ ଜନଜାତି ସମ୍ପର୍କିତ ପ୍ରକାଶନରେ ଜୁଆଙ୍ଗ ସମ୍ପ୍ରଦାୟର ଧାର୍ମିକ ଜୀବନ ବର୍ଣ୍ଣନା କରିବାବେଳେ ଗ୍ରାମଶ୍ରୀଙ୍କୁ ଗ୍ରାମଦେବୀଭାବେ ଉଲ୍ଲେଖ କରାଯାଇଛି । ସେମାନଙ୍କ ଧାର୍ମିକ ଜଗତରେ ଧରମ ଦେବତା ଓ ବସୁମାତା ପ୍ରମୁଖ ଦେବତା, ଆଉ ଗ୍ରାମଶ୍ରୀ ହେଉଛନ୍ତି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ । ଏଠାରେ 'ଗ୍ରାମଶ୍ରୀ'କୁ ଓଡ଼ିଶାର ସମସ୍ତ ଗାଁର ଏକା ନାମର ଦେବୀ ବୋଲି କହିବା ଠିକ୍ ହେବ ନାହିଁ । ଏହା ଏକ ସ୍ଥାନୀୟ ଓ ଜନଜାତିୟ ନାମଧାରଣା, ଯାହା କେତେକ ଅଂଚଳରେ ଗ୍ରାମଦେବୀର ଅର୍ଥ ବହନ କରେ । ଏପରି ନାମ ଓ ଦେବୀପୀଠର ଅସ୍ତିତ୍ୱ ଆଜିର ପ୍ରଶାସନିକ ଗ୍ରାମ ନାମରେ ମଧ୍ୟ ଦେଖିବାକୁ ମିଳେ; ନୟାଗଡ଼ ଜିଲ୍ଲାର ସରକାରୀ ଗ୍ରାମ ତାଲିକାରେ ମଧ୍ୟ 'ଗ୍ରାମଶ୍ରୀ' ନାମ ଉଲ୍ଲେଖ ଅଛି ।

ଗ୍ରାମଦେବୀ ପରମ୍ପରାର ଏକ ବିଶେଷ ଲକ୍ଷଣ ହେଉଛି ତାଙ୍କର ଅମୂର୍ତ୍ତ ପ୍ରତୀକ । ଅନେକ ପୀଠରେ ଦେବୀଙ୍କ ପାରମ୍ପରିକ ମାନବାକୃତି ମୂର୍ତ୍ତି ନଥାଏ; ଗୋଟିଏ ପଥର, ଶିଳାଖଣ୍ଡ, ଖୁଂଟ, ମାଟିର ଚଉତରା, ଗଛ କିମ୍ବା ଅନ୍ୟ କୌଣସି ପ୍ରାକୃତିକ ପ୍ରତୀକ ହିଁ ଦେବୀଙ୍କ ଆସନ ହୋଇଥାଏ । ଶାକ୍ତ ପରମ୍ପରାର ଅଧ୍ୟୟନରେ ସିନ୍ଦୂରଲିପ୍ତ କୌଣସି ଏକ ଅନିର୍ଦ୍ଦିଷ୍ଟ ପଥରକୁ ଦେବୀଙ୍କ ରୂପରେ ପୂଜା କରାଯିବାର ପରମ୍ପରାର ଉଲ୍ଲେଖ ମିଳେ । ଏହା ଭିତରେ ଗୋଟିଏ ଗଭୀର ଲୋକଦର୍ଶନ ଅଛି । ମଣିଷ ପ୍ରଥମେ ଦେବୀଙ୍କୁ ମାଟିରେ ଖୋଜିଛି, ପଥରରେ ଖୋଜିଛି, ଗଛରେ ଖୋଜିଛି, ପାହାଡ଼ରେ ଖୋଜିଛି । ପ୍ରକୃତି ଓ ଦେବୀ ତା' ପାଇଁ ଅଲଗା ନଥିଲେ । ତେଣୁ ଗାଁର ଦେବୀପୀଠ କେବଳ ଏକ ଧାର୍ମିକ ସ୍ଥାନ ନୁହେଁ; ଏହା ଅନେକ ସମୟରେ ଗାଁର ପବିତ୍ର ପ୍ରାକୃତିକ ସ୍ଥାନର ମଧ୍ୟ ରକ୍ଷକ ହୋଇଯାଏ । ଏହି କାରଣରୁ ଓଡ଼ିଶାର ବହୁ ପବିତ୍ର ବନମଧ୍ୟ ଗ୍ରାମଦେବୀଙ୍କ ସହିତ ଜଡ଼ିତ । ଗବେଷଣାରେ ଗ୍ରାମଶ୍ରୀ, ପିତାବଳୀ, କୁଆଁରୀ, ରମ୍ଭାଦେବୀ, ଗଙ୍ଗାପାଟ,ବାସେଳି, ବାଳମୁକୁନ୍ଦାଣି ଆଦି ଦେବୀଙ୍କ ସହିତ ଏପରି ପବିତ୍ର ବନର ସମ୍ପର୍କ ଓ ସେଠାରେ ଗ୍ରାମମଙ୍ଗଳ ପାଇଁ ବାର୍ଷିକ ପୂଜାର ଉଲ୍ଲେଖ ମିଳେ ।

ଗ୍ରାମଦେବୀଙ୍କୁ ନେଇ ଲୋକବିଶ୍ୱାସର କେନ୍ଦ୍ରରେ ରହିଛି ରକ୍ଷା ଓ ମଙ୍ଗଳ । ଗାଁରେ ରୋଗ ନ ଆସୁ, ମହାମାରୀ ନ ହେଉ, ବର୍ଷା ଠିକ୍ ହେଉ, ଫସଲ ଭଲ ହେଉ, ଗାଈଗୋରୁ ସୁସ୍ଥ ରହନ୍ତୁ, ପିଲାମାନେ ଭଲ ରହନ୍ତୁ—ଏସବୁ ମଙ୍ଗଳକାମନା ଗ୍ରାମଦେବୀଙ୍କ ପୂଜାରେ ଜଡ଼ିତ ଥାଏ । କେତେକ ଲୋକବିଶ୍ୱାସରେ ରୋଗକୁ ମଧ୍ୟ ଦେବୀଙ୍କ କ୍ରୋଧ କିମ୍ବା ଅସନ୍ତୋଷ ସହିତ ଯୋଡ଼ାଯାଇଛି । ଗବେଷଣାରେ ଏପରି ଧାରଣାର ଉଲ୍ଲେଖ ମିଳେ—ଗ୍ରାମର ରକ୍ଷକ ଦେବୀଙ୍କୁ ଠିକ୍ ଭାବରେ ପୂଜା କଲେ ଅଶୁଭ ଶକ୍ତି କିମ୍ବା ରୋଗକୁ ଗାଁଠାରୁ ଦୂରେଇ ରଖାଯାଇପାରେ ବୋଲି ଲୋକବିଶ୍ୱାସ ଥିଲା । ଏହାକୁ ଆଧୁନିକ ବୈଜ୍ଞାନିକ ସତ୍ୟ ଭାବେ ନୁହେଁ, ଲୋକବିଶ୍ୱାସର ଇତିହାସ ଭାବରେ ବୁଝିବା ଦରକାର । ପ୍ରାଚୀନ ଗ୍ରାମ ଜୀବନରେ ଯେତେବେଳେ ରୋଗର କାରଣ, ବର୍ଷାର ଅନିଶ୍ଚିତତା କିମ୍ବା ଫସଲ ନଷ୍ଟ ହେବାର ବୈଜ୍ଞାନିକ ବ୍ୟାଖ୍ୟା ସୀମିତ ଥିଲା, ସେତେବେଳେ ଦେବୀଙ୍କ ଆଶ୍ରୟ ଲୋକମନରେ ସୁରକ୍ଷାର ଏକ ସାମୂହିକ ମନୋବୈଜ୍ଞାନିକ ଆଶ୍ରୟ ତିଆରି କରୁଥିଲା ।

ଗ୍ରାମଦେବୀଙ୍କ ପୂଜାର ଏକ ବଡ଼ ବୈଶିଷ୍ଟ୍ୟ ହେଉଛି ସାମୂହିକତା । ଏହା ଅନେକ ସମୟରେ ଗୋଟିଏ ପରିବାରର ପୂଜା ନୁହେଁ; ସମଗ୍ର ଗାଁର ପୂଜା । କେତେକ ଜନଜାତିୟ ସମାଜରେ ପ୍ରତ୍ୟେକ ପରିବାର ଧାନ, ଚାଉଳ, ଟଙ୍କା କିମ୍ବା ଅନ୍ୟ ସାମଗ୍ରୀ ଦେଇ ସାମୂହିକ ପୂଜା ଓ ଭୋଜରେ ଅଂଶ ନିଏ । ଭୂୟାଁ ସମ୍ପ୍ରଦାୟ ସମ୍ପର୍କିତ ଏକ ସରକାରୀ ଜନଜାତି ଅଭିଲେଖରେ ଗ୍ରାମଶ୍ରୀଙ୍କ ପୀଠ ଗାଁର ଏକ ପ୍ରାନ୍ତରେ ଥିବା ଏବଂ ବର୍ଷର ନିର୍ଦ୍ଦିଷ୍ଟ ସମୟରେ ସମଗ୍ର ସମୁଦାୟ ମିଶି ତାଙ୍କୁ ପୂଜା କରୁଥିବାର ଉଲ୍ଲେଖ ଅଛି । ଏହି ସାମୂହିକ ପୂଜାରେ ଗୀତ ଥାଏ, ନୃତ୍ୟ ଥାଏ, ଢୋଲ-ମାଦଳର ଶବ୍ଦ ଥାଏ, ଭୋଗ ଥାଏ, କେତେକ ପରମ୍ପରାରେ ପଶୁବଳି ମଧ୍ୟ ରହିଛି । କିନ୍ତୁ ଏହି ପ୍ରଥା ସମସ୍ତ ଗାଁ କିମ୍ବା ସମସ୍ତ ଦେବୀପୀଠରେ ସମାନ ନୁହେଁ । କେତେକ ସ୍ଥାନରେ ଛେଳି, କୁକୁଡ଼ା ଆଦି ବଳିର ପରମ୍ପରା ରହିଥିବାବେଳେ, ଅନ୍ୟାନ୍ୟ 'ସଂସ୍କୃତିକୃତ' ପୀଠରେ ଫଳ, ନଡ଼ିଆ, କଦଳୀ, ଫୁଲ, ପତ୍ର ଓ ନିରାମିଷ ଭୋଗ ଦିଆଯାଏ । ଏଠାରେ ଆଉ ଏକ ଆକର୍ଷଣୀୟ ଦିଗ ହେଉଛି—ପୂଜାରୀ ସବୁବେଳେ ବ୍ରାହ୍ମଣ ହେବେ, ଏମିତି ନୁହେଁ । ଅନେକ ଗ୍ରାମଦେବୀ ପରମ୍ପରାରେ ସ୍ଥାନୀୟ ଜାତି ବା ଜନଜାତିର ପାରମ୍ପରିକ ପୂଜାରୀ—ଦେହୁରୀ, ନାୟକ, ପୂଜାରୀ କିମ୍ବା ଅନ୍ୟ ସ୍ଥାନୀୟ ଧାର୍ମିକ ବ୍ୟକ୍ତି—ପୂଜା କରନ୍ତି । କେତେକ ଜନଜାତିୟ ପରମ୍ପରାରେ ନିଜ ସମ୍ପ୍ରଦାୟର 'ଦେହୁରୀ' ଦେବତାଙ୍କ ପୂଜାର ଦାୟିତ୍ୱ ନିଅନ୍ତି ।

ଗ୍ରାମଦେବୀଙ୍କ ଉତ୍ପତ୍ତି ସମ୍ପର୍କରେ କୌଣସି ଏକ ଶାସ୍ତ୍ରୀୟ କାହାଣୀ ନାହିଁ । ତାଙ୍କୁ ନେଇ ଗାଁରୁ ଗାଁକୁ ଭିନ୍ନ ଭିନ୍ନ ଲୋକକଥା ଚାଲିଆସିଛି । କେଉଁଠି କୁହାଯାଏ, ଦେବୀ ଜଙ୍ଗଲ ମଧ୍ୟରୁ ପ୍ରକଟ ହୋଇଥିଲେ; କେଉଁଠି ଗୋଟିଏ ଗାଈ ନିୟମିତ ଭାବେ ଗୋଟିଏ ପଥର ଉପରେ କ୍ଷୀର ଢାଳୁଥିଲା ଏବଂ ସେଠାରୁ ଦେବୀଙ୍କ ମହିମା ପ୍ରକାଶ ପାଇଥିଲା; କେଉଁଠି ଗ୍ରାମର ମହାମାରୀ କିମ୍ବା ବିପଦ ସମୟରେ ଜଣେ ଦିବ୍ୟ ନାରୀ ଆସି ଗାଁକୁ ରକ୍ଷା କରିଥିବା କଥା ରହିଛି । ଏହି କାହାଣୀଗୁଡ଼ିକୁ ଏକାଧାରରେ ଐତିହାସିକ ଘଟଣା ବୋଲି ଧରିନେବା ଉଚିତ ନୁହେଁ; ଏଗୁଡ଼ିକ ମୌଖିକ ଲୋକପରମ୍ପରା, ଯାହା ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ଗଡି ଆସିଛି । ଏହି ଲୋକକଥାର ମୂଳ ଭାବ କିନ୍ତୁ ପ୍ରାୟ ସମାନ—ମାଆ ଗାଁକୁ ଛାଡ଼ି ଯାଆନ୍ତି ନାହିଁ । ଗାଁର ସୀମାରେ ତାଙ୍କର ଆସନ ରହେ, ଯେପରି ସେ ଅଦୃଶ୍ୟ ପ୍ରାଚୀର ହୋଇ ଗାଁକୁ ବାହାରର ବିପଦରୁ ରକ୍ଷା କରୁଛନ୍ତି ।

ସମୟ ବିତିବା ସହିତ ଓଡ଼ିଶାର ପ୍ରାଚୀନ ଲୋକଦେବୀ ପରମ୍ପରା ବୃହତର ହିନ୍ଦୁ ଶାକ୍ତ ପରମ୍ପରା ସହିତ ମିଶିଛି । ଏହି କାରଣରୁ ଅନେକ ସ୍ଥାନୀୟ ଦେବୀ ପରେ ଦୁର୍ଗା, କାଳୀ, ଚଣ୍ଡୀ, ମଙ୍ଗଳା, ଭବାନୀ, ନାରାୟଣୀ ଆଦି ଶାସ୍ତ୍ରୀୟ ଦେବୀରୂପ ସହିତ ସମ୍ପର୍କିତ ହୋଇଛନ୍ତି । ଓଡ଼ିଶାର ଶାକ୍ତ ଐତିହ୍ୟରେ ଗ୍ରାମଦେବୀ ଓ ସ୍ଥାନୀୟ ଦେବୀପୂଜାର ଏହି ସମନ୍ୱୟ ଏକ ଉଲ୍ଲେଖନୀୟ ବିଶେଷତା । ଓଡ଼ିଶାର ଧାର୍ମିକ ଇତିହାସରେ ଷଷ୍ଠ ଶତାବ୍ଦୀରୁ ଆରମ୍ଭ କରି ପରବର୍ତ୍ତୀ ଶତାବ୍ଦୀଗୁଡ଼ିକର ଅଭିଲେଖରେ ଶକ୍ତି ଓ ମାତୃଦେବୀ ଉପାସନାର ପ୍ରମାଣ ମିଳେ; ସ୍ତମ୍ଭେଶ୍ୱରୀ ପରି ଦେବୀଙ୍କ ଉପାସନା ଏହାର ପ୍ରାଚୀନତାକୁ ସୂଚାଏ । ତେଣୁ ଗାଁର ଠାକୁରାଣୀଙ୍କୁ କେବଳ 'ଛୋଟ ଦେବୀ' ଭାବରେ ଦେଖିବା ଏହି ପରମ୍ପରାର ଗଭୀରତାକୁ ନ୍ୟୁନ କରିବା ସହ୍ୟ ସମାନ । ଅନେକ ସ୍ଥାନରେ ସେହି ଦେବୀ ହିଁ ଗାଁର ସବୁଠାରୁ ପ୍ରାଚୀନ ଧାର୍ମିକ ସ୍ମୃତିର ପ୍ରତୀକ । ଏହି ପ୍ରଶ୍ନର ଉତର ମଧ୍ୟ ଲୋକଧର୍ମରେ ଲୁଚିଛି । ଗାଁର ଠାକୁରାଣୀଙ୍କ ପୀଠ ଅନେକ ସମୟରେ ଗାଁର ପ୍ରବେଶପଥ, ପ୍ରାନ୍ତ, ଜଙ୍ଗଲଧାର, ପୋଖରୀ କୂଳ କିମ୍ବା ପବିତ୍ର ବନରେ ଥାଏ । ଏହା ଏକ ପ୍ରତୀକାତ୍ମକ ସୀମା—ଭିତରେ ଗାଁ, ବାହାରେ ଅଜଣା ଜଗତ; ମଝିରେ ଉଭା ହୋଇଥିବା ମାଆ । ପ୍ରାଚୀନ ଗ୍ରାମ୍ୟ ସଂସ୍କୃତିରେ ଜଙ୍ଗଲ, ରୋଗ, ବନ୍ୟପ୍ରାଣୀ, ଖରା, ବନ୍ୟା ଓ ଅନ୍ୟାନ୍ୟ ବିପଦ ଜୀବନର ଅଂଶ ଥିଲା । ତେଣୁ ଗାଁର ସୀମାରେ ଦେବୀଙ୍କ ଆସନ ମନୋବୈଜ୍ଞାନିକ ଭାବେ ମଧ୍ୟ ଏକ 'ରକ୍ଷାବଳୟ'ର ଧାରଣା ତିଆରି କରିଥାଇପାରେ । ଲୋକଧର୍ମର ଏହି ଅର୍ଥ ଆଜି ମଧ୍ୟ ଅନେକ ଗାଁର ସ୍ମୃତିରେ ଜୀବନ୍ତ ।

ଆଜି ଗାଁ ବଦଳିଛି । ମାଟିର ଘର ବଦଳି କୋଠାଘର ହୋଇଛି, ଦୀପ ବଦଳି ବିଦ୍ୟୁତ୍ ଆଲୋକ ଆସିଛି, ଗାଁର ଦାଣ୍ଡରେ ମୋବାଇଲର ଆଲୋଚନା ହେଉଛି । ତଥାପି ଅନେକ ଗାଁରେ ଠାକୁରାଣୀଙ୍କ ପୀଠ ଆଜି ବି ଅଛି । ପୂଜାର ପଦ୍ଧତି ବଦଳିଛି, ଭୋଗ ବଦଳିଛି, କେଉଁଠି ବଳିର ପ୍ରଥା କମିଛି, କେଉଁଠି ନିରାମିଷ ପୂଜା ବଢ଼ିଛି; କିନ୍ତୁ ଗାଁର ଲୋକ ଆଜି ବି ବିଶ୍ୱାସ କରନ୍ତି—ଗାଁରେ ମାଆ ଅଛନ୍ତି । ଏହି 'ଅଛନ୍ତି' ଶବ୍ଦଟି ହିଁ ଲୋକଧର୍ମର ସବୁଠାରୁ ବଡ଼ ଶକ୍ତି । ଶାସ୍ତ୍ରରେ ତାଙ୍କର ନାମ ଥାଉ କି ନଥାଉ, ପୁରାଣରେ ତାଙ୍କର କାହାଣୀ ମିଳୁ କି ନମିଳୁ, ମନ୍ଦିର ବଡ଼ ହେଉ କି ଛୋଟ—ଗାଁର ଜଣେ ବୃଦ୍ଧା ଯେତେବେଳେ ନାତିକୁ କହନ୍ତି, "ଠାକୁରାଣୀଙ୍କୁ ମୁଣ୍ଡିଆ ମାରି ଯା", ସେତେବେଳେ ଶହ ଶହ ବର୍ଷର ଗୋଟିଏ ଲୋକସ୍ମୃତି ନୂଆ ପିଢ଼ିକୁ ହସ୍ତାନ୍ତର ହୋଇଯାଏ । ଶେଷରେ, ଓଡ଼ିଶାର ଗ୍ରାମଦେବୀ ପରମ୍ପରାକୁ କେବଳ ଏକ ଧାର୍ମିକ ବିଶ୍ୱାସ ଭାବରେ ଦେଖିଲେ ତାହାର ଅର୍ଥ ଅଧା ରହିଯାଏ । ଏହା ହେଉଛି ମାଟି ସହିତ ମଣିଷର ସମ୍ପର୍କ, ପ୍ରକୃତି ସହିତ ତା'ର ନିବିଡ଼ତା, ଗାଁ ସହିତ ତା'ର ସାମୂହିକ ଚେତନା ଓ ମାଆଙ୍କ ଆଶ୍ରୟ ପ୍ରତି ତା'ର ଅନାଦି ବିଶ୍ୱାସର ଏକ ଜୀବନ୍ତ ଦଲିଲ । ଗ୍ରାମଶ୍ରୀ ହୁଅନ୍ତୁ, ଠାକୁରାଣୀ ହୁଅନ୍ତୁ କି ଗ୍ରାମଦେବତୀ, ସେମାନଙ୍କ ନାଁ ହୁଏତ ବଦଳିପାରେ, ପୂଜାର ପଦ୍ଧତି ବଦଳିପାରେ, କିନ୍ତୁ ଗାଁର ମନରେ ତାଙ୍କର ସ୍ଥାନଟି ରହିଯାଏ ସେହି ପୁରୁଣା ମାଆ ପରି—ଯିଏ ଗାଁର ସୀମାରେ ଠିଆ ହୋଇ କହନ୍ତି, "ତୁମେ ସବୁ ଶାନ୍ତିରେ ଶୋଇଯାଅ... ମୁଁ ଗାଁକୁ ଜଗିଛି ।"

ମାର୍ଫତ୍: ମନ୍ମଥ କୁମାର ମିଶ୍ର, ବିଶ୍ୱେଶ୍ୱରପୁର୍ ଶାସନ, କେନ୍ଦୁଝର ବଜାର
କେନ୍ଦୁଝର-୭୫୮୦୦୨, ମୋ: ୭୦୦୮୨୪୧୨୮୭

ମା'ବାଟମଙ୍ଗଳା : 'ବାଟରେ ବାଟମଙ୍ଗଳା ଦେଖିବା ଅଠରନଳା ।'

॥ ଇଂ. ଶୁଭେନ୍ଦୁ ମୋହନ ସୁବୁଦ୍ଧିରାୟ ॥

ନବରାତ୍ରରେ ମା' ଦୁର୍ଗାଙ୍କ ଲୀଳା ମାହାତ୍ମ୍ୟ ସ୍ମରଣ ସମୟରେ ପୁରୁଷୋତମ କ୍ଷେତ୍ରର ନିତ୍ୟ ଆରାଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲାପୂର୍ବରୁ ଆମେ ସମସ୍ତେ ପୁରୀ ପୂର୍ବରୁ ମା'ବାଟମଙ୍ଗଳାଙ୍କ ଦର୍ଶନ କରିଥାଉ । ମା'ବାଟମଙ୍ଗଳା ହେଉଛନ୍ତି ପ୍ରତ୍ୟକ୍ଷ ଦେବୀ । 'ଥକକା ମନ ଚାଲ ଯିବା, ଚକାନୟନ ଦେଖିବା । ଶଙ୍ଖନାଭି ମଣ୍ଡଳରେ ବେନି ନେତ୍ର ପଖାଳିବା ।' ସେତେବେଳେ ସ୍କନ୍ଦ ପୁରାଣ, ବାମଦେବ ସଂହିତା ଓ ସୂତ ସଂହିତାରେ ବର୍ଣ୍ଣିତ ଥିବା ପ୍ରଖ୍ୟାତ 'ଶଙ୍ଖକ୍ଷେତ୍ର' ସ୍ୱାଭାବିକ ଭାବରେ ତା'ର ମାନସ ଚକ୍ଷୁରେ ଝଲସି ଉଠେ । ସେ ପୁଣି ଗାଇ ଚାଲେ । 'ବାଟରେ ବାଟମଙ୍ଗଳା, ଦେଖିବା ଅଠରନଳା । ପଂଚମନ ଏକ କରି ନରେନ୍ଦ୍ରେ ସ୍ନାନ କରିବା । ପହଂଡ଼ିବା ବଡ଼ଦାଣ୍ଡେ, ସେ ରେଣୁ ପାଇବା ତୁଣ୍ଡେ, ଛତା ତଳେ ରହି ଦଣ୍ଡେ, ସାଧୁଙ୍କୁ ସେବା କରିବା । ସିଂହଦ୍ୱାରେ ଭିଡ଼ାଭିଡ଼ି, ବାନ୍ଧୁଅଛି ବେତ ବାଡ଼ି, ଠେଲିଦେଇ ଯିବା ମାଡ଼ି, ଧକ୍କା ବାଜିଲେ ସହିବା । ବାଇଶି ପାବଚ୍ଛେ ବିକା, କୈବଲ୍ୟ ହେଉଛି ଟଙ୍କା, ହାଣ୍ଡିକ ପଡ଼େ ସିଉକା, ମନରଙ୍କା ଛଡ଼ାଇବା । ଗରୁଡ଼ ପଛରେ ଦେଖ, ଦିଶୁଛି କଳାଶ୍ରୀମୁଖ, କହଇ ସାରିଆ ଭିଖ ବଳରାମଙ୍କୁ କହିବା ।' ଏହି ଅପୂର୍ବ ଲୀଳା ମାଧୁର୍ଯ୍ୟପୂର୍ଣ୍ଣ ଭଜନଟିକୁ ସ୍ମରଣ ମାତ୍ରକେ ଆଖି ସାମ୍ନାକୁ ଚାଲି ଆସେ ମହାପ୍ରଭୁଙ୍କ ଅପୂର୍ବ ପ୍ରତିମାର ଚିତ୍ର, ଶ୍ରୀକ୍ଷେତ୍ର, ବଡ଼ଦାଣ୍ଡ ଓ ସବୁକିଛି । ଶ୍ରୀକ୍ଷେତ୍ରର ପ୍ରବେଶ ପଥରେ ବାଟମଙ୍ଗଳାଙ୍କୁ ଶ୍ରୀଜଗନ୍ନାଥଙ୍କ ଭକ୍ତଜନ ସର୍ବପ୍ରଥମେ ଦର୍ଶନ କରିଥାନ୍ତି ।

ମଙ୍ଗଳମୟୀ ମା'ମଙ୍ଗଳା ମଧ୍ୟ ସର୍ବତ୍ର ଆରାଧିତା । ବାଟରେ ଥିଲେ ସିଏ ହୁଅନ୍ତି ବାଟ ମଙ୍ଗଳା । ଆଉ ଘାଟରେ ଥିଲେ ହୁଅନ୍ତି ଘାଟ ମଙ୍ଗଳା । ପୀଠରେ ଥିଲେ ସିଏ ସର୍ବ ମଙ୍ଗଳା । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଯେପରି ସମସ୍ତେ ପୂଜା କରିପାରନ୍ତି ମଙ୍ଗଳାଙ୍କୁ ମଧ୍ୟ ସେହିପରି ସବୁ ଜାତି ପୂଜା କରିପାରନ୍ତି । ଏ ଦୃଷ୍ଟିରୁ କ୍ଷେତ୍ରବର ଶ୍ରୀକ୍ଷେତ୍ର ସ୍ୱତନ୍ତ୍ର । ଏଠି ଉପାସନା ଧାରା ଶାସ୍ତ୍ରୀୟ ଓ ଜନପଦୀୟଧାରା ସମୀକରଣରେ ଗଢ଼ି ଉଠିଛି । ମା' ବାଟ ମଙ୍ଗଳା ଚତୁର୍ଭୁଜା । ମା'ଙ୍କର ଦକ୍ଷିଣ ଉପର ହସ୍ତରେ ଗଦା, ତଳ ହସ୍ତ ଆର୍ଶୀବାଦ ମୁଦ୍ରା, ବାମ ଉପର ହସ୍ତରେ ତ୍ରିଶୂଳ ଓ ତଳ ହସ୍ତ ଅଭୟ ମୁଦ୍ରା ଓ ମାଳି । ମା'ପଦ୍ମାସନସିନା । ହସ ହସ ବଦନା । ବଉଳମାଳା ପଥର ନିର୍ମିତ ମା'ଙ୍କ ବିଗ୍ରହର ଉଚ୍ଚତା ଅଢ଼େଇ ଫୁଟ ଅଟେ । ତାଙ୍କ ହସ ହସ ମୁହଁକୁ ଦେଖିଦେଲେ ଭକ୍ତର ଏକ ଭକ୍ତିକ ଶୀହରଣ ଆପାଦମସ୍ତକ ଖେଳିଯାଏ । ତାଙ୍କ ଆଖିରେ ବାତ୍ସଲ୍ୟ ଆଭା ଟାଣି ନିଏ ପାଖକୁ ।

ବାସ୍ତବିକ ପୁରୀ ଠାରୁ ୧୨ କିଲୋମିଟର ଦୂରରେ ଅବସ୍ଥିତ କ୍ଷେତ୍ର ପ୍ରତିହାରୀ 'କପୋତେଶ୍ୱର' ମହାଦେବଙ୍କ ମନ୍ଦିର କିମ୍ବା ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ନିକଟରେ ବିରାଜିତ ଥିବା କ୍ଷେତ୍ରପାଳ ନୀଳକଣ୍ଠେଶ୍ୱର କିମ୍ବା ଆଉ କିଛି ଆଗକୁ ଶଙ୍ଖାଗ୍ର ରକ୍ଷକ 'ବିଲ୍ୱେଶ୍ୱର' ପ୍ରତିଷ୍ଠିତ ଥିଲେ ହେଁ କିମ୍ବା ସେହିପରି ଶଙ୍ଖାନ୍ତ-ରକ୍ଷକ ଲୋକେଶ୍ୱରଙ୍କ (ଶ୍ରୀଲୋକନାଥ, ପଂଚଦ୍ୱାରପାଳ ମହାଦେବଙ୍କ ଭିତରୁ ଅନ୍ୟତମ) ମନ୍ଦିର ସମ୍ଭବତଃ ଜଗନ୍ନାଥ ମନ୍ଦିରର ସ୍ଥିତି ସମୟରୁ ରହିଥିଲେ ହେଁ 'ମହାବାହୁ'ଙ୍କ ଦର୍ଶନ ପାଇଁ ଯେଉ ବାଟ ଦେଇ ଅଧିକାଂଶ ଯାତ୍ରୀ ଯାତାୟାତ କରିଥାଆନ୍ତି, ସେହି ବାଟରେ ଅର୍ଥାତ୍ ଶ୍ରୀକ୍ଷେତ୍ର ଠାରୁ ପ୍ରାୟ ପାଂଚକିଲୋମିଟର ଦୂରରେ 'ବାଟମଙ୍ଗଳା' ବିରାଜିତା ।

ମହିମାମୟୀ ମାତା 'ବାଟାମଙ୍ଗଳା' ନାମ ସ୍ମରଣ କରିବା ସଙ୍ଗେ ସଙ୍ଗେ ଏହାଙ୍କ ମାହାତ୍ମ୍ୟ, ନାମକରଣ ଏବଂ ପ୍ରାଗ୍ ପୌରାଣିକ ଉତ୍ପତିର ବର୍ଣ୍ଣନା ଆପେ ଆପେ ମନକୁ ଆସେ । 'ବ୍ରହ୍ମାଙ୍କୁ ବାଟୋଇ ମାତା ସେ ବାଟମଙ୍ଗଳା, କମଳ ଗଣ୍ଡିରେ ମାଗୋ ତୋର ଲୀଳାଖେଳା ।' ବାଟ ମଙ୍ଗଳାଙ୍କ ସମ୍ମୁଖ ଭାଗରେ ନବଗ୍ରହ ଓ ଗଣେଶ ବିଦ୍ୟମାନ । ବାଟମଙ୍ଗଳାଙ୍କ ଦକ୍ଷିଣ ପାର୍ଶ୍ୱରେ ପ୍ରସ୍ତର ମୂର୍ତ୍ତି ଯୋଗମାୟା ଥିଲାବେଳେ ବାମ ପାର୍ଶ୍ୱରେ ଭୁବନେଶ୍ୱରୀଙ୍କ ପିତଳ ମୂର୍ତ୍ତି ରହିଛି । ମନ୍ଦିର ବେଢ଼ାର ଦକ୍ଷିଣ ପଟେ ଦଶମହାବିଦ୍ୟା ଓ ମହାବୀରଙ୍କ ରୂପ ଖୋଦିତ । ପରମବୈଷ୍ଣବୀ ମା'ମଙ୍ଗଳା ଏଠି ଦୈନନ୍ଦିନ ନୀତି ଭୋର ୪ଟାରୁ ଆରମ୍ଭ ହୁଏ ଦ୍ୱାର ଫିଟା । ଏହାପରେ ମଙ୍ଗଳ ଆଳତୀ, ସୂର୍ଯ୍ୟପୂଜା, ବଲ୍ଲଭ ଭୋଗ ହୋଇଥାଏ । ସକାଳ ସାଢ଼େ ଆଠଟାରେ ମା'ଙ୍କର ଚନ୍ଦନ ବେଶ, ମଧ୍ୟାହ୍ନ ୧୨ଟାରେ ଅନ୍ନ ଭୋଗ, ସଂଧ୍ୟା ୭ଟାରେ ସଂଧ ଆଳତି ଓ ରାତ୍ରି ଦଶଟାରେ ରାତ୍ର ଧୂପ ହୋଇ ପହୁଡ଼ ପଡେ । ରାତି ଧୂପରେ ଏଠାରେ ଅନ୍ନ ଭୋଗ ହେବାର ବିଧି ରହିଛି ।

ସ୍ୱତନ୍ତ୍ର ପର୍ବ ପର୍ବାଣୀରେ ଏଠାରେ ସ୍ୱତନ୍ତ୍ର ପୂଜାବିଧି ଅନୁଷ୍ଠିତ ହୋଇଥାଏ ଆଶ୍ୱିନ ମାସର ଷୋଳପୂଜାରେ ୧୬ ଦିନ ଯାଏ ଏଠାରେ ପ୍ରତ୍ୟହ ଚଣ୍ଡୀପାଠ ଓ ଆହୂତି ହୁଏ । ମଧ୍ୟାହ୍ନରେ ଶଖୁଡ଼ି ଓ ଏଣ୍ଡୁରୀ ଭୋଗ ହୁଏ । ସପ୍ତମୀ, ଅଷ୍ଟମୀ ଓ ନବମୀରେ ମା'ମଙ୍ଗଳା ଯଥାକ୍ରମେ ଭୁବନେଶ୍ୱରୀ, ମହିଷମର୍ଦ୍ଦିନୀ, ବନଦୁର୍ଗାବେଶ ହୋଇଥାନ୍ତି । ଏହି ମାସରେ ଏଠାରେ ସହସ୍ର କୁମ୍ଭ ଅଭିଷେକ ହୋଇଥାଏ । ଏହି ଦିନ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପାଟ ଷୋହଳ ହାତ ଲମ୍ବର ଓ ଚନ୍ଦନକାଠ ମଙ୍ଗଳା ପୀଠକୁ ଆସିଥାଏ । ଚୈତ୍ରମାସର ୪ ମଙ୍ଗଳବାର ଓ ନବରାତ୍ର ପୂଜା ହେବାର ବିଧି ଏଠାରେ ରହିଛି । ଏହି ନବରାତ୍ର ପୂଜାରେ ନଅ ଦିନ ଧରି ଚଣ୍ଡୀପାଠ ଓ ଧୂପ ହୁଏ । ଶ୍ରୀଗୁଣ୍ଡିଚାରେ ଶ୍ରୀମନ୍ଦିରରୁ ମା'ଙ୍କ ପାଇଁ ଖଣ୍ଡୁଆ ପାଟ, ଚନ୍ଦନକାଠ ଓ ମହାପ୍ରସାଦ ଆସି ଲାଗି ହୋଇଥାଏ ।

ସର୍ବମଙ୍ଗଳାଙ୍କ ଧ୍ୟାନରେସେ କେବଳ ବ୍ରହ୍ମଶକ୍ତିର ପ୍ରତୀକ ବୋଲି ଯେ ପ୍ରତୀତ ହୋଇଛନ୍ତି ତାହା ନୁହେଁ ବରଂ ତାଙ୍କ ରୂପ ବର୍ଣ୍ଣନାରେ ଉଲ୍ଲେଖ ଅଛି - 'ନବଯୌବନସମ୍ପନ୍ନା ଜବା ପୁଷ୍ପ ସମ ପ୍ରଭାଂ, ନାନା ଭରଣ ଭୂଷାଢ଼୍ୟାଂ ଚନ୍ଦ୍ରମୌଳି ପ୍ରଭାକରମ୍ । ତ ବିଦ ବର୍ଣ୍ଣ ନିଭ ବସଂ ଦଧାନାଂ ପରମେଶ୍ୱରୀ, ମୁଖ ପଦ୍ମାସନା ଦେବୀ ତ୍ରିନେତ୍ରାଂ ଧର୍ମ ରୂପିଣୀମ୍, ଦଧାନାଂ ଦର୍ପଣଂ ସ୍ୱଛ ମାଳାଂ ସ୍ପଟିକ ନିର୍ମଳାଂ, ସଦ୍ୟ ପ୍ରସୁତିତାଙ୍କବତ ନିଗମାଗମଧାରୀଣୀମ୍, ଅତି ସୌମ୍ୟତରାଂ ଦେବୀଂ ଦେବ ଗନ୍ଧର୍ବ ବନ୍ଦିତାଂ, ସାକ୍ଷାତ୍ ବ୍ରହ୍ମମୟୀ ବନ୍ଦେ ମଙ୍ଗଳା ମଙ୍ଗଳାରକ୍ଷମ୍ ।'

ଲିଙ୍ଗୀପଡ଼ା, ଧବଳେଶ୍ୱର, କଟକ, ଦୂରଭାଷ : ୯୭୭୮୪୪୯୧୧୯

ନବରାତ୍ରୀର ନବଶକ୍ତି

॥ ଡାକ୍ତର ରାମ ପ୍ରସାଦ ରାୟ ॥

ସଂସ୍କୃତି କହିଲେ ମାନବର ଅତୀତ, ବର୍ତମାନ ଓ ଭବିଷ୍ୟତ ଜୀବନର ମାନଦଣ୍ଡ ତଥା ମାର୍ଜିତ ଚିନ୍ତାଧାରାକୁ ବୁଝାଏ । ଏହା ଏକ ସଂସ୍କାର ସମ୍ପନ୍ନ ମାନବ ସମାଜର ଅନ୍ତଃସଲୀଳା ତୀର ପ୍ରବହମାନ ଜହ୍ନବୀ ଧାରା । ଏହା ସାମାଜିକ ଜୀବନ ଠାରୁ ଆରମ୍ଭ କରି ସାଂସ୍କୃତିକ ତଥା ଧାର୍ମିକ ଜୀବନ ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ପ୍ରତିଫଳିତ । ଭାରତୀୟ ଜନଜୀବନର ସାମଗ୍ରିକ ରୂପ ତାର ଲୋକ - ସଂସ୍କୃତିରେ ପ୍ରତିଫଳିତ । ତେଣୁ ସାମାଜିକ ଆଧାତ୍ମିକ ଓ ରାଜନୈତିକ ଜୀବନର ମଧୁର ସମନ୍ୱୟରେ ପ୍ରତ୍ୟେକ ଦେଶର ସଂସ୍କୃତି ଗଢ଼ି ଉଠିଥାଏ । ସେଥିପାଇଁ ଭାରତ ବର୍ଷ ସର୍ବୋପରି ବହୁ ସଂପ୍ରଦାୟ ଓ ବହୁ ଭାବନାର ସମନ୍ୱିତ ଭୂମି ଏବଂ ମହନୀୟ ଚେତନାର ସମନ୍ୱିତ ତୀର୍ଥ ।

ଆର୍ଯ୍ୟଭୂମି ଭାରତ ବର୍ଷରେ ଶାକ୍ତ ସଂସ୍କୃତିର ଏକ ବିରାଟ ଐତିହ୍ୟ ରହି ଆସିଛି । ଆର୍ଯ୍ୟ ଓ ଅର୍ଯ୍ୟୋତର ବିଶ୍ୱାସ ଓ ସଂସ୍କାରର ସମନ୍ୱୟରୁ ଶକ୍ତି ଉପାସନା ଆରମ୍ଭ ହୋଇଥିଲା । ପ୍ରଚଳିତ ଶାକ୍ତ ବ୍ରତ ଗୁଡ଼ିକରେ ଦୁର୍ଗା, ଲକ୍ଷ୍ମୀ, ମହାକାଳୀ, ମଙ୍ଗଳା, ସାବିତ୍ରୀ, ଉତରାୟଣୀ, ପାର୍ବତୀ, ଆରାଧ୍ୟ ଦେବୀ ରୂପେ ପୂଜା ପାଆନ୍ତି । ମୁଖ୍ୟତଃ ଏକ ଈଶ୍ୱର ଉପରେ ବିଶ୍ୱାସ ରଖିଥିଲେ ହେଁ ବହୁ, ଦେବଦେବୀ ପୂଜା ହିନ୍ଦୁ ସଂସ୍କୃତିର ଏକ ଉଲ୍ଲେଖଯୋଗ୍ୟ ବିଶିଷ୍ଟ୍ୟ ।

ତେଣୁ ଭାରତ ବର୍ଷରେ ବିଭିନ୍ନ ସମୟରେ ଜୈନ, ବୌଦ୍ଧ, ବୈଷ୍ଣବ, ଶୈବ, ଶାକ୍ତ, ଗାଣପତ୍ୟ, ସୌର, ପଂଚସଖାଦି ବହୁ ଧର୍ମ ଓ ଦର୍ଶନ ସମ୍ପ୍ରଦାୟର ଉଦ୍ଭବ, ବିକାଶ ଓ ଅପୂର୍ବ ସମନ୍ୱୟ ସଂଘଟିତ ହୋଇ ସେହି ଧର୍ମାନୁସୃତ ବିଭିନ୍ନ ଦେବତା ମାନଙ୍କର ପୂଜା, ଉପାସନା ବ୍ୟାପକ ଭାବରେ ଜନ ସମାଜରେ ପ୍ରଚଳିତ ହୋଇଅଛି । ଆଶ୍ୱିନ ଓ ଚୈତ୍ର ମାସରେ ନବରାତ୍ରି ପୂଜା ବିଧାନ ହୋଇଥାଏ । ଋତୁ ବିଜ୍ଞାନ ଅନୁସାରେ ଆଶ୍ୱିନ ଓ ଚୈତ୍ର ମାସ ହେଉଛି ଉତାପ ଓ ଶୀତଳତାର ସନ୍ଧି ମାସ । ଶୀତର ପଦାର୍ପଣ ଆଶ୍ୱିନର ପ୍ରାରମ୍ଭରୁ ହୁଏ ଏବଂ ଗ୍ରୀଷ୍ମ ପଦାର୍ପଣ ହୁଏ ଚୈତ୍ର ଆରମ୍ଭରୁ । ଋତୁମୂଳକ ବାସନ୍ତୀ ସମ୍ବତ୍ସର ଚୈତ୍ର ଶୁକ୍ଳ ପ୍ରତିପଦରୁ ଏବଂ ନକ୍ଷତ୍ରମୂଳକ ଶାରଦୀୟ ବର୍ଷ ଆଶ୍ୱିନ ପ୍ରତିପଦରୁ ଆରମ୍ଭ ହୁଏ । ଏହି ଉଭୟ ସମ୍ବତ୍ସରର ପ୍ରାରମ୍ଭିକ ୯ ଦିନ ହେଉଛି ନବରାତ୍ରି । ନବ ଶବ୍ଦର ଅର୍ଥ ହେଉଛି ୯ ସଂଖ୍ୟାବାଚକ । ଦୁର୍ଗାଙ୍କ ନବରୂପର ଅର୍ଚ୍ଚନା କରାଯାଏ । କୃଷି ପ୍ରଧାନ ଦେଶ ଭାରତରେ କୃଷି ଦୃଷ୍ଟିରୁ ଆଶ୍ୱିନ ଓ ଚୈତ୍ର ମାସର ବିଶେଷ ମହତ୍ୱ ରହିଛି । ଚୈତ୍ର ମାସରେ ଏବଂ ଆଶ୍ୱିନ ମାସରେ ଧାନ ଫସଲ ହୋଇଥାଏ । ଉଭୟ ଅବସରରେ ନଅ ଦିନ ପର୍ଯ୍ୟନ୍ତ ଘରେ ରହିବା ଆବଶ୍ୟକ । ଗୃହକୋଣରେ ଭଗବତୀଙ୍କ ମଣ୍ଡପ ସଜାଯାଏ । ରାତିଦିନ ଜଳୁଥିବା ଘିଅ ଏବଂ ତେଲର ପ୍ରଦୀପ, ଧୂପ, କର୍ପୂର ଅଗର ଆଦି ସୁଗନ୍ଧିତ ଦ୍ରବ୍ୟରୁ ଆସୁଥିବା ଧୂମ ଏହି ସନ୍ଧିକାଳ ମାସରେ ଉତ୍ପନ୍ନ ହେଉଥିବା ଜୀବାଣୁର ବିନାଶ କରେ । ଅନ୍ନର ଆଗମନରେ 'ନବରାତ୍ରି' ପାଳନ କରାଯାଏ । ଦଶମ ଦିନ ଯଜ୍ଞ କରି ନବାନ୍ନ ଆହୁତି ଦିଆଯାଏ । ପୌରାଣିକ କଥାବସ୍ତୁ ଅନୁଯାୟୀ ମହାପ୍ରତାପୀ ରାବଣକୁ ଜିତିବା ପାଇଁ ପ୍ରଭୁ ଶ୍ରୀରାମ ନାରଦ ମୁନିଙ୍କ ପରାମର୍ଶରେ ନବରାତ୍ରି ପୂଜା କରିଥିଲେ । ମା' ଦୁର୍ଗାଙ୍କ ନବରାତ୍ରୀ ଉତ୍ସବରେ ମହାମାୟୀ ଏ ନବଦିନ ଭିନ୍ନ ଭିନ୍ନ ସ୍ୱରୂପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦିଅନ୍ତି ।

ଶ୍ରୀ ଶ୍ରୀ ଦୁର୍ଗାଦେବୀଙ୍କୁ ସମୋହନୀ ତନ୍ତ୍ରରେ ନଅଟି ନାମରେ ଆରାଧନା କରାଯାଏ । ସେହି ମନ୍ତ୍ରଟି ହେଉଛି 'ବନଦୁର୍ଗା ମହାଦୁର୍ଗା ଗିରିଦୁର୍ଗା ତତଃ ପରଂ । ଜୟଦୁର୍ଗା ଶୂଳିଦୁର୍ଗା ମହିଷମର୍ଦ୍ଦିନୀ । ଶକ୍ତିଦୁର୍ଗା ଘୋରାଦୁର୍ଗା ଚଣ୍ଡଦୁର୍ଗା ତତଃ କ୍ରମାତ୍ । ଇତି ସମ୍ମୋହିନୀ ତନ୍ତ୍ରେ ଦୁର୍ଗାଭେଦା ନବୋଦିତାଃ ।। ଅନ୍ୟତ୍ ପ୍ରଥମଂ ଶୈଳପୁତ୍ରୀତି, ଦ୍ୱିତୀୟଂ ବ୍ରହ୍ମଚାରିଣୀ । ତୃତୀୟଂ ଚନ୍ଦ୍ରଘଂଟେତି, କୁଷ୍ମାଣ୍ଡେତି ଚତୁର୍ଥକମ୍ ।। ପଂଚମଂ ସ୍କନ୍ଦମାତେତି, ଷଷ୍ଠଂ କାତ୍ୟାୟନୀତି ଚ । ସପ୍ତମଂ କାଳରାତ୍ରୀତି, ମହାଗୌରୀତି ଚାଷ୍ଟମମ୍ ।। ନବମଂ ସିଦ୍ଧିଦାତ୍ରୀ ଚ, ନବଦୁର୍ଗାଃ ପ୍ରକୀର୍ତିତାଃ । ଉକ୍ତାନ୍ୟେତାନି ନାମାନି ବ୍ରହ୍ମଣୈବ ମହାତ୍ମନା ।।'

ପ୍ରଥମରେ ଶୈଳପୁତ୍ରୀ, ଦ୍ୱିତୀୟରେ ବ୍ରହ୍ମଚାରିଣୀ, ତୃତୀୟରେ ଚନ୍ଦ୍ରଘଂଟା, ଚତୁର୍ଥରେ କୁଷ୍ମାଣ୍ଡା, ପଂଚମରେ ସ୍କନ୍ଦମାତା, ଷଷ୍ଠରେ କାତ୍ୟାୟୀନୀ, ସପ୍ତମରେ କାଳରାତ୍ରୀ, ଅଷ୍ଟମରେ ମହାଗୌରୀ ଓ ନବମରେ ସିଦ୍ଧିଦାତ୍ରୀ ଏହା ନବଦୁର୍ଗା (ନବଶକ୍ତି) ବୋଲି କଥିତ ଅଛି । ଏହି ସମସ୍ତ ନାମ ସର୍ବଜ୍ଞଦେବ ବ୍ରହ୍ମାଙ୍କ ଦ୍ୱାରା ବର୍ଣ୍ଣିତ ହୋଇଅଛି । (ବ୍ରହ୍ମାକୃତ ଦେବୀ କବଚ) । ମା ସିଦ୍ଧିଦାତ୍ରୀ ଭକ୍ତମାନଙ୍କର ସମସ୍ତ କାମନା ପୂରଣ କରି ଅଷ୍ଟସିଦ୍ଧି (ଅଣିମା, ମହିମା, ଗରିମା, ଲଘିମା, ପ୍ରାପ୍ତି, ପ୍ରାକାମ୍ୟ, ଈଶିତ୍ୱ ଓ ବଶିତ୍ୱ) ପ୍ରଦାନ କରନ୍ତି । ଅଉ କେତେ ପୁରାଣରେ ଅଷ୍ଟାଦଶ ସିଦ୍ଧି ବିଷୟରେ କୁହାଯାଏ । ସେଗୁଡ଼ିକ ହେଲା - ଅଣିମା, ଲଘିମା, ପ୍ରାପ୍ତି, ପ୍ରାକାମ୍ୟ, ମହିମା, ଈଶିତ୍ୱ, ବଶିତ୍ୱ, ସର୍ବକାମାବସାୟିତା, ସର୍ବଜ୍ଞତ୍ୱ, ଦୂରଶ୍ରବଣ, ପରକାୟ ପ୍ରବେଶନ, ବାକସିଦ୍ଧି, କଳ୍ପବୃକ୍ଷତ୍ୱ, ସୃଷ୍ଟି, ସଂହାରକରଣ ସାମର୍ଥ୍ୟ, ଅମରତ୍ୱ, ସର୍ବନାୟକତ୍ୱ, ଭାବନା, ସିଦ୍ଧି । ଦେବୀ ପୁରାଣ ଅନୁସାରେ ମା'ସିଦ୍ଧିଦାତ୍ରୀଙ୍କ କୃପାରୁ ଭଗବାନ ଶଙ୍କର ଏ ସମସ୍ତ ସିଦ୍ଧି ପ୍ରାପ୍ତ ହୋଇଛନ୍ତି । ସେଥିପାଇଁ ସେ ତାଙ୍କର ଅର୍ଦ୍ଧାଙ୍ଗରେ ସର୍ବଦା ଦେବୀଙ୍କୁ ଧାରଣ କରିଛନ୍ତି । ଏହି କାରଣରୁ ଶିବ ଅର୍ଦ୍ଧନାରୀଶ୍ୱର ନାମରେ ଜଗତରେ ବିଖ୍ୟାତ ।

କ୍ୟାମ୍ପ ଅଫିସର, ରକ୍ତ ଭଣ୍ଡାର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୮୨୬୦୪୦୮୮୩୬

ଫୁଲବାଣୀରେ ଦୁର୍ଗାପୂଜା ପାଇଁ ପ୍ରଶାସନର କଡ଼ା ପ୍ରସ୍ତୁତି

କନ୍ଧମାଳ, ୧୫/୧୦ (ଆ.ପ୍ର) : ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ପରିବେଶରେ ସମ୍ପନ୍ନ କରିବାକୁ ଫୁଲବାଣୀରେ ପ୍ରଶାସନିକ ତତ୍ପରତା ବଢ଼ିଛି । ପୂଜା ମଣ୍ଡପରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା ଓ ସହରର ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ପ୍ରଶାସନ ଗୁରୁତ୍ୱ ଦେଇଛି । ଡିଜେ ବ୍ୟବହାର ଉପରେ ନିଷେଧାଦେଶ, ସମସ୍ତ ପୂଜା ମଣ୍ଡପରେ ସିସିଟିଭି ସ୍ଥାପନ ଏବଂ ଭସାଣି ଦିନ ଟ୍ରାଫିକ୍ କଟକଣା ଭଳି ନିଷ୍ପତ୍ତି ପୂଜାର ସୁପରିଚାଳନା ପାଇଁ ଗୁରୁତ୍ୱ ବହନ କରୁଛି । ଏନେଇ ଜିଲ୍ଲାପାଳ ବେଦ ଭୂଷଣଙ୍କ ଅଧ୍ୟକ୍ଷତାରେ ଫୁଲବାଣୀଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଆରକ୍ଷୀ ଅଧୀକ୍ଷକ ରମେନ୍ଦ୍ର ପ୍ରସାଦ, ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ, ଉପଜିଲ୍ଲାପାଳ ଭିକାରୀ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ମା' ବରାଳଦେବୀ ପୂଜା କମିଟିର କର୍ମକର୍ତ୍ତା ଏବଂ ସହରର ୯ଟି ପୂଜା ମଣ୍ଡପର ସଭାପତି ଓ ସମ୍ପାଦକ ଯୋଗଦେଇଥିଲେ । ପୂଜା ସମୟରେ ସାଧାରଣ ଜନତାଙ୍କ ସୁରକ୍ଷା, ଯାତାୟାତର ସୁବିଧା ଓ ଶୃଙ୍ଖଳିତ ଭାବେ ଉତ୍ସବ ପାଳନ ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା । ପୂଜା ମଣ୍ଡପ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ଭିଡ଼ ନିୟନ୍ତ୍ରଣ ପାଇଁ ପୂଜା କମିଟିଗୁଡ଼ିକ ଆବଶ୍ୟକ ସଂଖ୍ୟକ ପରିଚୟପତ୍ରଧାରୀ ସ୍ୱେଚ୍ଛାସେବୀ ନିୟୋଜିତ କରିବେ । ଦର୍ଶନାର୍ଥୀଙ୍କ ଶୃଙ୍ଖଳିତ ଯାତାୟାତ, ଟ୍ରାଫିକ୍ ପରିଚାଳନା ଓ ପ୍ରସାଦ ବଂଟନ ଦାୟିତ୍ୱରେ ସ୍ୱେଚ୍ଛାସେବୀମାନେ ସହଯୋଗ କରିବେ । ସେହିପରି ସୁରକ୍ଷା ଦୃଷ୍ଟିରୁ ସମସ୍ତ ପୂଜା ମଣ୍ଡପରେ ସିସିଟିଭି କ୍ୟାମେରା ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଡିଜେ ବ୍ୟବହାର ନିଷେଧ କରାଯାଇଥିବା ବେଳେ ନିର୍ଦ୍ଧାରିତ ମାନକ ଅନୁଯାୟୀ ସାଉଣ୍ଡ ସିଷ୍ଟମ୍ ବ୍ୟବହାର କରାଯିବ । ଏଥିସହ ବେଆଇନ ବାଣ ଫୁଟାଇବା ଉପରେ କଟକଣା ଲଗାଯାଇଛି । ବାଣ ବିକ୍ରୟ ଓ ବ୍ୟବହାର ପାଇଁ ଆବଶ୍ୟକ ଲାଇସେନ୍ସ ରହିବା ବାଧ୍ୟତାମୂଳକ ବୋଲି ବୈଠକରେ ସ୍ପଷ୍ଟ କରାଯାଇଛି ।ଦୁର୍ଗାପୂଜା ସମୟରେ ସହରର ମୁଖ୍ୟ ବଜାର ଅଂଚଳରେ ଜନସମାଗମ ବୃଦ୍ଧି ପାଇବାକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଅକ୍ଟୋବର ୨୦ ଓ ୨୧ ତାରିଖରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଗାନ୍ଧୀ ଛକଠାରୁ ବସ୍‌ଷ୍ଟାଣ୍ଡ ମଧ୍ୟବର୍ତ୍ତୀ ମାର୍କେଟ ଅଂଚଳକୁ ଚାରିଚକିଆ ଯାନ ପ୍ରବେଶ ଉପରେ କଟକଣା ରହିବ । ଏହାଦ୍ୱାରା ଦର୍ଶନାର୍ଥୀଙ୍କ ଯାତାୟାତ ସୁଗମ କରିବା ସହ ବଜାର ଅଂଚଳରେ ଭିଡ଼ ନିୟନ୍ତ୍ରଣ କରିବାକୁ ପ୍ରଶାସନ ଲକ୍ଷ୍ୟ ରଖିଛି । ଅନ୍ୟପକ୍ଷରେ, ଅକ୍ଟୋବର ୨୩ ତାରିଖରେ ହେବାକୁ ଥିବା ମା'ଙ୍କ ଭସାଣି ଉତ୍ସବ ପାଇଁ ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବଜାର ବନ୍ଦ ରହିବା ସହ ଟ୍ରାଫିକ୍ ଡାଇଭର୍ସନ୍ କରାଯିବ । ଏହି ସମୟରେ ଯାନବାହନ ଚଳାଚଳକୁ ନିୟନ୍ତ୍ରିତ କରିବା ସହ ଭସାଣି ଶୋଭାଯାତ୍ରା ଯେପରି ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୁଏ, ସେଥିପାଇଁ ପୋଲିସ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବ । ପୂଜା ସମୟରେ ସହରକୁ ସ୍ୱଚ୍ଛ, ସୁନ୍ଦର ଓ ଆଲୋକିତ ରଖିବା ପାଇଁ ପୌରପାଳିକାକୁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି । ସହରର ବିଭିନ୍ନ ସ୍ଥାନରେ ସାଜସଜ୍ଜା ଆଲୋକୀକରଣ ସହ ଆରଟିଓ କାର୍ଯ୍ୟାଳୟ ସମ୍ମୁଖ ଓ ଅନ୍ୟାନ୍ୟ ଅଂଚଳରେ ଖରାପ ହୋଇଥିବା ଷ୍ଟ୍ରିଟ୍ ଲାଇଟ୍ ଗୁଡ଼ିକର ମରାମତି ଦାୟିତ୍ୱ ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ଦିଆଯାଇଛି । ସେହିପରି ପୂଜା ପୂର୍ବରୁ ସହରର ରାସ୍ତାଘାଟ ମରାମତି କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ସହରର ପେଟ୍ରୋଲ ପମ୍ପଗୁଡ଼ିକରେ ଥିବା ଶୌଚାଳୟକୁ ସଫାସୁତୁରା ରଖିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ମାଦିକୁଣ୍ଡା ଦୁର୍ଗାପୂଜା ମଣ୍ଡପ ସମେତ ଅନ୍ୟାନ୍ୟ ସ୍ଥାନରେ ଥିବା ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ବିଦ୍ୟୁତ୍ ବିଭାଗର ଏସ୍‌ଡିଓଙ୍କୁ ଦାୟିତ୍ୱ ଦିଆଯାଇଛି । ଦୁର୍ଗାପୂଜା ଅବସରରେ ମା' ବରାଳଦେବୀ ପୀଠରେ ବିଭିନ୍ନ ସାଂସ୍କୃତିକ ଆୟୋଜନ କରାଯିବ । ଅକ୍ଟୋବର ୧୭ ଓ ୧୮ ତାରିଖରେ ସଙ୍ଗୀତ କାର୍ଯ୍ୟକ୍ରମ ଏବଂ ୧୯ ତାରିଖରେ ଆଦିବାସୀ ସାଂସ୍କୃତିକ ପରିବେଷଣ ସହ ପାରମ୍ପରିକ ନାଟକ ଅନୁଷ୍ଠିତ ହେବ । ଅକ୍ଟୋବର ୨୦ ତାରିଖର କାର୍ଯ୍ୟକ୍ରମର ତଦାରଖ ଦାୟିତ୍ୱ ଖଜୁରୀପଡ଼ା ଥାନା ଅଧିକାରୀଙ୍କୁ ଦିଆଯାଇଛି । ବୈଠକର ଶେଷରେ ଜିଲ୍ଲାପାଳ ବେଦ ଭୂଷଣ ଦୁର୍ଗାପୂଜାକୁ ସୁନ୍ଦର, ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ଆୟୋଜନ କରିବା ପାଇଁ ପୂଜା କମିଟି, ପୋଲିସ ପ୍ରଶାସନ ଓ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହଯୋଗ କାମନା କରିଥିଲେ । ଏହି ବୈଠକରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏବଂ ଫୁଲବାଣୀ ଟାଉନ୍ ଥାନାର ଆଇଆଇସି ମଧ୍ୟ ଉପସ୍ଥିତ ଥିଲେ ।

ଶ୍ରୀମନ୍ଦିରରୁ ଲୋକନାଥ ମନ୍ଦିରକୁ ପୂର୍ବପରି ସରକାରୀ ଟାଉନ୍ ବସ୍ ଚଳାଚଳ ପାଇଁ ସାଧାରଣରେ ମତ

ପୁରୀ, ୧୫/୧୦ (ଆ.ପ୍ର) : ବିଶ୍ୱ ପ୍ରସିଦ୍ଧ ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ରୁ ଶ୍ରୀଲୋକନାଥ ମନ୍ଦିର ପର୍ଯ୍ୟନ୍ତ ପୂର୍ବପରି ସରକାରୀ ବାତାନୁକୂଳିତ ଟାଉନ୍ ବସ୍ ଚଳାଚଳ ପୁନଃ ଆରମ୍ଭ କରିବାକୁ ସାଧାରଣ ଲୋକଙ୍କ ପକ୍ଷରୁ ମତ ପ୍ରକାଶ ପାଉଛି । ସୂଚନା ଅନୁସାରେ ଏହି ଦୁଇ ପ୍ରମୁଖ ଧାର୍ମିକ ସ୍ଥଳକୁ ଦୈନିକ ବହୁ ସଂଖ୍ୟାରେ ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଯାତାୟାତ କରୁଛନ୍ତି । ପୂର୍ବରୁ ଏହି ରାସ୍ତାରେ ସରକାରୀ ବାତାନୁକୂଳିତ ଟାଉନ୍ ବସ୍ ଚଳାଚଳ କରୁଥିବାରୁ ଯାତ୍ରୀମାନେ ସୁବିଧାରେ ଯାତାୟାତ କରିପାରୁଥିଲେ । କିନ୍ତୁ ବର୍ତ୍ତମାନ ଏହି ସେବା ଉପଲବ୍ଧ ନଥିବାରୁ ବିଶେଷକରି ବୟସ୍କ ବ୍ୟକ୍ତି, ମହିଳା, ଦିବ୍ୟାଙ୍ଗ ଓ ଦୂରଦୂରାନ୍ତରୁ ଆସୁଥିବା ଭକ୍ତମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଏହି ପରିପ୍ରେକ୍ଷୀରେ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିରରୁ ଲୋକନାଥ ମନ୍ଦିର ପର୍ଯ୍ୟନ୍ତ ପୂର୍ବପରି ସରକାରୀ ଟାଉନ୍ ବସ୍ ଚଳାଚଳ ପୁନଃ ଆରମ୍ଭ କରିବା ସହ ନିୟମିତ ବସ୍ ସେବା ଯୋଗାଇଦେବାକୁ ସମ୍ପୃକ୍ତ ପ୍ରଶାସନ ଓ ପରିବହନ ବିଭାଗକୁ ସାଧାରଣ ଜନତାଙ୍କ ତରଫରୁ ନିବେଦନ କରାଯାଉଛି । ଏହାଦ୍ୱାରା ଭକ୍ତ ଓ ସ୍ଥାନୀୟ ଲୋକମାନେ ଉପକୃତ ହେବା ସହ ପୁରୀର ଧାର୍ମିକ ପର୍ଯ୍ୟଟନକୁ ମଧ୍ୟ ସୁବିଧାଜନକ କରାଯାଇପାରିବ ।

ନେଭମ୍ବର ୨ରୁ ମାଧବାଅନ୍ନ ପ୍ରସାଦ ସେବା ନିମେନ୍ତ ପ୍ରସ୍ତୁତୀ ବୈଠକ

ନିମାପଡା, ୧୫/୧୦ (ଆ.ପ୍ର) : ପୁରୀ ଶ୍ରୀଜଗନ୍ନାଥଙ୍କ ମାମୁଁଘର ଭଳି ପରିଚିତ ନିଆଳି ମାଧବସ୍ଥିତ ମାଧବାନନ୍ଦ ଜୀୟୁ ମନ୍ଦିରେର ଆସନ୍ତା ନେଭମ୍ବର ୨ ତାରିଖରୁ ଭକ୍ତମାନଙ୍କ ପାଇଁ ମାଧବାଅନ୍ନ ପ୍ରସାଦ ସେବା ବ୍ୟବସ୍ଥା ନିମେନ୍ତ ଆଜି ଏକ ପ୍ରସ୍ତୁତି ବୈଠକ ନିଆଳୀ ତହସିଲଦାର ତରୋରଣୀ ରଂଜନ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକେର ନିଆଳି ବିଡିଓ ଅକ୍ଷୟ କୁମାର ପରିଡା, ମନ୍ଦିର ହେରିଟାରି ଟ୍ରଷ୍ଟି ଚନ୍ଦନ କୁମାର ଦେବ ଗୋସ୍ୱାମୀ, ଉପେଦଷ୍ଟା ରାମକୃଷ୍ଣ ମହାପାତ୍ର ପୁରୀ, ବିଶ୍ୱାବସୁ ବିନାୟକ ଦାସ ମହାପାତ୍ର ପୁରୀ, ପଣ୍ଡିତ ବିଚିତ୍ରାନନ୍ଦ ମିଶ୍ର, ମାଧବାନନ୍ଦ ଜୀୟୁ ସେବାୟତ ତ୍ରିଲୋଚନ ପୁଷ୍ପାଳକ, ଭାସ୍କର ପୁଷ୍ପାଳକ, ଅଶୋକ କୁମାର ପୁଷ୍ପାଳକ, ପୂର୍ଣ୍ଣଚନ୍ଦ୍ର ପୁଷ୍ପାଳକ, ସେନ୍ତୋଷ ପୁଷ୍ପାଳକ, କୃଷ୍ଣଚନ୍ଦ୍ର ପୁଷ୍ପାଳକ, ପିତାମ୍ବର ଆଚାର୍ଯ୍ୟ. ଚର୍ତୁଭୁଜ ପରିଡା ପ୍ରମୁଖ ଯୋଗେଦଇଥିଲେ । ଭୁବେନଶ୍ୱର ଅନନ୍ତ ବାସୁଦେବ ମନ୍ଦିର ଓ ଲିଙ୍ଗରାଜ ମନ୍ଦିର ଭଳି ମାଟି କୁଡୁଅରେ ଅନ୍ନ ପ୍ରସାଦ ପ୍ରସ୍ତୁତ କରାଯାଇ ଶ୍ରୀ ଜୀୟୁଙ୍କ ପାଖେର ଭୋଗଲାଗି ପେର ଭକ୍ତମାନଙ୍କୁ ପ୍ରଦାନ କରାଯିବ । ପୁରୀରୁ ସୁଆର ସେବକମାନେ ଆସି ଏଠାରେ ଅନ୍ନ ପ୍ରସାଦ ତିଆରୀ କରିବେ ବୋଲି ଉପେଦଷ୍ଟା ଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି । ଠାକୁରଙ୍କ ରୋଷଶାଳା ତୁରନ୍ତ ମରାମତି କରାଯିବା ସହିତ ମାଧବ ସଦାଦାସ ତୋଟା ନିଲାମ କରାଯିବ ବୋଲି ବୈଠକେର ଆଲୋଚନା କରାଯାଇ ସ୍ଥିର କରାଯାଇଛି । ନିଲାମ ଅର୍ଥରାଶି ମନ୍ଦିର ସେବାକାର୍ଯ୍ୟେର ବିନିଯୋଗ ହେବ । ଆସନ୍ତା ନେଭମ୍ବେମାସ ୨ ତାରିଖ ଠାରୁ ମନ୍ଦିର ଟ୍ରଷ୍ଟ ତରଫରୁ ପ୍ରେତ୍ୟକ ଦିନ ଭକ୍ତମାନଙ୍କୁ ସ୍ୱଳ୍ପ ମୂଲ୍ୟେର ପ୍ରସାଦ ଯୋଗାଇଦିଆଯିବ ବୋଲି ତହସିଲଦାର ଶ୍ରୀ ରାୟ ସୂଚନା ଦେଇଛନ୍ତି ।

ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ
କୃଷ୍ଣଚନ୍ଦ୍ର କର୍ଜୀ ସଭାପତି , ନବୀନ ବେହେରା ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ

ପାରଳାଖେମୁଣ୍ଡି, ୧୫/୧୦ (ଆ.ପ୍ର) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଶତାୟୁ ପୁରୁଣା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଛାତ୍ର ସଂସଦ ଓ ଛାତ୍ର ସଂଘ ନିର୍ବାଚନର ଫଳାଫଳ ଗୁରୁବାର ସଂଧ୍ୟାରେ ଘୋଷଣା କରାଯାଇଛି । ମହାବିଦ୍ୟାଳୟ ର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ ବିଭିନ୍ନ ପଦବୀ ପାଇଁ ନିର୍ବାଚିତ ପ୍ରାର୍ଥୀଙ୍କ ନାମ ଔପଚାରିକ ଭାବେ ପ୍ରକାଶ କରାଯାଇଛି । ଏହି ବିଜ୍ଞପ୍ତି ନମ୍ବର ୨୬୬୨/ଏସ୍‌କେସିଜି/ ୨୦୨୬ ଅନୁସାରେ ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା । ପରେ ଜାରି ହୋଇଥିବା ବିଜ୍ଞପ୍ତି ନମ୍ବର ୨୭୮୦/ଏସ୍‌କେସିଜି/ ୨୦୨୬ ମାଧ୍ୟମରେ ନିର୍ବାଚିତ ପ୍ରାର୍ଥୀଙ୍କ ତାଲିକା ଘୋଷଣା କରାଯାଇଛି । ତା ଅନୁଯାୟୀ ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ର କୃଷ୍ଣଚନ୍ଦ୍ର କର୍ଜୀ ଛାତ୍ର ସଂସଦର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ସେହିପରି ସ୍ନାତକ ଦ୍ୱିତୀୟ ବର୍ଷର ଛାତ୍ରୀ ଅମିଷା ରାଣୀ ସିଂହ ଉପସଭାପତି ଏବଂ ସ୍ନାତକ ତୃତୀୟ ବର୍ଷର ଛାତ୍ର ନବୀନ ବେହେରା ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ଅନ୍ୟ ପଦବୀଗୁଡ଼ିକ ମଧ୍ୟରେ ଟୁନା ବିଦ୍ଧିକା ସହକାରୀ ସାଧାରଣ ସମ୍ପାଦକ , ଦୀପକ ରଞ୍ଜନ ମହାପାତ୍ର ନାଟ୍ୟ ସମ୍ପାଦକ ଏବଂ ରାଜେଶ କୁମାର ନାୟକ କ୍ରୀଡ଼ା ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ବିଜ୍ଞାନ ସମିତି ସମ୍ପାଦକ ଭାବେ ମନାଶ ରଞ୍ଜନ ଗନ୍ତାୟତ ଏବଂ ଏସ୍‌ଏସ୍‌ଜି ସମ୍ପାଦକ ଭାବେ ନିତେଶ କୁମାର ମଣ୍ଡଳ ନିର୍ବାଚିତ ହୋଇଛନ୍ତି । ଓଡ଼ିଆ ସାହିତ୍ୟ ସମାଜ ସମ୍ପାଦକ ଭାବେ ସ୍ନେହା ବେହେରା , ବାଳକ ସାଧାରଣ କକ୍ଷ ସମ୍ପାଦକ ଭାବେ ପ୍ରଭାକର କର୍ଜୀ ଏବଂ ବାଳିକା ସାଧାରଣ କକ୍ଷ ସମ୍ପାଦକ ଭାବେ ମିର୍ଜାରାଣୀ ନାୟକ ନିର୍ବାଚିତ ହୋଇଛନ୍ତି । ଏହିପରି ମୋଟ ୧୧ଟି ପଦବୀ ପାଇଁ ନିର୍ବାଚିତ ପ୍ରାର୍ଥୀଙ୍କ ନାମ ମହାବିଦ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଛି । ନିର୍ବାଚିତ ପ୍ରାର୍ଥୀମାନେ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସମସ୍ୟା, ଶିକ୍ଷାଗତ ପରିବେଶ, ସାଂସ୍କୃତିକ କାର୍ଯ୍ୟକ୍ରମ , କ୍ରୀଡ଼ା ପ୍ରତିଯୋଗିତା ଏବଂ ଛାତ୍ରକଲ୍ୟାଣ ସମ୍ପର୍କିତ କାର୍ଯ୍ୟରେ ସକ୍ରିୟ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ରାଧାକାନ୍ତ ଭୂୟାଁ, ନିର୍ବାଚନ ଅଧିକାରୀ ଅଧ୍ୟାପକ ରମାକାନ୍ତ ସାମଲ ଏବଂ ବିପ୍ଲବ ପ୍ରଧାନଙ୍କ ସମେତ ବହୁ କର୍ମଚାରୀ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହିତ ପରିଚାଳନା କରିଥିଲେ । ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତିଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳାର ବଜାୟ ରଖିଥିଲେ ।

ବେଆଇନ ବାଣ ସହିତ ୧୦୦ କିଲୋ ବାରୁଦ ସହ ବିପୁଳ ସାମଗ୍ରୀ ଜବତ

ଏରସମା, ୧୫/୧୦ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ଏରସମା ଥାନା ଅଂଚଳରେ ବେଆଇନ ବାଣ ତିଆରି ୟୁନିଟ୍ ଉପରେ ପୋଲିସ ଚଢାଉ କରି ବିପୁଳ ପରିମାଣର ବାରୁଦ ଓ ବାଣ ତିଆରି ସାମଗ୍ରୀ ଜବତ କରିଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ଜୋର ଧରିଛି । ସୂଚନା ଅନୁଯାୟୀ, ସୋମବାର ଦିନ ପ୍ରାୟ ୧୧ଟା ୩୦ ମିନିଟ୍ ସମୟରେ ଏରସମା ଥାନାର ଏ ଏସ ଆଇ

ପିକେ ରାୟ ଓ ଏ ଏସ ଆ ଇ ଏସ୍ ବେଗ ମଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଧୋବେଇଜଙ୍ଗଲ (ବଳିକର) ଗ୍ରାମର ରାମ ଶଙ୍କର ଦାସଙ୍କ ଘରେ ଚଢାଉ କରିଥିଲା । ତଲାସୀ ସମୟରେ ସେଠାରେ ବେଆଇନ ଭାବେ ବାଣ ତିଆରି କରାଯାଉଥିବା ଏକ ୟୁନିଟ୍ ଠାବ ହୋଇଥିଲା । ପୋଲିସର ସୂଚନା ଅନୁଯାୟୀ, ଚଢାଉ ବେଳେ ପ୍ରାୟ ୧୦୦ କିଲୋଗ୍ରାମ ବାରୁଦ, ଚାରିଟି ରାସାୟନିକ ପଦାର୍ଥ ଭର୍ତ୍ତି ବୋତଲ, ୮୦ଟି ହାତ ତିଆରି ବାଣ, ୯୦ଟି ଖାଲି ବାଣ ନଳ, ୨୨ଟି ଖାଲି ଅନାର ପାତ୍ର, ପ୍ରାୟ ଏକ କିଲୋଗ୍ରାମ ସୂତା, ଗୋଟିଏ ଟୁବ୍ ଗମ୍, ୫୦୦ଟି ଫ୍ୟୁଜ୍ ଏବଂ ପାଂଚଟି ଖାଲି ସ୍କାଇ-ଶଟ୍ ନଳ ଜବତ କରାଯାଇଛି ।

ଚୌଦ୍ୱାର ଥାନା ପକ୍ଷରୁ ଲକ୍ଷ୍ମୀପୂଜା ଓ ରୁପଯାତ୍ରା ପ୍ରସ୍ତୁତି ବୈଠକ

ଟାଙ୍ଗୀ ଚୌଦ୍ୱାର, ୧୫/୧୦ (ଆ.ପ୍ର) : ପ୍ରସିଦ୍ଧ ଲକ୍ଷ୍ମୀପୂଜା ଓ ରୁପଯାତ୍ରା ପାଇଁ ଚୌଦ୍ୱାର ପୋଲିସ ପକ୍ଷରୁ ଗାନ୍ଧିଛକ ସ୍ଥିତ ଟାଉନ ହଲ ପରିସରରେ ମେଢ଼ କମିଟି କର୍ମକର୍ତ୍ତା, ପୌରପାଳିକା ଅଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଯାତ୍ରା କମିଟି ଉପସଭାପତି ପ୍ରଦୀପ ନାୟକ ସମେତ ଚୌଦ୍ୱାର ପୌରପାଳିକା, ବିଦ୍ୟୁତ ବିଭାଗ, ଅଗ୍ନିଶମ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ଉପସ୍ଥିତ ରହି ସମସ୍ତ ମେଢ଼ କର୍ମକର୍ତ୍ତାଙ୍କୁ ଆସନ୍ତା ଅକ୍ଟୋବର ୨୬, ୨୭ ତାରିଖରେ ସାଂସ୍କୃତିକ କାର୍ଯ୍ୟକ୍ରମ । ୨୮ରେ ମେଢ଼ ମଣ୍ଡପ ଛାଡି ଯାତ୍ରା ପଡିଆ ଯିବେ, ୨୯ ତାରିଖରେ ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଓ ରାତି ୧୨ ସୁଦ୍ଧା ଭସାଣି କାର୍ଯ୍ୟକ୍ରମ ସାରିବା ସହିତ ଶବ୍ଦ କଟକଣା ମାନିବା ସହିତ ନିଶାମୁକ୍ତ ଭସାଣି କରିବା ପାଇଁ ମେଢ଼ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ବାଲିଗୁଡା : ଆଦିବାସୀ ମହାବିଦ୍ୟାଳୟରେ ଏଭିବିପି ପ୍ରାର୍ଥୀଙ୍କ ବାଜିମାତ

ବାଲିଗୁଡା, ୧୫/୧୦ (ଆ.ପ୍ର) : ଆଦିବାସୀ ମହାବିଦ୍ୟାଳୟ ରେ ଛାତ୍ର ସଂସଦ ନିର୍ବାଚନରେ ଏଭିବି ପି ପ୍ରାର୍ଥୀଙ୍କ ବିପୁଳ ବିଜୟ ହୋଇଛି । ଦୀର୍ଘ ୪୭ ବର୍ଷ ପରେ ପ୍ରଥମ ଛାତ୍ର ସଂସଦ ନିର୍ବାଚନ ପ୍ରକ୍ରିୟାକୁ ନେଇ ମହାବିଦ୍ୟାଳୟ କ୍ୟାମ୍ପସ ଭିତରେ ଓ ବାହାରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଉତ୍ସାହ ପଡୁଥିଲା । ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ଶାନ୍ତି ଶୃଙ୍ଖଳା ର ସହ ନିର୍ବାଚନ ପରିଚାଳନା ସାରିଥିବାକୁ ନେଇ ଉପଜିଲ୍ଲାପାଳ ପ୍ରଣୀତା ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି । ନିର୍ବାଚନରେ ୮ଟି ପଦବୀ ପାଇଁ ୩୧ ଜଣ ଛାତ୍ର ଛାତ୍ରୀ ନିର୍ବାଚନ ମଇଦାନକୁ ଓଲାଇଥିଲେ । ସଭାପତି ପାଇଁ ୭ ଜଣ, ଉପ ସଭାପତି ୪ ଜଣ, ସାଧାରଣ ସମ୍ପାଦକ ୪ ଜଣ, ସହ ସମ୍ପାଦକ ୩ ଜଣ, ସମ୍ପାଦକ ଡିଏସଏ ୩ ଜଣ, ସହ ସମ୍ପାଦକ ଡିଏସଏ ୩ ଜଣ, କ୍ରିଡା ସମ୍ପାଦକ ୪ ଜଣ, କ୍ରିଡା ସହ ସମ୍ପାଦକ ୩ ଜଣ । ସେଥି ମଧ୍ୟରୁ ଏଭିବିପି ପ୍ରାର୍ଥୀ ସଭାପତି ଭାବରେ ଶ୍ରୀଧର ସିଓ, ଉପ ସଭାପତି ଅଭିନାସ ମସିହା ଦିଗାଳ, ସାଧାରଣ ସମ୍ପାଦକ ଅରୟ ପାତ୍ରମାଝି, କ୍ରିଡା ସହ ସମ୍ପାଦକ ସୋମ୍ୟରଞ୍ଜନ ମଲ୍ଲିକ, ଡିଏସଏ ସମ୍ପାଦକ ଇତି ନାୟକ, ଡିଏସଏ ସହ ସମ୍ପାଦକ ବିଜୟ କହଁର ବିଜୟ ହୋଇଛନ୍ତି । ସ୍ୱାଧୀନ ପ୍ରାର୍ଥୀ ସହ ସମ୍ପାଦକ ଅଂଶୁମାନ ବେହେରା ଓ କ୍ରିଡା ସମ୍ପାଦକ ଇସାକ ନାୟକ ବିଜୟୀ ହୋଇଛନ୍ତି । କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ବାଲିଗୁଡା ବିଧାୟକ ଚକ୍ରମଣି କହଁର ଓ କନ୍ଧମାଳ ସାଂସଦଙ୍କ ଲୋକସଭା ପ୍ରତିନିଧି ଦୁର୍ଗା ମାଧବ ଆଚାର୍ଯ୍ୟ ସମସ୍ତ ନବ ନିର୍ବାଚଇତ ଛାତ୍ର ନେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ନିର୍ବାଚନ ଅଧିକାରୀ ଭାବରେ ଅଧ୍ୟାପକ ତେଜେଶ୍ୱର ନାୟକ ରହିଥିବା ବେଳେ ସହ ନିର୍ବାଚନ ଅଧିକାରୀ ଭାବରେ ଅଧ୍ୟାପକ ସରୋଜ ପାଠୀ ଓ ଅଧ୍ୟାପକ ହିମାଂଶୁ ଶେଖର ସାହୁ ରହିଥିବା କହିଛନ୍ତି ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡଃ ବିଭୁତି ଭୂଷଣ ଆଚାର୍ଯ୍ୟ ।

ରାକେଶ ମଲିକ କଳିଙ୍ଗ ମହାବିଦ୍ୟାଳୟ ଛାତ୍ର ସଂସଦ ସଭାପତି ନିର୍ବାଚିତ

ଜି.ଉଦୟଗିରି, ୧୫/୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ସ୍ଥିତ କଳିଙ୍ଗ ମହାବିଦ୍ୟାଳୟ ରେ ଅନୁଷ୍ଠିତ ଛାତ୍ର ସଂସଦ ନିର୍ବାଚନ ଫଳାଫଳ ଘୋଷଣା ହୋଇଛି । ଛାତ୍ର ସଂସଦ ନିର୍ବାଚନ ରେ ଲଢୁ ଥିବା ୪ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ସଭାପତି ଭାବେ ଦ୍ୱିତୀୟ ବର୍ଷ ଛାତ୍ର ରାକେଶ ମଲ୍ଲିକ ୨୯୮ ଖଣ୍ଡ ଭୋଟ ପାଇ ନିର୍ବାଚନରେ ବିଜୟ ହୋଇଥିବା ବେଳେ ସୁହାନି ସାହୁ ୨୨୧ ଖଣ୍ଡ, ଟିଂଟୁ ଦିଗାଲ ୧୨୦ ଖଣ୍ଡ ଓ ସିଫୋନାୟ ନାୟକ ୯୬ ଖଣ୍ଡ ଭୋଟ ପାଇଛନ୍ତି । ଉପସଭାପତି ଭାବେ ସାର୍ଥକ ପ୍ରଧାନ ୩୦୭ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ, ସଞ୍ଜନା ପ୍ରଧାନ ୧୭୨ ଖଣ୍ଡ ଭୋଟ, ଶ୍ରୀତମ ମଲିକ ୧୬୨ ଖଣ୍ଡ ଭୋଟ, ପ୍ରାଣନାଥ କାର୍ଜିମାଝୀ ୮୯ ଖଣ୍ଡ ଭୋଟ ପାଇଛନ୍ତି, ସାଧାରଣ ସମ୍ପାଦକ ଭାବେ ପ୍ରିୟମିତ ବରାଡ଼ୀ ୨୭୭ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି । ସହସମ୍ପାଦକ ଭାବେ ଛାତ୍ରୀ ସୁରେଖା ପ୍ରଧାନ ୪୭୫ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି । କଲଚୁରାଲ ସେକ୍ରେଟାରୀ ଏଞ୍ଜେଲିକ ନାୟକ, ସହ ସମ୍ପାଦକ ଏନ ସଫିକ, କ୍ରୀଡ଼ା ସମ୍ପାଦକ ସେକ୍ରେଟାରୀ ନିରଞ୍ଜନ ପ୍ରଧାନ, ଆସିଷ୍ଟାଂଟ ଆଥେଲେଟିକ ସେକ୍ରେଟାରୀ ପ୍ରିୟଦର୍ଶିନୀ ପ୍ରଧାନ ଅନ୍ୟ ପ୍ରାର୍ଥୀ ଶଙ୍କର ପ୍ରଧାନ ୨୨୩ ଖଣ୍ଡ ଭୋଟ୍ ପାଇଛନ୍ତି । କ୍ରୀଡ଼ା ଆସୋସିଏସନ୍ ସମ୍ପାଦକ ପଦବୀରେ ନିରଞ୍ଜନ ପ୍ରଧାନ ୫୨୮ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିବା ବେଳେ ବିପିନ ଚନ୍ଦ୍ର ପ୍ରଧାନ ୧୮୬ ଖଣ୍ଡ ଭୋଟ୍ ପାଇଛନ୍ତି । ସହକାରୀ ସମ୍ପାଦକ ପଦବୀରେ ପ୍ରିୟଦର୍ଶିନୀ ପ୍ରଧାନ ୩୬୨ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି । ପ୍ରାର୍ଥୀ ପ୍ରବୀଣ ପ୍ରଧାନ ୩୪୮ ଖଣ୍ଡ ଭୋଟ୍ ପାଇଛନ୍ତି । ସାଂସ୍କୃତିକ ସମ୍ପାଦକ ପଦବୀରେ ଆଞ୍ଜେଲିକ୍ ନାୟକ ୩୮୫ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିବା ବେଳେ ପ୍ରାର୍ଥୀ ଜିମିଆ ନାୟକ ୨୦୪ ଖଣ୍ଡ ଏବଂ ନନ୍ଦିନୀ ସୁବୁଦ୍ଧି ୧୨୭ ଖଣ୍ଡ ଭୋଟ୍ ପାଇଛନ୍ତି । ସାଂସ୍କୃତିକ ବିଭାଗର ସହକାରୀ ସମ୍ପାଦକ ପଦବୀରେ ଏନ୍. ସଫିକ୍ ୩୫୧ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିବା ବେଳେ ପ୍ରତିଦ୍ୱନ୍ଦୀ ରୁବେନ ଦିଗାଲ ୧୯୯ ଖଣ୍ଡ ଏବଂ ଖୁସ୍ବୁ ପ୍ରଧାନ ୧୬୫ ଖଣ୍ଡ ଭୋଟ୍ ପାଇଛନ୍ତି । ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ପ୍ରକ୍ରିୟା ସରିଥିବା ନେଇ ଭାରପ୍ରାପ୍ତ ଅଧ୍ୟକ୍ଷ ବିନାୟକ ବିଶ୍ୱାଳ ସୂଚନା ଦେଇଛନ୍ତି । ସ୍ଥାନୀୟ ତହସିଲଦାର ସମୁଦ୍ର ମିଶ୍ର କଲେଜ ପରିସରକୁ ଯାଇ ପରିସ୍ଥିତି ତଦାରଖ କରିଥିବା ଦେଖିବାକୁ ମିଳିଛି । ସ୍ଥାନୀୟ ପୋଲିସ ଆଇଆଇସି ବିଜୟ ସ୍ୱାଇଁଙ୍କ ନେତୃତ୍ୱରେ ଏଏସଆଇ ବଂଟି ଦଣ୍ଡିଆ କଲେଜରେ ଉପସ୍ଥିତ ରହି ତଦାରଖ କରିଥିଲେ ।

ଛାତ୍ରଛାତ୍ରୀଙ୍କ ଦୃଷ୍ଟିଦୋଷ ଚିହ୍ନଟ ପାଇଁ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଶିବିର



ଦଶପଲ୍ଲା, ୧୫/୧୦ (ଆ.ପ୍ର) : ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କ ଦୃଷ୍ଟିଦୋଷ ଚିହ୍ନଟ କରି ଠିକଣା ସମୟରେ ଚିକିତ୍ସା ଯୋଗାଇଦେବା ଲକ୍ଷ୍ୟରେ ଦଶପଲ୍ଲା ବ୍ଲକସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଗୁରୁବାର ପିଏମ୍ ଶ୍ରୀ ଦଶପଲ୍ଲା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକର ୬୯ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ । ଶିବିରରେ ପ୍ରଶିକ୍ଷଣ ଦେଇ ଚକ୍ଷୁ ଚିକିତ୍ସକ ଉମାକାନ୍ତ ସାହୁ କହିଥିଲେ ଯେ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୃଷ୍ଟିଦୋଷ ଭଳି ସମସ୍ୟା ଦେଖାଦେଲେ ତାହାକୁ ପ୍ରାଥମିକ ଅବସ୍ଥାରେ ଚିହ୍ନଟ କରିବା ଆବଶ୍ୟକ । ଠିକ୍ ସମୟରେ ଏହାର ଚିହ୍ନଟ ଓ ଚିକିତ୍ସା କରାଗଲେ ପିଲାମାନେ ଅନେକ ଜଟିଳତାରୁ ରକ୍ଷା ପାଇବା ସହ ଶିକ୍ଷାଗ୍ରହଣରେ ଉନ୍ନତି କରିପାରିବେ । ଏ କ୍ଷେତ୍ରରେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ପିଲାମାନଙ୍କ ଆଚରଣ ଓ ପଢ଼ାପଢ଼ି ସମୟରେ ଦେଖାଦେଉଥିବା ବିଭିନ୍ନ ଲକ୍ଷଣରୁ ଦୃଷ୍ଟିଦୋଷ ସମ୍ପର୍କରେ ପ୍ରାଥମିକ ଧାରଣା ମିଳିପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମଣ୍ଡଳ ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ୟାମ ସୁନ୍ଦର ଯାନୀ, ପିଏମ୍ ଶ୍ରୀ ଦଶପଲ୍ଲା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୁଧିଷ୍ଠିର କହଁର, ସହକାରୀ ଚକ୍ଷୁ ଚିକିତ୍ସକ ଦୀପକ କୁମାର ସାହୁ ଓ ସାମ୍ବାଦିକ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ମଂଚାସୀନ ଥିଲେ ।

ନବରଙ୍ଗପୁର ପଂଚାୟତ ସମିତି ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ

ନବରଙ୍ଗପୁର, ୧୫/୧୦ (ଆ.ପ୍ର) : ଚଳିତ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆଜି ନବରଙ୍ଗପୁର ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ସାଂସଦଙ୍କ ପ୍ରତିନିଧି ଜ୍ୟୋତିରଞ୍ଜନ କଂଶ ଉଦ୍‌ଘାଟନ କରିଥିଲେ । ଶିବିରରେ ଅସ୍ଥିଶଲ୍ୟ, ଚକ୍ଷୁ, ମାନସିକ ରୋଗ ଏବଂ କର୍ଣ୍ଣ, ନାସା ଓ ଗଳା ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଯୋଗଦେଇ ଦିବ୍ୟାଙ୍ଗ ହିତାଧିକାରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଓ ଆବଶ୍ୟକୀୟ ଚିକିତ୍ସାଗତ ମୂଲ୍ୟାୟନ କରିଥିଲେ । ଏହି ଶିବିରରେ ମୋଟ ୩୭୭ ଜଣ ଦିବ୍ୟାଙ୍ଗ ଯୋଗଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୨୬ ଜଣଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ ନିମନ୍ତେ ଚିହ୍ନଟ କରାଯାଇଥିଲା । ହିତାଧିକାରୀମାନଙ୍କୁ ବିଭିନ୍ନ ସରକାରୀ ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ଶିବିର ପରିସରରେ ସାମାଜିକ ସୁରକ୍ଷା ଭତ୍ତା, ଋଣ ଓ ବସ୍ ପାସ୍ ସମ୍ପର୍କିତ ସେବା ପାଇଁ ଏକ ସ୍ୱତନ୍ତ୍ର କାଉଂଟର ଖୋଲାଯାଇଥିଲା । ଏହାଦ୍ୱାରା ଦିବ୍ୟାଙ୍ଗ ହିତାଧିକାରୀମାନେ ସମ୍ପୃକ୍ତ ଯୋଜନା ଓ ସେବା ସମ୍ପର୍କରେ ଆବଶ୍ୟକ ସୂଚନା ପାଇବା ସହ ନିଜର ଆବେଦନ ସମ୍ବନ୍ଧୀୟ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ । ଏହି ଶିବିରରେ ନବରଙ୍ଗପୁର ପଂଚାୟତ ସମିତି ଅଧ୍ୟକ୍ଷ ଶରତ ଭତ୍ରା, ଉପାଧ୍ୟକ୍ଷା ନନ୍ଦିନୀ ସମର୍ଥ, ସମସ୍ତ ସରପଂଚ ଓ ସମିତି ସଭ୍ୟ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ସୁନିଲ ଖୋରା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋପାଳ ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦମୟନ୍ତୀ ନାୟକ, ସିଡିପିଓ ମିନତୀ ନାୟକ, ସଦର ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଏ. ଧନଞ୍ଜୟ ରାଓ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥଜିତ ମଣ୍ଡଳ, ଉପବିଭାଗୀୟ ଅଧିକାରୀ ଜିତେନ୍ଦ୍ର ଚୌଧୁରୀ, ବରିଷ୍ଠ ରାଜସ୍ୱ କିରାଣୀ ରଞ୍ଜିତା ମାଝୀ, କନିଷ୍ଠ କିରାଣୀ ବୃନ୍ଦାବନ ବେବର୍ତ୍ତା, କାର୍ଯ୍ୟକ୍ରମ ସହାୟକ ଭି. ପବନ କୁମାରଙ୍କ ସମେତ ପଂଚାୟତ ସମିତିର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି ଶିବିରର ସଫଳ ଆୟୋଜନରେ ସହଯୋଗ କରିଥିଲେ । ଶିବିରର ସମସ୍ତ କାର୍ଯ୍ୟକ୍ରମକୁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋପାଳ ପଣ୍ଡା ପରିଚାଳନା କରିଥିଲେ ।

ମମତା ଓ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ

ଚିଲିକା/ବାଣପୁର, ୧୫/୧୦ (ଆ.ପ୍ର) : ସମନ୍ୱିତ ଶିଶୁ ବିକାଶ ସେବା ଚିଲିକାଅଧୀନରେ ସିଡିପିଓ ଅଞ୍ଜଳୀବାଳା ମଲ୍ଲିକଙ୍କ ତତ୍ୱାବଧାନରେ ୧୨ ଅକ୍ଟୋବର ୨୦୨୬ରୁ ୧୫ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ସମନ୍ୱିତ ଶିଶୁ ବିକାଶ ସେବା, ଚିଲିକା ଅଧୀନରେ କାର୍ଯ୍ୟରତ ସମସ୍ତ ଅଙ୍ଗନବାଡ଼ି କର୍ମୀ ଓ ମହିଳା ପରିଦର୍ଶିକାମାନଙ୍କ ନିମନ୍ତେ ମମତା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ସମ୍ପର୍କିତ ଏକ ଚାରିଦିନିଆ ତାଲିମ କାର୍ଯ୍ୟକ୍ରମ ତା. ୧୨.୧୦.୨୦୨୬ ରିଖ ଠାରୁ ତା. ୧୫.୧୦.୨୦୨୬ ରିଖ ପର୍ଯ୍ୟନ୍ତ ସଫଳତାର ସହ ଆୟୋଜିତ ହୋଇ ସମାପ୍ତ ହୋଇଅଛି । ଉକ୍ତ ତାଲିମ କାର୍ଯ୍ୟକ୍ରମଟି ଚିଲିକାର ଶିଶୁ ବିକାଶ ପ୍ରକଳ୍ପ ପରିସରରେ ସମସ୍ତଅଙ୍ଗନବାଡିକର୍ମୀ ଓ ସୁପରଭାଇଜର ଯୋଗ ଦେଇ ସମସ୍ତ କାର୍ଯ୍ୟ ପ୍ରଣାଳୀ ବୁଝିଥିଲେ, ଅଧିକାରିଣୀ ଅଞ୍ଜଳିବାଳା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଉକ୍ତ ଯୋଜନାଦ୍ୱୟର ସୁଚାରୁ କାର୍ଯ୍ୟାନ୍ୱୟନ, ଯୋଗ୍ୟ ହିତାଧିକାରୀଙ୍କ ଚିହ୍ନଟ, ଆବେଦନ ଓ ପଞ୍ଜୀକରଣ ପ୍ରକ୍ରିୟା, ଆବଶ୍ୟକୀୟ ଦସ୍ତାବିଜର ଯାଂଚ, ଅନଲାଇନ୍ ତଥ୍ୟ ପରିଚାଳନା ଏବଂ ସରକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ ଯୋଜନାର ସୁବିଧା ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ସଠିକ୍ ଓ ସମୟୋଚିତ ଭାବେ ପହଂଚାଇବା ସମ୍ପର୍କରେ କର୍ମକର୍ତ୍ତାମାନଙ୍କ ଦକ୍ଷତା ବୃଦ୍ଧି କରିବା । ଉକ୍ତ ତାଲିମ କାର୍ଯ୍ୟକ୍ରମରେ ସମସ୍ତ ଅଙ୍ଗନବାଡ଼ି କର୍ମୀ ଓ ମହିଳା ପରିଦର୍ଶିକାମାନେ ଅଂଶଗ୍ରହଣ କରି ଯୋଜନାଦ୍ୱୟର କାର୍ଯ୍ୟକାରିତା ସମ୍ବନ୍ଧୀୟ ଆବଶ୍ୟକୀୟ ତଥ୍ୟ, ବୈଷୟିକ ଜ୍ଞାନ ଓ କାର୍ଯ୍ୟଦକ୍ଷତା ହାସଲ କରିଥିଲେ । ଏହାଦ୍ୱାରା ମାତୃତ୍ୱ ସମ୍ବନ୍ଧୀୟ ସରକାରୀ ସହାୟତା ଯୋଗ୍ୟ ମହିଳାମାନଙ୍କୁ ପ୍ରଦାନ କରିବା କ୍ଷେତ୍ରରେ ତୃଣମୂଳ ସ୍ତରରେ କାର୍ଯ୍ୟରତ କର୍ମଚାରୀମାନଙ୍କ ଭୂମିକା ଅଧିକ ସୁଦୃଢ଼ ହେବ ବୋଲି ଆଶା କରାଯାଏ । ଏହି ତାଲିମ କାର୍ଯ୍ୟକ୍ରମର ସଫଳ ଆୟୋଜନ, ସୁପରିଚାଳନା ଓ ସମାପନରେ ଉତ୍ତରଦ, ଚିଲିକା ଅଞ୍ଜଳିବାଳା ମଲ୍ଲିକଙ୍କ ଦିଗ୍‌ଦର୍ଶନ, ମାର୍ଗଦର୍ଶନ ସହିତ ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ ଓ ଅବଦାନ ବିଶେଷ ଭାବେ ପ୍ରଶଂସନୀୟ ।

କମ୍ପାନୀରେ ପଶି ବନ୍ଧୁକ ଦେଖାଇ ୫ ଲକ୍ଷ ଟଙ୍କା ବଟି ଦାବି ଅଭିଯୋଗ

କୁକୁଡ଼ାଖଣ୍ଡି, ୧୫/୧୦ (ଆ.ପ୍ର) : ସଦର ଥାନା ଅନ୍ତର୍ଗତ ବାଇଗଣବାଡ଼ି ଗ୍ରାମ ନିକଟରେ ଥିବା ଏକ କମ୍ପାନୀରେ ପଶି ବନ୍ଧୁକ ଦେଖାଇ ୫ ଲକ୍ଷ ଟଙ୍କା ବଟି ଦାବି କରିବା ସହ କର୍ମଚାରୀଙ୍କୁ ଧମକଚମକ ଦିଆଯାଇଥିବା ଅଭିଯୋଗ ହୋଇଛି । ଏନେଇ ସଦର ଥାନାରେ ଦୁଇଜଣ ଅଜଣା ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି । ସୂଚନାଯୋଗ୍ୟ ଯେ, ନୟାଗଡ଼ ଜିଲ୍ଲା ସଦର ଥାନା ଅନ୍ତର୍ଗତ ମାଳିସାହି ଗ୍ରାମର ଆଲୋକ ପେଣ୍ଡୋଇ ବ୍ରହ୍ମପୁର ସଦର ଥାନା ଅଂଚଳରେ ଥିବା କପିଳାଶ ଇନଫ୍ରାସୋଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀରେ କାର୍ଯ୍ୟ କରନ୍ତି । ଗତ ୧୩ ତାରିଖ ରାତି ପ୍ରାୟ ୧୦ଟା ୩୦ ମିନିଟ୍ ସମୟରେ ଦୁଇଜଣ ଅଜଣା ବ୍ୟକ୍ତି କମ୍ପାନୀ ପରିସରରେ ପ୍ରବେଶ କରିଥିଲେ । ସେହି ସମୟରେ ରାତ୍ରି ଡ୍ୟୁଟିରେ ଥିବା ଅପରେଟର ଓ ହେଲପର ଶୋଇଥିବା ବେଳେ ଉକ୍ତ ବ୍ୟକ୍ତିଦ୍ୱୟ ସେମାନଙ୍କୁ ଉଠାଇ ଧମକଚମକ ଦେଇଥିବା ଅଭିଯୋଗ ହୋଇଛି ।ଏପରିକି ଅଜଣା ବ୍ୟକ୍ତିଦ୍ୱୟ ଅପରେଟରଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୫ ଲକ୍ଷ ଟଙ୍କା ଦାବି କରିଥିବା ଏବଂ ଟଙ୍କା ନଦେଲେ କମ୍ପାନୀର କାମ ବନ୍ଦ କରିଦେବାକୁ ଧମକ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି । ଏହି ଘଟଣା ସମ୍ପର୍କରେ ଆଲୋକ ପେଣ୍ଡୋଇ ବୁଧବାର ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ପୁଲିସ ପକ୍ଷରୁ ସୁଚନା ମିଳିଛି ।

ପଂଚମ ଦିନରେ ମା ବିରଜାଙ୍କ ସିଂହଧ୍ୱଜ ରଥ ଟଣା ଓ ପାଦ ଦର୍ଶନ, ଆଜିଠାରୁ ମାଙ୍କ ଯଂଜ୍ଞ ସୁନା ବେଶରେ ଦର୍ଶନ ଦେଉଛନ୍ତି ମା'

ଯାଜପୁର, ୧୫/୧୦ (ଆ.ପ୍ର) : ପ୍ରତିପଦା ଠାରୁ ଆରମ୍ଭ ହୋଇଥିବା ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା ବିରଜାଙ୍କ ସିଂହଧ୍ୱଜ ରଥ ଟଣା ଓ ପାଦ ଦର୍ଶନ ପଂଚମ ଦିନରେ ପହଂଚିଛି । ସେହିପରି ଦ୍ୱିତୀୟାଷ୍ଟମୀ ଠାରୁ ଆରମ୍ଭ ହୋଇଥିବା ଦୁର୍ଗାପୂଜା ନିମନ୍ତେ ବିଶେଷ ଷୋଡଶପଚାର ପୂଜା ଗୁରୁବାର ଦିନ ତ୍ରୟୋଦଶ ଦିନରେ ପହଂଚିଛି । ଗୁରୁବାର ସକାଳୁ ମା ବିରଜାଙ୍କୁ ବୟିତରଣୀ ବ୍ରାହ୍ମଣଙ୍କ ଦ୍ୱାରା ଅଣାଯାଇଥିବା ମାତା ବୟିତରଣୀ ଜଳରେ ମାଙ୍କୁ ମହାସ୍ନାନ କରାଯିବା ପରେ ମନ୍ଦିର ପରିସରରେ ଅପେକ୍ଷାରତ ଭକ୍ତ ମାନଙ୍କୁ ମାଙ୍କ ପାଦ ଦର୍ଶନ କରିବାର ସୁଯୋଗ ଦିଆଯାଇଥିଲା । ପାଦ ଦର୍ଶନ ବନ୍ଦ ହେବା ପରେ ମାଙ୍କୁ ସ୍ୱର୍ଣ୍ଣ ବେଶରେ ସଜ୍ଜିତ କରାଯାଇଥିଲା । ପୂର୍ବାହ୍ନରେ ମାଙ୍କୁ ବଡ଼ ସିଂଘାର ବେଶରେ ସଜ୍ଜିତ କରାଯିବା ପରେ ଗର୍ଭ ଗୃହରେ ବିଶେଷ ଷୋଡଶପଚାର ପୂଜା, ଯଂଜ୍ଞ ମଣ୍ଡପରେ କଳସ ପୂଜା ହୋଇ ନୀତି ଲାଗିବା ପରେ ରଥରେ ବିଜେ ପ୍ରତିମାଙ୍କ ପୂଜା ହେବା ପରେ ପହୁଡ଼ ହୋଇଥିଲା । ଅପରାହ୍ନରେ ପହୁଡ଼ ଖୋଲିବା ପରେ ମାଙ୍କ ଶ୍ରୀ ଅଙ୍ଗ ଲାଗି ସେବାୟତ ମାଙ୍କ ଆର୍ଷା ବାଡ଼ି ଧରି ଘଂଟ, ବାଦ୍ୟ, ଦୁନ୍ଦୁଭି, ଚାମର, ଛତା, ତରାଶ ଗହଣରେ ଆସି ପଂଚମ ଦିନରେ ପଶ୍ଚିମ ଦକ୍ଷିଣ କୋଣରେ ଥିବା ମା ବିରଜାଙ୍କ ରଥରେ ରଥାରୁଢ଼ ହେବା ପରେ ମାଙ୍କ ଦାଣ୍ଡରେ ଅପେକ୍ଷା କରିଥିବା ଭକ୍ତ ମାନେ ସିଂହଧ୍ୱଜ ରଥକୁ ଟାଣି ନେଇ ପଂଚମ ଦିନରେ ପୂର୍ବ ଦକ୍ଷିଣ କୋଣରେ ରଖିଥିଲେ । ରଥ ରହିବା ପରେ ଆର୍ଷା ବାଡ଼ି ରଥରୁ ଓହ୍ଲାଇ ମାଙ୍କ ଗର୍ଭ ଗୃହରେ ରହିଥିଲା ପୁନଶ୍ଚ ମାଙ୍କୁ ବୟିତରଣୀ ଜଳରେ ମହାସ୍ନାନ କରାଯାଇ ସ୍ୱର୍ଣ୍ଣ ବେଶରେ ସଜ୍ଜିତ କରାଯିବା ପରେ । ରାତ୍ରରେ ଗର୍ଭ ଗୃହରେ ମାଙ୍କର ବିଶେଷ ଷୋଡଶପଚାର ପୂଜାଅନୁଷ୍ଠିତ ହୋଇ ମାଙ୍କ ଯଂଜ୍ଞ ମଣ୍ଡପରେ ପଂଚମୀ ଦିନ ଠାରୁ ଯଂଜ୍ଞ ଆରମ୍ଭ ହୋଇଛି । ଏହି ଯଂଜ୍ଞ ମହାଷ୍ଟମୀ ପର୍ଯ୍ୟନ୍ତ ଚାଲି ମହାଷ୍ଟମୀ ଦିନ ସମ୍ପୂର୍ଣ୍ଣ ହେବ । ଯଂଜ୍ଞ ପରେ ମାଙ୍କୁ ନୀତି ଲାଗି ପହୁଡ଼ ହୋଇଥିଲା ପରେ ରଥ ଉପରେ ବିଜେ ପ୍ରତିମାଙ୍କ ପୂଜାହୋଇଥିଲା । ମାଙ୍କର ବିଶେଷ ଦୁର୍ଗା ପୂଜା ପାଇଁ ମାଙ୍କ ମନ୍ଦିରକୁ ଆଲୋକ ମାଳାରେ ସଜ୍ଜିତ କରାଯାଇଛି । ମନ୍ଦିର ପ୍ରଶାସନ ଓ ଯାଜପୁର ପୋଲିସ ପକ୍ଷରୁ ରଥ ଟଣା ଓ ପାଦ ଦର୍ଶନକୁ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରାଯାଉଛି ।

କୋରାପୁଟ ମେଡିକାଲରେ ଆଧୁନିକ ରୋଗ ନିରୂପଣ ସୁବିଧା

କୋରାପୁଟ, ୧୫/୧୦ (ଆ.ପ୍ର) : କୋରାପୁଟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯୋଡ଼ିହେଲା ନୂଆ ଅଧ୍ୟାୟ । ସ୍ତନ କର୍କଟ ରୋଗର ପ୍ରାରମ୍ଭିକ ଚିହ୍ନଟ ଏବଂ ଉନ୍ନତ ଚିକିତ୍ସା ସେବାକୁ ଅଧିକ ସୁଗମ କରିବା ଲକ୍ଷ୍ୟରେ କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ସ୍ଥାପନ ହୋଇଛି ଦୁଇଟି ଗୁରୁତ୍ୱପୂର୍ଣ୍ଣ ମେଡିକାଲ ମେସିନ୍ । ଗୋଟିଏ ହେଉଛି ମାମୋଗ୍ରାଫି ମେସିନ୍ ଏବଂ ଅନ୍ୟଟି ହେଉଛି ରେଡିଓ ଫ୍ରିକ୍ୱେନ୍ସି ଅବ୍ଲେସନ ମେସିନ୍ ।ଏହି ଦୁଇଟି ମେସିନ୍‌କୁ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି । ଏହି ଅବସରରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିବାବେଳେ ହସ୍ପିଟାଲ ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଶାନ୍ତ କୁମାର ସାହୁ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

ଲ୍ୟାମ୍ପ ସମବାୟ ସମିତି ଆନୁକୂଲ୍ୟରେ ରଙ୍ଗୋଲି ରାଷ୍ଟ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ

ଜି.ଉଦୟଗିରି, ୧୫/୧୦ (ଆ.ପ୍ର) : ଜି.ଉଦୟଗିରି ଆଦର୍ଶ ଲ୍ୟାମ୍ପ ସମବାୟ ସମିତି ଆନୁକୂଲ୍ୟରେ ସମବାୟ ବିଭାଗ, ହସ୍ତ ଶିଳ୍ପ, ବୟନ ଶିଳ୍ପ, ରେଶମ ଶିଳ୍ପ ଏ ସମସ୍ତ ପକ୍ଷରୁ ରଙ୍ଗୋଲି ରାଷ୍ଟ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସେବା ସଂକଳ୍ପ ଅଭିଯାନ ଓ ବିକଶିତ ଓଡ଼ିଶା, ବିକଶିତ ଭାରତ ବିଷୟ ଆଧାରିତ କୁଟି, ଚିତ୍ରା ପ୍ରତିଯୋଗିତା ବ୍ଲକର ଏସଏଚଜି , ସମିତି ଏସଏଚଜି , କଲେଜ ଛାତ୍ରୀ ଛାତ୍ର ଓ ରଙ୍ଗକାର ଏବଂ ତୃତୀୟଲିଙ୍ଗୀ ମାନଙ୍କୁ ମଧ୍ୟ ସାମିଲ କରାଯାଇଥିଲା ମୋଟ ୧୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏଥିରେ ସମିତିର ସଭାପତି ଜମେଶ ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ବିଡ଼ିଓ ସତ୍ୟନାରାୟଣ ମିଶ୍ର, ସମ୍ମାନିତ ଅତିଥି ଭାବେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ଜିଲ୍ଲା ପରିଷଦ ସଭ୍ୟା ଲିଲିମା ପ୍ରଧାନ, ସମିତି ପରିଚାଳନା ପରିସଦ ସଦସ୍ୟ କିଶୋର ଚନ୍ଦ୍ର ନାୟକ, ଦ୍ୱିଜେନ୍ଦ୍ରନାଥ ପ୍ରଧାନ ଓ ଲ୍ୟାମ୍ପ ର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଶିଶିରକାନ୍ତ ତ୍ରିପାଠୀ ପ୍ରମୁଖ ଯୋଗଦାନ କରିଥିଲେ । ପ୍ରତିଯୋଗୀ ମାନେ ରଙ୍ଗବେରଙ୍ଗ ମୁରୁଜରେ ବହୁ ସୁନ୍ଦର ଓ ଚିତ୍ତାକର୍ଷକ ଓ ସମାଜ ଉପଯୋଗୀ କୁଟି ଚିତ୍ରା ପକାଇଥିଲେ ଏବଂ ଶେଷରେ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିରେ ତୃତୀୟ ଲିଙ୍ଗ ଗ୍ରୁପ୍ ଲିଡର ବିରଂଚି ପ୍ରଧାନ ଓ ସାଥୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ, ୨ୟ ସ୍ଥାନ ରେ ଦୁଇଟି ଏସଏଚଜି ଗ୍ରୁପ ଏବଂ ତୃତୀୟ ସ୍ଥାନ ରେ ଇନ୍ଦିରା ପ୍ରିୟଦର୍ଶିନୀ ମହିଳା କଲେଜର ଜୀନା ପ୍ରଧାନ ପୁରସ୍କୃତ ହୋଇଛନ୍ତି । ଏହାକୁ ପରିଚାଳନା କରିଥିଲେ ସମିତିର ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ପୀତାମ୍ବର ସାହୁ ଓ ସମିତି କର୍ମଚାରୀ ଜିଙ୍କୁ କୁମାର ପ୍ରଧାନ, ଧର୍ମରାଜ ପ୍ରଧାନ ଓ ଅକ୍ଷୟ କୁମାର ପାଳ ।

ମହେନ୍ଦ୍ରଗିରି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ପାରଳାଖେମୁଣ୍ଡି, ୧୫/୧୦ (ଆ.ପ୍ର) : ମହେନ୍ଦ୍ରଗିରି (ପୌର) ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ୨୦୨୦ ମସିହାରୁ କାର୍ଯ୍ୟରତ ପ୍ରଧାନଶିକ୍ଷକ ପ୍ରଧାନଙ୍କୁ ଭୁଷୁଡି ସରକାରୀ ଉଚ୍ଚ ବିଦ୍ୟାଳୟକୁ ପ୍ରଧାନଶିକ୍ଷକ ଭାବେ ବଦଳି ହୋଇଯାଇଛି । ନୂତନ ପ୍ରଧାନଶିକ୍ଷକ ଜି. ଗୋବିନ୍ଦ ରାଜୁ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ରେ ପୂର୍ବତନ ଶିକ୍ଷକ ରାମଶଙ୍କର ଗନ୍ତାୟତ, ଶିକ୍ଷୟତ୍ରୀ ମଣିମାଳା, ବିଦ୍ୟାଳୟର ପୁରାତନ ଛାତ୍ର ଚିତ୍ତରଞ୍ଜନ ବେହେରା ଏବଂ ଭାଗବତ ପାତ୍ରୀ ମଂଚାସୀନ ଥିଲେ । ବିଦ୍ୟାଳୟର ସାମୂହିକ ବିକାଶ ଓ ଜିଲ୍ଲା ତଥା ରାଜ୍ୟସ୍ତରରେ ବିଦ୍ୟାଳୟକୁ ଶୀର୍ଷସ୍ଥାନକୁ ପହଂଚାଇବାରେ ତାଙ୍କର ପ୍ରମୁଖ ଅବଦାନ ବିଷୟରେ ଅବଗତ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ତଥା ଛାତ୍ରଛାତ୍ରୀ ନିଜର ମନ୍ତବ୍ୟ ରଖିଥିଲେ । ସମ୍ବର୍ଦ୍ଧନାର ପ୍ରତ୍ୟୁତ୍ତରରେ ପ୍ରଧାନ ତାଙ୍କ ସମୟରେ ସବୁ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କ ସହଯୋଗ ଏବଂ ବିଶେଷ କରି ପୁରାତନ ଛାତ୍ରଛାତ୍ରୀ ମାନଙ୍କର ସହଯୋଗ ସମ୍ପର୍କରେ ଅବଗତ କରିଥିଲେ । ତାହା ସ୍ମୃତି ହୋଇ ରହିବ । ଛାତ୍ରଛାତ୍ରୀ ମାନଙ୍କୁ ନିଜର ପରିଶ୍ରମ ଜାରୀ ରଖି ବିଦ୍ୟାଳୟର ଗୌରବକୁ ଶୀର୍ଷରେ ନେବାକୁ ପରାମର୍ଶ ଦେଇଥିଲେ ।

ପଥର ଖଣି ବନ୍ଦ କର, ନଚେତ୍ ରାଜରାସ୍ତାରେ ହେବ ଆନ୍ଦୋଳନ

ବିସ୍ଫୋରଣରେ ଦୋହଲୁଛି ଘର! ଭୟରେ ଦିନ କାଟୁଥିବା ଅଭିଯୋଗ କଲେ ଗ୍ରାମବାସୀ

କୋରାପୁଟ, ୧୫/୧୦ (ଆ.ପ୍ର) : କୋରାପୁଟ ବ୍ଲକ୍‌ର ଅନ୍ତର୍ଗତ ପଦ୍ମପୁର ଗ୍ରାମ ପଂଚାୟତ ଅଧୀନସ୍ଥ କୋଟିଆଗୁଡ଼ା, ବରଗୁଡା , ଦୁରୁଗୁଡ଼ା, ମେସିଙ୍ଗଗୁଡ଼ା, ଡୁମ୍ରାଗୁଡା ଓ ଗୋପାଳପୁଟ ଗ୍ରାମର ଗ୍ରାମବାସୀ ପଥର ଖଣିରେ ନିୟମିତ ବ୍ଲାଷ୍ଟିଂକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।ଖଣିରେ ବିସ୍ଫୋରଣ ଯୋଗୁଁ ଜନସାଧାରଣଙ୍କ ଜୀବନ, ଘରବାଡ଼ି ଓ ସାଧାରଣ ସମ୍ପତ୍ତି ପ୍ରତି ବିପଦ ସୃଷ୍ଟି ହେଉଅଛି । ଏହି ସମସ୍ୟା ସମ୍ପର୍କରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବା ଅଭିଯୋଗ କରି ଗ୍ରାମବାସୀମାନେ ଏବେ ଉକ୍ତ ପଥର ଖଣିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ କୋରାପୁଟ ଜିଲ୍ଲାପାଳଙ୍କ ନିକଟରେ ଦାବି ଜଣାଇଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଖଣିରେ ବ୍ଲାଷ୍ଟିଂ ଯୋଗୁଁ ପ୍ରବଳ ଶବ୍ଦ, ଧୂଳି ପ୍ରଦୂଷଣ ଓ ଭୂମିକମ୍ପନ ସଦୃଶ କମ୍ପନ ସୃଷ୍ଟି ହେଉଛି । ଏହାର ପ୍ରଭାବରେ ନିକଟସ୍ଥ ଘରବାଡ଼ିର କାନ୍ଥ ଓ ଛାତରେ ଫାଟ ସୃଷ୍ଟି ହେବା ସହ ସାଧାରଣ ଜୀବନଯାପନ ବାଧାପ୍ରାପ୍ତ ହେଉଥିବା ନେଇ ସେମାନେ ଉଦ୍ ?ବେଗ ପ୍ରକାଶ କରିଛନ୍ତି । ବ୍ଲାଷ୍ଟିଂ ସମୟରେ ପଥର ଖଣ୍ଡ ଛିଟିକି ଆସିବାର ଆଶଙ୍କା ଥିବାରୁ ଶିଶୁ, ବୟସ୍କ ବ୍ୟକ୍ତି ଓ ପଶୁସମ୍ପଦର ସୁରକ୍ଷା ନେଇ ମଧ୍ୟ ଚିନ୍ତା ବଢ଼ିଛି । ଖଣି କାର୍ଯ୍ୟ ଯୋଗୁଁ ଯଦି ଏଭଳି ପରିସ୍ଥିତି ଜାରି ରହେ, ତେବେ ଭବିଷ୍ୟତରେ ଗୁରୁତର ଅଘଟଣ ଘଟିବାର ଆଶଙ୍କା ରହିଛି ବୋଲି ଗ୍ରାମବାସୀ ମତ ପ୍ରକାଶ କରିଛନ୍ତି । ଜନସାଧାରଣଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷାକୁ ଅଣଦେଖା କରି କୌଣସି ଖଣି କାର୍ଯ୍ୟ ଚାଲୁ ରହିବା ଉଚିତ ନୁହେଁ ବୋଲି ସେମାନେ ଦାବି କରିଛନ୍ତି ।ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ, କୋରାପୁଟ ତୁରନ୍ତ ଘଟଣାର ତଦନ୍ତ କରିବା ସହ ସମ୍ପୃକ୍ତ ଖଣିର ଲିଜ୍ ?, ବ୍ଲାଷ୍ଟିଂ ଅନୁମତି ଓ ପରିବେଶଗତ ନିୟମାବଳୀର ଯାଂଚ କରିବାକୁ ଦାବି ହୋଇଛି । ତଦନ୍ତ ଶେଷ ନହେବା ପର୍ଯ୍ୟନ୍ତ ବ୍ଲାଷ୍ଟିଂ କାର୍ଯ୍ୟ ବନ୍ଦ ରଖିବା ସହ ଜନସାଧାରଣଙ୍କ ସୁରକ୍ଷା ପ୍ରତି ବିପଦ ଥିବା ପ୍ରମାଣିତ ହେଲେ ଖଣିର ଅନୁମତି ଆଇନାନୁଯାୟୀ ରଦ୍ଦ କରି ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଗ୍ରାମବାସୀ ଦୃଢ଼ ଦାବି ଜଣାଇଛନ୍ତି । ଯଦି ପ୍ରଶାସନ ଏହି ପଥର ବ୍ଲାଷ୍ଟିଂ କାର୍ଯ୍ୟ ବନ୍ଦ ନ କରାନ୍ତି ହେଲେ ସମସ୍ତ ପଦ୍ମପୁର ପଂଚାୟତବାସୀ ରାଜରାସ୍ତାରେ ବସିବୁ ବୋଲି କହିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ଦାବିପତ୍ର ଗ୍ରହଣ କରିଥିଲେ ।

ଜୋଙ୍କ ପୋଲିସର ଚଢ଼ଉ, ୨୩.୯୯୬ କେଜି ଗଞ୍ଜେଇ ଜବତ

ପାଂଚ ଅଭିଯୁକ୍ତ ଗିରଫ; ସ୍କୁଟର ସହ ୫ଟି ମୋବାଇଲ ଫୋନ୍ ଜବତ

ନୂଆପଡ଼ା, ୧୫/୧୦ (ଆ.ପ୍ର) : ନିଶାଦ୍ରବ୍ୟର ବେଆଇନ ପରିବହନ ବିରୋଧରେ ନୂଆପଡ଼ା ଜିଲ୍ଲାର ଖରିଆର ରୋଡ୍ ଜୋଙ୍କ ପୋଲିସକୁ ମିଳିଛି ସଫଳତା । ଗୋଟମା ଏୟାରଷ୍ଟ୍ରିପ୍ କେନାଲ ରୋଡ୍ ନିକଟରେ ଚଢ଼ଉ କରି ପୋଲିସ ୨୩ କିଲୋ ୯୯୬ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଏହି ଘଟଣାରେ ପାଂଚ ଜଣଙ୍କୁ ଗିରଫ କରିଛି । ଏଥିସହ ଗୋଟିଏ ସ୍କୁଟର ଓ ପାଂଚଟି ମୋବାଇଲ ଫୋନ୍ ମଧ୍ୟ ଜବତ କରାଯାଇଛି । ପୋଲିସ ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ଗତ ୧୪ ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ପାଟ୍ରୋଲିଂ କରୁଥିବା ପୋଲିସ କର୍ମଚାରୀମାନେ ଗଞ୍ଜେଇ ପରିବହନ ସମ୍ପର୍କରେ ସୂଚନା ପାଇଥିଲେ । ଏହାପରେ ପୋଲିସ ତୁରନ୍ତ ଗୋଟମା ଏୟାରଷ୍ଟ୍ରିପ୍ କେନାଲ ରୋଡ୍ ନିକଟରେ ପହଂଚି ଚଢ଼ଉ କରିଥିଲା । ଏହି ସମୟରେ ଦୁଇଟି କାର୍ଟନ୍ ବାକ୍ସରେ ଗଞ୍ଜେଇ ରଖି ପରିବହନ କରୁଥିବା ଅଭିଯୋଗରେ ପାଂଚ ଜଣଙ୍କୁ ପୋଲିସ କାବୁ କରିଥିଲା । ଗିରଫ ଅଭିଯୁକ୍ତମାନେ ହେଲେ ରାଜିକ ଖାନ ଓରଫ ସାଇଜାଦା ଖାନ ଓରଫ ସଜ୍ଜାଦ ହୁସେନ୍? (୩୬), ଶନି ତାଣ୍ଡି (୨୮), ନରେନ୍ଦ୍ର ଜଗତ (୨୫), ଗୋପାଳ ବାଘ (୨୬) ଏବଂ ସୋନୁ ଓରଫ ପଙ୍କଜ ସାହୁ (୨୪) । ସେମାନଙ୍କ ନିକଟରୁ ମୋଟ ୨୩.୯୯୬ କିଲୋଗ୍ରାମ ଗଞ୍ଜେଇ ଜବତ ହୋଇଛି । ଏଥିସହ ଘଟଣାରେ ବ୍ୟବହୃତ ହୋଇଥିବା ସନ୍ଦେହରେ ଗୋଟିଏ ସ୍କୁଟର ଓ ପାଂଚଟି ମୋବାଇଲ ଫୋନ୍ ଜବତ କରାଯାଇଛି । ପୋଲିସ ସୂଚନା ଅନୁଯାୟୀ, ଜବତ ଗଞ୍ଜେଇ ପ୍ୟାକେଟ୍‌ଗୁଡ଼ିକୁ ନିୟମ ଅନୁସାରେ ସିଲ୍ କରାଯିବା ସହ ଆବଶ୍ୟକ ଆଇନଗତ ପ୍ରକ୍ରିୟା ପାଳନ କରାଯାଉଛି । ଏହି ଘଟଣାରେ ଜୋଙ୍କ ଥାନାରେ ୧୪ ଅକ୍ଟୋବର ୨୦୨୬ ତାରିଖରେ ମାମଲା ନମ୍ବର ୩୮୨ ରୁଜୁ ହୋଇଛି । ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଧାରା ୧୧୧(୪) ଏବଂ ଏନ୍‌ଡିପିଏସ୍ ଆଇନ, ୧୯୮୫ର ଧାରା ୨୦(ବି)(ସ୍ୱ)(ଭ) ଅନୁଯାୟୀ ଏହି ମାମଲା ରୁଜୁ କରାଯାଇଛି । ଜୋଙ୍କ ଥାନାର ସବ୍-ଇନ୍ସପେକ୍ଟର ବି.ପି. ପ୍ରଧାନଙ୍କୁ ମାମଲାର ତଦନ୍ତକାରୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି । ଗଞ୍ଜେଇ ପରିବହନ ପଛରେ ଥିବା ଉଦ୍ଦେଶ୍ୟ, ଏହାର ଉତ୍ସ ଏବଂ ଘଟଣାରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେ ସମ୍ପର୍କରେ ପୋଲିସ ତଦନ୍ତ ଜାରି ରଖିଛି । ତଦନ୍ତ ଆଗକୁ ବଢ଼ିବା ସହ ଏହି ଘଟଣା ସମ୍ପର୍କରେ ଅଧିକ ତଥ୍ୟ ମିଳିବାର ଆଶା କରାଯାଉଛି । ତେବେ ଗିରଫ ପାଂଚ ଜଣ ଏହି ମାମଲାରେ ଅଭିଯୁକ୍ତ ମାତ୍ର । ଆଇନଗତ ପ୍ରକ୍ରିୟା ଓ ନ୍ୟାୟାଳୟର ନିଷ୍ପତ୍ତି ପରେ ହିଁ ଅଭିଯୋଗର ସତ୍ୟତା ନିର୍ଦ୍ଧାରଣ ହେବ ।

ଆଂଚଳିକସାଧନକେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୬

ଗାଙ୍ଗୀ ଚୌଦ୍ୱାର, ୧୫/୧୦ (ଆ.ପ୍ର) : ମଣ୍ଡଳ ଶିକ୍ଷା ଅଧିକାରୀ, ଆଠଗଡ଼ ଅଧୀନସ୍ଥ ଧବଳେଶ୍ୱର ନୋଡାଲ ୟୁ ପି ବିଦ୍ୟାଳୟ ଆଂଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାଧନ କେନ୍ଦ୍ର ଅଧୀନସ୍ଥ ୧୦ ଗୋଟି ବିଦ୍ୟାଳୟରୁ ପ୍ରାୟ ୧୬୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦାନକରି ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ମୁଖ୍ୟଅତିଥି ଶ୍ରୀମତୀ ଜ୍ୟୋତିର୍ମୟୀ ସାହୁ, ସରପଂଚ ମଟେଶ୍ୱର ଗ୍ରାମପଂଚାୟତ, ସମ୍ମାନିତ ଅତିଥି ଭରତ ଚନ୍ଦ୍ର ପତ୍ରୀ, ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ, ଚିନ୍ତାମଣି ମଲ୍ଲିକ୍, ପ୍ରଧାନଶିକ୍ଷକ, ଧବଳେଶ୍ୱର ନୋଡାଲ ୟୁ ପି ବିଦ୍ୟାଳୟ କାର୍ଯ୍ୟକ୍ରମର ସଭାପତି ଓ ସି ଆର ସି ସି ପ୍ରମୋଦ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା । ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ ସହ ପୁରସ୍କୃତ କରାଯାଇ କାର୍ଯ୍ୟକ୍ରମର ଉଦ୍ ଯାପନ କରାଯାଇଥିଲା ।

ପିଏମ୍ ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ 'ଛାତ୍ର ବିଧାନସଭା' ଅନୁଷ୍ଠିତ

ଦଶପଲ୍ଲା, ୧୫/୧୦ (ଆ.ପ୍ର) : ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଏନଏସି ସ୍ଥିତ ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଭବ୍ୟ 'ଛାତ୍ର ବିଧାନସଭା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ସଂସଦୀୟ କାର୍ଯ୍ୟଧାରା, ତର୍କ-ବିତର୍କ ଓ ନାଗରିକ ସଚେତନତା ସମ୍ପର୍କରେ ବ୍ୟାବହାରିକ ଜ୍ଞାନ ପ୍ରଦାନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୁଧିଷ୍ଠିର କହଁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନେ ନିଷ୍ଠାର ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ପଦବୀର ଦାୟିତ୍ୱ ତୁଲାଇଥିଲେ । ଏଥିରେ ଅଷ୍ଟମ ଶ୍ରେଣୀର ଛାତ୍ରୀ ଦେବିସ୍ମିତା ସାହୁ ବାଚସ୍ପତି, ଦଶମ ଶ୍ରେଣୀର ଅଙ୍କିତା ପ୍ରିୟଦର୍ଶିନୀ ବାରିକ ମୁଖ୍ୟମନ୍ତ୍ରୀ ଏବଂ ଅଷ୍ଟମ ଶ୍ରେଣୀର ମୌସୁମୀ ମହାପାତ୍ର ବିରୋଧୀ ଦଳ ନେତ୍ରୀ ଭାବେ ନିଖୁଣ ଅଭିନୟ ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅନ୍ୟାନ୍ୟ ଛାତ୍ରୀମାନେ ଶାସକ ଓ ବିରୋଧୀ ଦଳର ବିଧାୟିକା ସାଜି ଗୃହରେ ପ୍ରଶ୍ନକାଳ ଏବଂ ସମସାମୟିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଚମତ୍କାର ଆଲୋଚନା ଓ ତର୍କ କରିଥିଲେ । ଏହି ସମାବେଶରେ ମଣ୍ଡଳ ଶିକ୍ଷା ଅଧିକାରୀ ଭକ୍ତ ବିନୋଦ ସଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ୟାମ ସୁନ୍ଦର ଯାନୀ, ସିଆରସିସି କସ୍ତୁରୀ ସାହୁ, ଶିକ୍ଷାବିତ ଅକ୍ଷୟ କୁମାର ମହାପାତ୍ର, ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ସାହୁ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ମହାନ୍ତି ଉପସ୍ଥିତ ରହି ଛାତ୍ରୀମାନଙ୍କ ନେତୃତ୍ୱ ନେବାର ଦକ୍ଷତା ତଥା ଉତ୍ସାହକୁ ଭୂୟସୀ ପ୍ରଶଂସା କରିଥିଲେ । ଶିକ୍ଷକ ପରମାନନ୍ଦ ନାୟକ ମଂଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପରିଶେଷରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇ କାର୍ଯ୍ୟକ୍ରମ ସାଙ୍ଗ ହୋଇଥିଲା ।

ସେଇଥ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୧୬ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳର ବାଜିମାତ୍

ଦଶପଲ୍ଲା, ୧୫/୧୦ (ଆ.ପ୍ର) : ଦୀର୍ଘ ବ୍ୟବଧାନ ପରେ ରାଜ୍ୟରେ କଲେଜ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ଦଶପଲ୍ଲାସ୍ଥିତ ବିଏସ୍ କଲେଜରେ ବିଜୁ ଛାତ୍ର ଜନତା ଦଳ ବାଜିମାତ୍ କରିଛି । ଏହି ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳ (ବିସିଜେଡ଼ି) ଓ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ଫଳାଫଳରେ ବିଜୁ ଛାତ୍ର ଜନତା ଦଳର ପ୍ରାର୍ଥୀମାନେ ଅଧିକ ସଂଖ୍ୟାରେ ବିଜୟୀ ହୋଇଛନ୍ତି । ନିର୍ବାଚନରେ ଛାତ୍ର ସଂସଦ ସଭାପତି ଭାବେ ସୌଭାଗ୍ୟ ବେହେରା, ଉପସଭାପତି ଭାବେ ଅଂଶୁମାନ ବଡ଼େଇ, ସାଧାରଣ ସମ୍ପାଦକ ଭାବେ ସୌମ୍ୟ ରଞ୍ଜନ ସ୍ୱାଇଁ ଏବଂ ସହସମ୍ପାଦକ ଭାବେ ଜ୍ୟୋତି ରଞ୍ଜନ ସାହୁ ନିର୍ବାଚିତ ହୋଇଛନ୍ତି ।ସେହିପରି ନାଟ୍ୟ ସଂସଦ ସମ୍ପାଦକ ଭାବେ ରୋନାଲିତ ବିଶ୍ୱାଳ, ସହକାରୀ ନାଟ୍ୟ ସଂସଦ ସମ୍ପାଦକ ଭାବେ ମହେଶ ପାତ୍ର, କ୍ରୀଡ଼ା ସଂସଦ ସମ୍ପାଦକ ଭାବେ ସ୍ୱୟଂଜିତ ପାଣି, ସହକାରୀ କ୍ରୀଡ଼ା ସଂସଦ ସମ୍ପାଦକ ଭାବେ ସୋନାଲି ବେହେରା ଏବଂ ଦିବାଧାୟୀ ସମ୍ପାଦକ (ଡିଏସ୍ଏ) ଭାବେ ସ୍ମୃତିପ୍ରଜ୍ଞା ପ୍ରଧାନ ବିଜୟୀ ହୋଇଛନ୍ତି ।ଅନ୍ୟପକ୍ଷରେ, ବାଳକ କମନ୍ ରୁମ୍ ସମ୍ପାଦକ ଭାବେ ରାକେଶ ବେହେରା ଏବଂ ବାଳିକା କମନ୍ ରୁମ୍ ସମ୍ପାଦକ ଭାବେ ସ୍ମୃତି ପ୍ରଧାନ ନିର୍ବାଚିତ ହୋଇଛନ୍ତି । ଏହି ବିଜୟକୁ ନେଇ ବିଜୁ ଛାତ୍ର ଜନତା ଦଳର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି । ସୂଚନା ଅନୁସାରେ ବିଜୁ ଛାତ୍ର ଜନତା ଦଳର ଛାତ୍ର ସଂସଦ ସଭାପତି ସୌଭାଗ୍ୟ ରଞ୍ଜନ ବେହେରା ୩୫୧ଖଣ୍ଡ, ଉପ ସଭାପତି ଅଂଶୁମାନ ବଡ଼େଇ ୩୨୮ଖଣ୍ଡ, ସାଧାରଣ ସମ୍ପାଦକ ସୌମ୍ୟ ରଞ୍ଜନ ସ୍ୱାଇଁ ୩୪୩ଖଣ୍ଡ ଭୋଟ ପାଇଥିବା ବେଳେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର-ସଭାପତି ବ୍ରଜ କୁମାର ସାହୁ ୧୬୯, ଉପ ସଭାପତି -ସୌଭାଗ୍ୟ ରଞ୍ଜନ ବେହେରା ୧୯୦, ସାଧାରଣ ସମ୍ପାଦକ- ରଶ୍ମିତା ସାହୁ ୧୬୯ଖଣ୍ଡ ଭୋଟ ପାଇଥିଲେ । ସମସ୍ତ ଛାତ୍ରଙ୍କ ସମ୍ମୁଖରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଜୟଦେବ ଗୌଡ଼ ସରକାରୀସ୍ତରୀୟ ଫଳାଫଳ ଘୋଷଣା କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ଜୟଦେବ ଗୌଡ଼ ଓ ନିର୍ବାଚନ ଅଧିକାରୀ ଅଧ୍ୟାପକ ପ୍ରଶାନ୍ତ କୁମାର ମିଶ୍ର ସୁଚାରୁ ରୂପେ ପରିଚାଳନା କରିଥିବା ବେଳେ ଅତିରିକ୍ତ ତହସିଲଦାର ଶୁକଦେବ ବେହେରା, ପୋଲିସ ଅଫିସର ବିସି ଟୁଡୁ ଓ ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା ଉପସ୍ଥିତ ଥିଲେ । ବିଜୁ ଛାତ୍ର ଜନତା ଦଳର ସମସ୍ତ ନିର୍ବାଚିତ ପ୍ରତିନିଧି ଏହି ଖୁସିରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲା ।

ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ଉଦଯାପିତ

ତିର୍ତୋଲ, ୧୫/୧୦ (ଆ.ପ୍ର) : ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ବିକାଶ ନିମନ୍ତେ ଆୟୋଜିତ ହେଉଥିବା ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୬ ତିର୍ତୋଲ ବ୍ଲକ ଅନ୍ତର୍ଗତ ସଅଁରା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆନନ୍ଦ ଉଲ୍ଲାସର ସହିତ ଅନୁଷ୍ଠିତ ହୋଇଯାଇଛି । ଏହି ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେର ଯୋଗ ଦେଇଥିବା ବେଳେ, ମୁଖ୍ୟ ବକ୍ତା ଥିଲେ ବ୍ଲକ ଶିକ୍ଷାଧିକାରୀ ସୁଧ୍ୟା ରଞ୍ଜନ ଦାଶ । ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ ସ୍ଥାନୀୟ ସରପଂଚ ବିକ୍ରମ କିଶୋର ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବରିଷ୍ଠ ଶିକ୍ଷୟିତ୍ରୀ ମହାମାୟା ବିଶ୍ୱାଳ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ପୁଷ୍ପାଞ୍ଜଳି ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ବରିଷ୍ଠ ଶିକ୍ଷକ ଟୁଟୁ ଦାସ ପ୍ରଦାନ କରିଥିବା ବେଳେ, ମଂଚ ପରିଚାଳନା କରିଥିଲେ ଶିକ୍ଷକ ବାବୁଲି କୁମାର ସ୍ୱାଇଁ । ଏହି ସମସ୍ତ କାର୍ଯ୍ୟକ୍ରମରେ କ୍ଲଷ୍ଟର ସ୍ତରୀୟ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବାକୁ ବ୍ଲକର ୧୮ ଗୋଟି ସାଧନକେନ୍ଦ୍ରର ସଂଯୋଜକ ତଥା ଜ୍ୟୋତି ରଞ୍ଜନ ମହାନ୍ତି, ପ୍ରଣବ କୁମାର ସାହୁ, ମୋହନ ଟୁଡୁ, ରାଜେଶ କୁମାର ଖଟୁଆ, ଚିତରଞ୍ଜନ ଦାସ, ରଶ୍ମି ରଞ୍ଜନ ନାୟକ, ଦେବାଶିଷ ସ୍ୱାଇଁ, ସ୍ମୃତି ରଞ୍ଜନ ନାୟକ, ସୁଶାନ୍ତ ବେହେରା, ଅନିଶ ଖାନ, ଶ୍ୱେତପଦ୍ମା ଖୁଂଟିଆ, ଶଶାଙ୍କ ଶେଖର ସ୍ୱାଇଁ, ପ୍ରଶାନ୍ତ କୁମାର ମହାନ୍ତି, ସଞ୍ଜୟ କୁମାର ଦାରିକ, ସୁଶାନ୍ତ କୁମାର ବେହେରା ପ୍ରମୁଖ ସଂଚାଳନ କରିବାରେ ସାହାଯ୍ୟ କରିଥିଲେ । ଉଦଯାପନୀ ସଭାରେ ମୁଖ୍ୟ ଅତିଥିଭାବେ ଥିଲେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ରମେଶ ଚନ୍ଦ୍ର ମଲ୍ଲିକ ଏବଂ ମୁଖ୍ୟ ବକ୍ତା ଥିଲେ ଜିଲ୍ଲା ସମଗ୍ରଶିକ୍ଷା ଶୈକ୍ଷିକ ସଂଯୋଜକ ତପନ କୁମାର ନନ୍ଦ । ଏହି ସଭାରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ସିଆରସିସି ଚିତରଞ୍ଜନ ଦାସ । ମଣ୍ଡଳ ସ୍ତରୀୟ ବିଦ୍ୟାଳୟମାନଙ୍କରୁ ବିଭିନ୍ନ ଦକ୍ଷତା ପ୍ରତିପାଦନ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ଟ୍ରଫି, ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସ୍ମୃତିରଞ୍ଜନ ନାୟକ ।

ଜି.ଉଦୟଗିରି ଦୁର୍ଗାପୂଜା ନିମନ୍ତେ ପ୍ରଶାସନ ଓ ପୂଜା କମିଟିର ବୈଠକ

ଜି.ଉଦୟଗିରି, ୧୫/୧୦ (ଆ.ପ୍ର) : ଚଳିତ ବର୍ଷ ଶାରଦୀୟ ଦୁର୍ଗାପୂଜା ପାଳନ ନିମନ୍ତେ ପ୍ରସ୍ତୁତି ଜୋରସୋରରେ ଚାଲିଥିବା ବେଳେ । ଅସ୍ଥାୟୀ ପୂଜା ମଣ୍ଡପରେ ପୂଜା ମେଢ଼ ନିର୍ମାଣ ପ୍ରାୟ ଶେଷ ପର୍ଯ୍ୟାୟରେ । ଶାନ୍ତି ଶୃଙ୍ଖଳାର ସହ ପୂଜା ପାଳନ ନିମନ୍ତେ ଦୁର୍ଗା ପୂଜା ପରିଚାଳନା କମିଟି ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବ୍ୟାବସାୟୀ ସଂଘ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା । ଦୁର୍ଗାପୂଜା କମିଟି ସଭାପତି ଅରୁଣ କୁମାର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସ୍ଥାନୀୟ ତହସିଲଦାର ସମୁଦ୍ର ମିଶ୍ର, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ଆଦର୍ଶ ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ, ଅତିରିକ୍ତ ତହସିଲଦାର ଦେବାଶିଷ ଜେନା ପ୍ରମୁଖ ଯୋଗ ଦେଇଥିଲେ । ପୂଜା ପରିଚାଳନା କମିଟି ସମ୍ପାଦକ ଭେଙ୍କଟେଶ୍ୱର ବେହେରା ଅତିଥିମାନଙ୍କ ସହ ପୂଜା ସମୟରେ ବିଭିନ୍ନ ଦିନର ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକୁ ଉପସ୍ଥାପନ କରିଥିଲେ । ବୈଠକରେ କମିଟି ଉପ ସଭାପତି ସଞ୍ଜୟ କୁମାର ଆଚାର୍ଯ୍ୟ, ସହ ସମ୍ପାଦକ ପ୍ରଶାନ୍ତ କୁମାର ମୁନୀ, କୋଷାଧ୍ୟକ୍ଷ ସଞ୍ଜୟ କୁମାର ସୁବୁଦ୍ଧି, ଉପଦେଷ୍ଟା ଅନିଲ କୁମାର ପଟ୍ଟନାୟକ, ପତିତପାବନ ସାହୁ, ସୁରେନ୍ଦ୍ର ଦାସଙ୍କ ସମେତ କାର୍ଯ୍ୟ କାରିଣୀ ସଦସ୍ୟ ଲକ୍ଷ୍ମଣ ଆଚାର୍ଯ୍ୟ, ପ୍ରତାପ କୁମାର ପଣ୍ଡା, ନିରଞ୍ଜନ ପଣ୍ଡା, ବାଳକୃଷ୍ଣ ବେହେରା, ଭୋଳାଶଙ୍କର ସାମନ୍ତରାୟ, ବିପିନ କୁମାର ମଲ୍ଲିକ, ରଘୁନାଥ ପତି, ପିଂଟୁ ତ୍ରିପାଠୀ, ବିଶେଶ୍ୱର ସାହୁ, ସିଏଚ ମହେଶ ପାତ୍ର, ନାରାୟଣ ମହାରଣା, ପ୍ରମୁଖ ଯୋଗ ଦେଇଥିଲେ । ଚଳିତ ବର୍ଷ ଦୁର୍ଗାପୂଜା ଆସନ୍ତା ୧୬ ତାରିଖରୁ ୨୩ ତାରିଖ ଯାଏଁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା । ତତସହିତ ଶୃଙ୍ଖଳିତ ଯାତ୍ରା ନିମନ୍ତେ ଟ୍ରାଫିକ ନିୟନ୍ତ୍ରଣ, ରାସ୍ତା ଘାଟ ସଫା ସୁତୁରା ରଖିବା, ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା ଗୁଡ଼ିକ କିପରି ସମସ୍ତଙ୍କ ସହଯୋଗରେ ସମାଧାନ ହୋଇପାରିବ ସେ ଉପରେ ପ୍ରଶାସନିକ ଅଧିକାରୀ ମାନେ ସୂଚନା ଦେଇଥିଲେ । ଶେଷରେ ଉପ ସଭାପତି ସଞ୍ଜୟ କୁମାର ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ନାହାଙ୍ଗ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ

ମାହାଙ୍ଗା, ୧୫/୧୦ (ଆ.ପ୍ର) : ନାହାଙ୍ଗ କ୍ଲଷ୍ଟରସ୍ତରୀୟ ଶିଶୁ ପ୍ରତିଭା ଅନ୍ୱେଷଣ ସୁରଭି ୨୦୨୬ କାର୍ଯ୍ୟକ୍ରମ ଭବାନୀ ବାଳିକା ଉଚ୍ଚ ବିଦ୍ୟାଳୟ ଗୋଡରା ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନାହାଙ୍ଗ କ୍ଲଷ୍ଟର ଅଧିନସ୍ଥ ୪ଟି ପ୍ରାଥମିକ , ୭ଟି ଉଚ୍ଚ ପ୍ରାଥମିକ ଏବଂ ୩ ଉଚ୍ଚ ବିଦ୍ୟାଳୟର ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ୧୮ଟି ପ୍ରତିଯୋଗିତାରେ ଭାଗ ନେଇଥିଲେ । ସକାଳ ୧୦ଘଟିକା ସମୟରେ କାର୍ଯ୍ୟକ୍ରମର ଉଦ୍‌ଘାଟନ ଉତ୍ସବ ପ୍ରଧାନଶିକ୍ଷୟିତ୍ରୀ ତୃପ୍ତିଲତା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ନାଟ୍ୟକାର ଅଭୟ ଦାସ, ମୁଖ୍ୟବକ୍ତାଭାବେ ବରିଷ୍ଠ ସାମ୍ବାଦିକ ଶଶିଭୂଷଣ ଷଡ଼ଙ୍ଗୀ, ସମ୍ମାନୀତ ଅତିଥିଭାବେ ଗୋଡରା ପଂଚାୟତର ସରପଂଚ ସୂର୍ଯ୍ୟକାନ୍ତ ପଣ୍ଡା, ସଂଯୋଜକ ଭାବେ ସିଆର୍‌ସିସି ଭାଗବତ ବେହେରା ଯୋଗଦେଇ ଶିଶୁ ପ୍ରତିଭାର ବିକାଶ ନିମନ୍ତେ ସୁରଭି କାର୍ଯ୍ୟକ୍ରମ ଏକ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ । ପ୍ରଧାନଶିକ୍ଷକ ମନୋଜ କୁମାର ଦାସ ସ୍ୱାଗତ ଭାଷଣ ଓ ଅତିଥିପରିଚୟ ଦେଇଥିଲା ବେଳେ ଶିକ୍ଷକ ସୁବ୍ରତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାରେ ବିଚାରକ ଭାବେ ପୁରୁଷୋତ୍ତମ ଜେନା, ଅଚ୍ୟୁତାନନ୍ଦ ସେଠୀ, ଦେବବ୍ରତ ସାହୁ, ରାକେଶ ରଂଜନ ପଣ୍ଡା, ମନୋରଂଜନ କର, ହରପ୍ରିୟା ମହତାବ, ମାନଚକ୍ରବର୍ତୀ ବେହେରା, ବନଶ୍ରୀ ବାରିକ, ବାସନ୍ତୀ ଦେଇ, ସଂଯୁକ୍ତା ମହାନ୍ତି, ଶୁଭଶ୍ରୀ ମାନ୍ଧାତା, ନଳିନୀକାନ୍ତ ସାହୁ, ସୌମ୍ୟରଂଜନ ଷଡ଼ଙ୍ଗୀ, କିଶୋର ପ୍ରଧାନ, ଶୁଭ୍ରାପୂର୍ଣ୍ଣତୋୟା, ଅନନ୍ତକିଶୋର ଭୋଇ, ରମଣୀ ରାଉତ, ମମତା ଶତପଥୀ, ଅରୁନ୍ଧତୀ ସାହୁ, ଶ୍ରଦ୍ଧାଞ୍ଜଳି ମଲିକ, ଅମୂଲ୍ୟ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ । ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ, ସମ୍ମାନୀତ ଅତିଥି ଭାବେ ହରେକୃଷ୍ଣ ସାହୁ ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଭବାନୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅକ୍ଷୟ ସାହୁ, ସୁବ୍ରତ ପ୍ରଧାନ, ରୁନିଲତା ମଲିକ, ରଶ୍ମିରାଣୀ ଷଡ଼ଙ୍ଗୀ, ଅମରେନ୍ଦ୍ର ଭଞ୍ଜ, ପ୍ରିୟଦର୍ଶିନୀ ବଳ, ସୋନାଲିମୋନାଲିସା ପ୍ରଧାନ, ଜ୍ୟୋତିରଂଜନ ମହାନ୍ତି, ଅମର ଦେଉରି, ପୁଷ୍ପାଞ୍ଜଳି ବେହେରା ପ୍ରମୁଖ ସହଯୋଗ କରିଥିଲେ ।

ଇନ୍ଦ୍ରାବତୀ ଜଳଭଣ୍ଡାର ପରିଦର୍ଶନ କଲେ ଜିଲ୍ଲାପାଳ
ନଦୀ ଉଭୟ ପାର୍ଶ୍ୱର ମରାମତି ପାଇଁ ଡିପିଆର ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ

ନବରଙ୍ଗପୁର, ୧୫/୧୦(ଆ.ପ୍ର): ଜିଲ୍ଲାପାଳ ମଧୁମିତା ଆଜି ଇନ୍ଦ୍ରାବତୀ ଜଳଭଣ୍ଡାର ଓ ଖାତିଗୁଡ଼ା ଡ୍ୟାମ୍ ପରିଦର୍ଶନ କରି ଡ୍ୟାମ୍ ଭିତିଭୂମିର ବର୍ତ୍ତମାନ ସ୍ଥିତି ଅନୁଧ୍ୟାନ କରିବା ସହ ଡ୍ୟାମ୍ ପରିସରର ରକ୍ଷଣାବେକ୍ଷଣ ଓ ଆନୁଷଙ୍ଗିକ ବିକାଶ ସମ୍ପର୍କିତ ବିଷୟଗୁଡ଼ିକର ସମୀକ୍ଷା କରିଥିଲେ । ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳ ଡ୍ୟାମ୍ କର୍ତ୍ତୃପକ୍ଷଙ୍କ ଅଧୀନରେ ନିୟୋଜିତ ୪୬ ଜଣ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ବକେୟା ଦରମା ପ୍ରଦାନ ସମ୍ପର୍କରେ ମଧ୍ୟ ସମୀକ୍ଷା କରିଥିଲେ । ଡ୍ୟାମ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅବଗତ କରାଯାଇଥିଲା ଯେ, ଉକ୍ତ ୪୬ ଜଣ କର୍ମଚାରୀଙ୍କ ୧୦ ମାସର ବକେୟା ଦରମା ପ୍ରଦାନ ପାଇଁ ଅର୍ଥ ବିଭାଗର ଅନୁମୋଦନ ପାଇଁ ଫାଇଲ୍ ପଠାଯାଇଛି । ଅନୁମୋଦନ ମିଳିବା ପରେ ଖୁବ୍‌ଶୀଘ୍ର ସମସ୍ତଙ୍କ ଦରମା ପ୍ରଦାନ କରାଯିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେବା ସହ ପ୍ରବଳ ବର୍ଷା ଯୋଗୁଁ ଡ୍ୟାମ୍ ଅଂଚଳରେ ଦେଖାଦେଇଥିବା ସମସ୍ୟା ସମ୍ପର୍କରେ ମଧ୍ୟ ଅଧିକାରୀମାନେ ତାଙ୍କୁ ଅବଗତ କରାଇଥିଲେ । ଏଥିପରେ ନଦୀର ଉଭୟ ପାର୍ଶ୍ୱର ସାମଗ୍ରିକ ବିକାଶ ନିମନ୍ତେ ଏକ ବିସ୍ତୃତ ଡିପିଆର ପ୍ରସ୍ତୁତ ସହ ବିଭାଗକୁ ପ୍ରେରଣ କରିବା ଏବଂ କର୍ମଚାରୀଙ୍କ ବକେୟା ଦରମା ପ୍ରଦାନ ସମ୍ପର୍କିତ ପଦକ୍ଷେପଗୁଡ଼ିକର ତ୍ୱରିତ ଅନୁସରଣ କରିବା ସହ ପ୍ରସ୍ତାବିତ ବିକାଶମୂଳକ କାର୍ଯ୍ୟଗୁଡ଼ିକର ଅଗ୍ରଗତି ସୁନିଶ୍ଚିତ କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ ।

ଧର୍ମପରାୟଣା ମହିଳା ୰ସୁଚିତ୍ରା ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅନୁଷ୍ଠିତ

ମାହାଙ୍ଗା, ୧୫/୧୦ (ଆ.ପ୍ର) : ମାହାଙ୍ଗା ବ୍ଲକ ଅର୍ନ୍ତଗତ ଗୌଡପଡା ଗ୍ରାମର ବୟୋଜ୍ୟେଷ୍ଠ ପରୋପକାରୀ ଧର୍ମପରାୟଣ ମହିଳା ତଥା ମଂଚ ନିର୍ଦ୍ଦେଶକ ୰ସଚ୍ଚିକାନ୍ତ ଦାସଙ୍କ ଧର୍ମପତ୍ନୀ ୰ସୁଚିତ୍ରା ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମାଆର ମମତା ସଂପର୍କରେ ଏକ ଆଲୋଚନା ଚକ୍ର ସ୍ତମ୍ଭକାର ବିବେକାନନ୍ଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସମାଜସେବୀ ସାରଦାପ୍ରସାଦ ମହାନ୍ତି, ଦମୟନ୍ତୀ ମହାନ୍ତି, ସାମ୍ବାଦିକ ଧନେଶ୍ୱର ସେଠୀ, ପ୍ରଶାନ୍ତ ମିଶ୍ର, ଅଚ୍ୟୁତାନନ୍ଦ ନାୟକ, ଉତ୍ପଳକାନ୍ତ ଦାସ, ଏମ୍ ପବ୍ଲିକ ସ୍କୁଲର ପ୍ରତିଷ୍ଠାତାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ । ପ୍ରାରମ୍ଭରେ ସାମ୍ବାଦିକ ରବିନାରାୟଣ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମାଆର ମମତାକୁ କେହି କେବେ ଭୁଲିପାରେ ନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଚଂଳର ବହୁ ବ୍ୟକ୍ତି ଉପସ୍ଥିତ ରହିଥିଲେ ।

ଟିକାବାଲି ଆଇସିଡିଏସ୍‌ରେ ନବମ ରାଷ୍ଟ୍ରୀୟ ପୋଷଣ ମାହ ପାଳିତ



ଟିକାବାଲି, ୧୫/୧୦ (ଆ.ପ୍ର) : ଟିକାବାଲି ଆଇସିଡିଏସ୍ ପକ୍ଷରୁ ଆଜି ନବମ ରାଷ୍ଟ୍ରୀୟ ପୋଷଣ ମାହ ପାଳିତ ହୋଇଯାଇଛି । ଏହି ଅବସରରେ ପୁଷ୍ଟିକର ଖାଦ୍ୟ, ସନ୍ତୁଳିତ ଆହାର ଓ ସୁସ୍ଥ ଜୀବନଶୈଳୀ ସମ୍ପର୍କରେ ଜନସଚେତନତା ସୃଷ୍ଟି କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷ ଦିଲ୍ଲୀପ କହଁର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ମେଡିକାଲ ଅଫିସର ଡ଼କ୍ଟର ଜ୍ୟୋତିରଂଜନ ଜେନା ଓ ସହକାରୀ ବ୍ଲକ୍ ଶିକ୍ଷାଧିକାରୀ (ଏବିଇଓ) ବିନୋଦିନୀ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସିଡିପିଓ ସୁନିତାରାଣୀ ଦାଶ କାର୍ଯ୍ୟକ୍ରମର ଆବାହକ ଭାବେ ଦାୟିତ୍ୱ ତୁଲାଇଥିଲେ । କାର୍ଯ୍ୟକ୍ରମରେ ତ୍ରିରଙ୍ଗାପୁଷ୍ଟିକର ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା । ଏଥିସହିତ ପୋଷଣ ସମ୍ପର୍କିତ ସଚେତନତା ବୃଦ୍ଧି ନିମନ୍ତେ ରଚନା, ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଉକ୍ତ ପ୍ରତିଯୋଗିତାଗୁଡ଼ିକରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏଥିସହିତ ଅଙ୍ଗନବାଡି ଜ୍ଞାନକେନ୍ଦ୍ର କର୍ମୀ, ପୋଷଣ କୋର୍ଡିନେଟର, ଗର୍ଭବତୀ ମା' ଓ ଆଶା ଦିଦିଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ମହିଳା ପରିଦର୍ଶିକା, କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ ।

ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଟିକାୟତପାଲି ଏନକ୍ୟୁଏଏସ ପ୍ରମାଣପତ୍ର ହାସଲ କଲା

ବଣାଇଁ, ୧୫/୧୦(ଆ.ପ୍ର): ଟିକାୟତପାଲି ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ଗୌରବର ମୁହୂର୍ତ୍ତ ଟିକାୟତପାଲି, ସୁନ୍ଦରଗଡ଼ : ସୁନ୍ଦରଗଡ଼ ଜିଲ୍ଲାର କସଡ଼ା ଗ୍ରାମ ପଂଚାୟତ ଅନ୍ତର୍ଗତ ତଥା ସିଏଚସି ଏସ୍. ବଣାଇ ଅଧୀନରେ ଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର (ଏଏଏମ), ଉପସ୍ୱାସ୍ଥ୍ୟ କେନ୍ଦ୍ର ଟିକାୟତପାଲି ଜାତୀୟ ଗୁଣବତା ନିଶ୍ଚିତକରଣ ମାନକ (ଏନକ୍ୟୁଏଏସ) ପ୍ରମାଣପତ୍ର ହାସଲ କରିଛି । ଏହି ସଫଳତା ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ, ସ୍ଥାନୀୟ ଜନସାଧାରଣ ଓ ସମଗ୍ର ଅଂଚଳ ପାଇଁ ଏକ ଗର୍ବ ଓ ଗୌରବର ବିଷୟ ହୋଇଛି । ଗତ ୨୪ ଅଗଷ୍ଟ ୨୦୨୬ ତାରିଖରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଏନକ୍ୟୁଏଏସ ମୂଲ୍ୟାଙ୍କନ କରାଯାଇଥିବା ବେଳେ ୫ ଅକ୍ଟୋବର ୨୦୨୬ ତାରିଖରେ ଏହାକୁ ପ୍ରମାଣପତ୍ର ମିଳିଥିଲା । ସ୍ୱାସ୍ଥ୍ୟସେବାର ଗୁଣବତା, ପରିମଳ ବ୍ୟବସ୍ଥା, ସଂକ୍ରମଣ ନିୟନ୍ତ୍ରଣ, ରୋଗୀ ସୁରକ୍ଷା ଓ ରୋଗୀ-ଅନୁକୂଳ ସେବା ପ୍ରଦାନ କ୍ଷେତ୍ରରେ ଏହି ସଫଳତା ଏକ ଉଲ୍ଲେଖନୀୟ ଉପଲବ୍ଧି । ଏହି ସଫଳତା ପଛରେ ସିଏଚଓ, ଘନଶ୍ୟାମ ନାୟକ, ଏଚ୍‌ଡ଼ବ୍ଲ୍ୟୁଏଫ୍ ଲିଜା ହୋରୋ ଏବଂ ଆଶାକର୍ମୀ ସୁକାନ୍ତି ଓରାମ, ଜୟନ୍ତୀ କିଷାନ, ସୁମିତ୍ରା କିଷାନ, କସ୍ତୁରୀ କିଷାନ, ସଲାମି ସୋରେଙ୍ଗ ଓ ଜସିନ ସୋଏଙ୍କ ନିଷ୍ଠାପର ଉଦ୍ୟମ ରହିଛି । ଏହି ସଫଳତା ହାସଲରେ ସିଏଚସିଏସ୍, ବଣାଇର ଡାକ୍ତର ଡା. ବିଶ୍ୱରଞ୍ଜନ ସାହୁ ଓ ଡା. ସୁରାଂଶୁ ଶେଖର ବେହେରା, ବିପିଏମ, ତୁଷାରକାନ୍ତ ମହାପାତ୍ର ଏବଂ ପିଇଓ, ପ୍ରଦୀପ୍ତ ମିଶ୍ରଙ୍କ ମାର୍ଗଦର୍ଶନ, ସହଯୋଗ ଓ ସମର୍ଥନ ଉଲ୍ଲେଖନୀୟ ରହିଥିଲା । ସେହିପରି କସଡ଼ା ଗ୍ରାମ ପଂଚାୟତର ସରପଂଚ ଅନନ୍ତ କୁମାର ପଟ୍ଟାଙ୍କ ସହଯୋଗ ମଧ୍ୟ ଏହି ସଫଳତାକୁ ଆହୁରି ସୁଦୃଢ଼ କରିଛି । ସମସ୍ତଙ୍କ ମିଳିତ ପ୍ରୟାସ, ନିରନ୍ତର ପରିଶ୍ରମ, ଉତ୍ତମ ସମନ୍ୱୟ ଓ ଦାୟିତ୍ୱବୋଧ ଯୋଗୁଁ ଏହି ସଫଳତା ସମ୍ଭବ ହୋଇପାରିଛି । ଏନକ୍ୟୁଏଏସ ପ୍ରମାଣପତ୍ର ହାସଲ କରିବା ଦ୍ୱାରା ଟିକାୟତପାଲି ଓ ଏହାର ଆଖପାଖ ଗ୍ରାମର ଲୋକମାନଙ୍କୁ ଅଧିକ ଗୁଣାତ୍ମକ, ସୁରକ୍ଷିତ ଓ ସୁବିଧାଜନକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦିଗରେ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରତିବଦ୍ଧତା ପ୍ରତିଫଳିତ ହୋଇଛି । ଏହି ଗୌରବମୟ ସଫଳତା ପାଇଁ ଏଏଏମଏସସି ଟିକାୟତପାଲିର ସମସ୍ତ କର୍ମଚାରୀ, ସିଏଚସିଏସ୍. ବଣାଇର ସମସ୍ତ ସହଯୋଗୀ ଏବଂ କସଡ଼ା ଗ୍ରାମ ପଂଚାୟତର ସହଯୋଗୀମାନଙ୍କୁ ଧନ୍ୟବାଦ ଜଣାଯାଇଛି । ଆଗାମୀ ଦିନରେ ମଧ୍ୟ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଗୁଣାତ୍ମକ ମାନ ବଜାୟ ରଖିବା ସହ ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାକୁ ସଂକଳ୍ପବଦ୍ଧ । "ସମୂହ ପ୍ରୟାସ ଓ ନିଷ୍ଠାପର ସେବା ହିଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ପରିଚୟ ।"

ସଙ୍କଟରେ ଅଧିକାର : ପ୍ରଶାସନିକ ଅବହେଳା ଯୋଗୁଁ ରାୟଗଡ଼ାରେ ଭିକ୍ଷାବୃତି କରିବାକୁ ବାଧ ହେଲେ ଦିବ୍ୟାଙ୍ଗ

ରାୟଗଡ଼ା, ୧୫/୧୦ (ଆ.ପ୍ର) : ଦୀର୍ଘ ଦିନ ଧରି ଦିବ୍ୟାଙ୍ଗ ଭତା ମିଳିବାରେ ଅହେତୁକ ବିଳମ୍ବ ଯୋଗୁଁ ରାୟଗଡ଼ାରେ ଜନଅସନ୍ତୋଷ ତୀବ୍ର ରୂପ ଧାରଣ କରିଛି । ଏହି ସମସ୍ୟାର ସମାଧାନ ପାଇଁ ଆନ୍ଦୋଳନକାରୀମାନେ ତୁରନ୍ତ ସରକାରୀ ହସ୍ତକ୍ଷେପ ଦାବି କରିଛନ୍ତି । ସାମାଜିକ ସୁରକ୍ଷା ବ୍ୟବସ୍ଥାରେ ଦେଖାଦେଇଥିବା ଚରମ ଅବ୍ୟବସ୍ଥା ଯୋଗୁଁ ସମଗ୍ର ଜିଲ୍ଲାରେ ଦିବ୍ୟାଙ୍ଗମାନେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି । ଏହି ପରିସ୍ଥିତି ଏପରି ସ୍ତରରେ ପହଂଚିଛି ଯେ, ବକେୟା ଭତା ତୁରନ୍ତ ପ୍ରଦାନ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନେତୃବୃନ୍ଦ ଏକ ପ୍ରତୀକାତ୍ମକ ଭିକ୍ଷାବୃତି ପ୍ରଦର୍ଶନ କରି ପ୍ରତିବାଦ ଜଣାଇଛନ୍ତି । ଜିଲ୍ଲାର ବହୁ ଦିବ୍ୟାଙ୍ଗ ହିତାଧିକାରୀ ୩ ମାସରୁ ଆରମ୍ଭ କରି ୭ ମାସ ପର୍ଯ୍ୟନ୍ତ ସେମାନଙ୍କର ସାମ୍ବିଧାନିକ ମାସିକ ଭତାରୁ ବଂଚିତ ହୋଇଥିବା ଅଭିଯୋଗ କରିଛନ୍ତି । ଏହି ଅଚଳାବସ୍ଥା ଯୋଗୁଁ ସେମାନଙ୍କ ପରିବାରରେ ଘୋର ଆର୍ଥିକ ଅନଟନ ସହ ଖାଦ୍ୟ ସଙ୍କଟ ଦେଖାଦେଇଛି, କାରଣ ଏହି ବର୍ଗର ଲୋକମାନେ ନିଜର ଦୈନନ୍ଦିନ ଗୁଜୁରାଣ ଓ ଔଷଧ ଖର୍ଚ୍ଚ ପାଇଁ ସମ୍ପୂର୍ଣ୍ଣ ଭାବେ ଏହି ଭତା ଉପରେ ନିର୍ଭରଶୀଳ । ବିଭାଗୀୟ ଅଧିକାରୀମାନେ ଅଭିଯୋଗ ନିବାରଣ ବ୍ୟବସ୍ଥାକୁ ଲଗାତାର ଅଣଦେଖା କରୁଛନ୍ତି ଏବଂ ଆଇନଗତ ପ୍ରାପ୍ୟକୁ ଉପଯୁକ୍ତ ଅଧିକାର ଭାବେ ନଦେଖି ଦୟା ବୋଲି ଭାବୁଛନ୍ତି ବୋଲି ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି । ଏହି ଆନ୍ଦୋଳନର ନେତୃତ୍ୱ ନେଇଥିବା ଓଡ଼ିଶା ବିକଳାଙ୍ଗ ମଂଚର ଜିଲ୍ଲା ସଭାପତି ରାକେଶ ହିମିରିକା ପ୍ରଶାସନିକ ଅବହେଳା ଯୋଗୁଁ ସୃଷ୍ଟି ହୋଇଥିବା ଚରମ ଦୁର୍ଦ୍ଦଶା ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ନିଜେ ବିଗତ ୫ ମାସରୁ ଅଧିକ ସମୟ ଧରି ଭତା ପାଇନଥିବାରୁ ଜଣେ ପୂର୍ବତନ ଘରୋଇ ସ୍କୁଲ ଶିକ୍ଷକ ହୋଇ ମଧ୍ୟ ହିମିରିକା ଭୋକ ଉପାସରେ ରହିବାକୁ ବାଧ ହୋଇଥିଲେ ଏବଂ ଲଗାତାର ୫ ଦିନ ଖାଇବାକୁ ନପାଇବା ପରେ ଶୁଭେଚ୍ଛୁମାନଙ୍କ ସାହାଯ୍ୟରେ ବଂଚି ରହିଥିବା ପ୍ରକାଶ କରିଛନ୍ତି । 'ଯେତେବେଳେ ସରକାରୀ ସାମାଜିକ ସୁରକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼େ, ସେତେବେଳେ ଦିବ୍ୟାଙ୍ଗମାନଙ୍କଠାରୁ ସେମାନଙ୍କର ଗୁଜୁରାଣ ଏବଂ ଆତ୍ମସମ୍ମାନ ଛଡ଼ାଇ ନିଆଯାଏ,' ପ୍ରଦର୍ଶନ ସମୟରେ ହିମିରିକା କହିଛନ୍ତି । 'ଆମେ କୌଣସି ଦୟା କିମ୍ବା ଦାନ ମାଗୁନାହୁଁ; ଆମେ କେବଳ ଆମର ନ୍ୟାଯ୍ୟ ଓ ଆଇନଗତ ପ୍ରାପ୍ୟ ଠିକ୍ ସମୟରେ ପ୍ରଦାନ କରିବାକୁ ଦାବି କରୁଛୁ ।' ଏହି ସଙ୍କଟ ସାମାଜିକ କଲ୍ୟାଣ ବଂଟନ ବ୍ୟବସ୍ଥାରେ ଥିବା ବ୍ୟାପକ ସାଂଗଠନିକ ତ୍ରୁଟିକୁ ସାମ୍ନାକୁ ଆଣିଛି । ନାମ ପ୍ରକାଶ ନକରିବା ସର୍ତ୍ତରେ ଜଣେ ଜିଲ୍ଲାସ୍ତରୀୟ ପ୍ରଶାସନିକ ଅଧିକାରୀ ସ୍ୱୀକାର କରିଛନ୍ତି ଯେ, କେୱାଇସି ଯାଂଚ ସମସ୍ୟା ଏବଂ ତଥ୍ୟଗତ ତ୍ରୁଟି ଯୋଗୁଁ ବ୍ୟାପକ ଭାବେ ଭତା ପ୍ରଦାନ ବନ୍ଦ ରହିଛି । ସେବାକୁ ସହଜ କରିବା ପରିବର୍ତ୍ତେ ଏହି କଠୋର ଡିଜିଟାଲ୍ ନିୟମାବଳୀ ବାୟୋମେଟ୍ରିକ୍ ପ୍ରମାଣୀକରଣ ଏବଂ ଡକ୍ୟୁମେଂଟ୍ କେନ୍ଦ୍ରଗୁଡ଼ିକୁ ପହଂଚିବାରେ ଅସମର୍ଥ ଥିବା ଦିବ୍ୟାଙ୍ଗମାନଙ୍କ ପାଇଁ ଏକ ବଡ଼ ପ୍ରତିବନ୍ଧକ ସାଜିଛି । ତ୍ରୁଟି ସଂଶୋଧନ ପ୍ରକ୍ରିୟା ପାଇଁ ହିତାଧିକାରୀମାନଙ୍କୁ ବିଭାଗ ପକ୍ଷରୁ ସର୍ବନିମ୍ନ ସହାୟତା ବା ମାର୍ଗଦର୍ଶନ ମିଳୁନାହିଁ, ଯାହାଫଳରେ ସେମାନେ କୌଣସି ସୁବିଧାଜନକ ଅଭିଯୋଗ ନିବାରଣ ବ୍ୟବସ୍ଥା ନପାଇ ଅସହାୟ ହୋଇପଡ଼ିଛନ୍ତି । ଏହାସହ ଗୁରୁତ୍ୱପୂର୍ଣ୍ଣ କଲ୍ୟାଣକାରୀ ଯୋଜନା ଓ ସରକାରୀ ସହାୟତା ସମ୍ପର୍କରେ ସମ୍ପୃକ୍ତ ଲୋକଙ୍କୁ ସଠିକ୍ ସୂଚନା ଦିଆଯାଉନଥିବା ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି । ଏପରିକି 'ବିଶ୍ୱ ଧଳାବାଡ଼ି ଦିବସ' ଭଳି ଗୁରୁତ୍ୱପୂର୍ଣ୍ଣ ଦିବସରେ ମଧ୍ୟ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ସହଭାଗିତା କରାଯାଇନଥିବା ଦର୍ଶାଯାଇଛି । ସବୁଠାରୁ ଦୁଃଖଦ ବିଷୟ ହେଉଛି, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏଭଳି ପ୍ରତୀକାତ୍ମକ ଭିକ୍ଷାବୃତି ପ୍ରତିବାଦ ସତ୍ତ୍ୱେ କୌଣସି ସରକାରୀ ଅଧିକାରୀ ଦିବ୍ୟାଙ୍ଗମାନଙ୍କ ସହ ଆଲୋଚନା କରିବାକୁ ଆଗେଇ ଆସିନଥିଲେ । ଓଡ଼ିଶା ବିକଳାଙ୍ଗ ମଂଚ ପକ୍ଷରୁ ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସରକାରଙ୍କ ନିକଟରେ ନିମ୍ନଲିଖିତ ଦାବିଗୁଡ଼ିକ ଉପସ୍ଥାପନ କରାଯାଇଛି : ପ୍ରଭାବିତ ହିତାଧିକାରୀମାନଙ୍କୁ ବିଗତ ୩ରୁ ୭ ମାସର ସମସ୍ତ ବକେୟା ଭତା ତୁରନ୍ତ ଏବଂ ଜରୁରୀକାଳୀନ ଭିତିରେ ପ୍ରଦାନ । ତୃଣମୂଳ ସ୍ତରରେ ପ୍ରତି ମାସରେ ଏକ ନିର୍ଦ୍ଦିଷ୍ଟ କ୍ୟାଲେଣ୍ଡର ଅନୁଯାୟୀ ନିୟମିତ ଭତା ବଂଟନ ବ୍ୟବସ୍ଥା ନିଶ୍ଚିତ କରିବା । ଦିବ୍ୟାଙ୍ଗମାନଙ୍କ ଉପରେ ବୋଝ ନଲଦି ଆଧାର ସଂଯୋଗ, କେୱାଇସି ଏବଂ ବାୟୋମେଟ୍ରିକ୍ ତ୍ରୁଟି ସଂଶୋଧନ ପାଇଁ ବ୍ଲକ ତଥା ପଂଚାୟତ ସ୍ତରରେ ଭ୍ରାମ୍ୟମାଣ ପ୍ରଶାସନିକ ଶିବିର ଆୟୋଜନ । ଭତା ସମସ୍ୟାର ସମାଧାନ ତଥା ତଦାରଖ ପାଇଁ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ହେଲ୍ପଲାଇନ୍ ଏବଂ ସକ୍ରିୟ ଅଭିଯୋଗ ନିବାରଣ କେନ୍ଦ୍ର ସ୍ଥାପନ । ସାମାଜିକ ଅଧିକାର କର୍ମୀମାନେ ଚେତାବନୀ ଦେଇଛନ୍ତି ଯେ, ଯଦି ତୁରନ୍ତ ପ୍ରଶାସନିକ ସଂସ୍କାର ଏବଂ ଜରୁରୀକାଳୀନ ଭତା ପ୍ରଦାନ ନକରାଯାଏ, ତେବେ ସରକାରଙ୍କ ଦିବ୍ୟାଙ୍ଗ କଲ୍ୟାଣ ଯୋଜନାର ମୂଳ ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ଭାବେ ବ୍ୟାହତ ହେବ ।

ସେଇଠୁ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୧୬ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ସ୍ମୃତିଙ୍କ ଯୁଗ ଆରମ୍ଭ: ଆଜିଠୁ ଭାରତ-ଜିମ୍ବାୱେ ପ୍ରଥମ ଟ୍ୱେଂଟି-୨୦

ରାୟପୁର, ୧୫/୧୦(ନ୍ୟୁ.ଏ): ଜିମ୍ବାୱେ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟ୍ୱେଂଟି-୨୦ ଶୃଙ୍ଖଳାରୁ ଭାରତର ନୂଆ ଅଧିନାୟିକା ସ୍ମୃତି ମନ୍ଧାନାଙ୍କ ଯୁଗ ଆରମ୍ଭ ହେବ। ଉଭୟ ଦେଶ ମଧ୍ୟରେ ପ୍ରଥମ ଥର ଖେଳାଯାଉଥିବା ଏହି ଦ୍ୱିପାକ୍ଷିକ ଶୃଙ୍ଖଳାର ଶୁକ୍ରବାରଠୁ ରାୟପୁରରେ ଖେଳାଯିବ। ଏସୀୟ ସ୍ତରରେ ପ୍ରାଧାନ୍ୟ ବିସ୍ତାର କରିଥିବା ଭାରତକୁ ଅନ୍ତର୍ଜାତୀୟ କ୍ରିକେଟ୍ (ଟ୍ୱେଂଟି-୨୦)ରେ ଆହୁରି ଆଗକୁ ବଢ଼ିବାର ରହିଛି। ଏସୀୟ କ୍ରୀଡ଼ାରେ ବିଜେତା ହୋଇଥିଲେ ମଧ୍ୟ ଲଗାତାର ଟ୍ୱେଂଟି-୨୦ ବିଶ୍ୱକପରୁ ବିଦାୟ ନେବା ଦଳର ଦୁର୍ବଳତାକୁ ପଦାରେ ପକାଇଛି। ଅଷ୍ଟ୍ରେଲିଆ ଭଳି ଦୃଢ଼ ଦଳକୁ ଚ୍ୟାଲେଞ୍ଜ ଦେବାକୁ ହେଲେ ଭାରତକୁ ୩ଟି ଯାକ ବିଭାଗ ବ୍ୟାଟିଂ, ଫିଲ୍ଡିଂ ଓ ବୋଲିଂରେ ଉନ୍ନତି କରିବାକୁ ପଡ଼ିବ। ଗତ ବର୍ଷ ନିଜ ଦେଶରେ ଆୟୋଜିତ ମହିଳା ଦିନିକିଆ ବିଶ୍ୱକପ୍ ଜିତିଥିଲା ଭାରତ। ହେଲେ ଆସନ୍ତା ବର୍ଷ ଘରୋଇ ମାଟିରେ ହେବାକୁଥିବା ପ୍ରଥମ ମହିଳା ଚାମ୍ପିଅନ୍ସ ଟ୍ରଫି ଜିତିବା ଭାରତ ପାଇଁ ଆହ୍ୱାନଭରା ହୋଇପାରେ। ବ୍ୟାଟିଂରେ ସ୍ମୃତି ଓ ଶେଫାଳି ଭଲ ଆରମ୍ଭ ଦେଉଥିଲା ବେଳେ ମଧ୍ୟଭାଗ ବ୍ୟାଟର ଏହାକୁ ବଜାୟ ରଖିବାରେ ସଂଘର୍ଷ କରୁଛନ୍ତି। ତୃତୀୟ ସ୍ଥାନ ନେଇ ଅନିଶ୍ଚିତତା ଜାରି ଥିଲା ବେଳେ ପୂର୍ବତନ ଅଧିନାୟିକା ହରମନ୍‌ପ୍ରୀତ କୌରଙ୍କ ଫର୍ମ ଚିନ୍ତା ବଢ଼ାଉଛି। ରିଚା ଘୋଷଙ୍କୁ ସହଯୋଗ କରିବାକୁ ନିମ୍ନ କ୍ରମରେ ଭାରତକୁ ଅଧିକ ପାୱାର ହିଟର ଆବଶ୍ୟକ ରହିଛି। ଜିମ୍ବାୱେ ଶୃଙ୍ଖଳାରେ ଭାରତକୁ ଫିଲ୍ଡିଂରେ ଆହୁରି ଉନ୍ନତି କରିବାକୁ ପଡ଼ିବ। ଦ୍ରୁତ ବୋଲିଂରେ ନନ୍ଦିନୀ ଶର୍ମା ଏବଂ ସ୍ପିନ୍‌ରେ ଶ୍ରୀ ଚରଣୀ ଓ ଦୀପ୍ତି ଶର୍ମାଙ୍କୁ ନେଇ ଦଳ ଦୃଢ଼ ରହିଛି। ଅନ୍ୟପକ୍ଷରେ ପ୍ରଥମ ଥର ଦ୍ୱିପାକ୍ଷିକ ଶୃଙ୍ଖଳା ଖେଳିବାକୁ ଭାରତ ଗସ୍ତରେ ଆସିଥିବା ଜିମ୍ବାୱେ ଗତ ମାସରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦିନିକିଆ ଶୃଙ୍ଖଳା ୧-୨ରେ ହାରିଥିଲେ ମଧ୍ୟ ଗୋଟିଏ ମ୍ୟାଚ୍ ଜିତିଛି ମନୋବଳକୁ ଦୃଢ଼ ରଖିଛି। ଯୋଶେଫିନେ ଏନ୍‌କୋମୋଙ୍କ ନେତୃତ୍ୱାଧୀନ ଜିମ୍ବାୱେ ଟ୍ୱେଂଟି-୨୦ ଶୃଙ୍ଖଳା ରାୟପୁରରେ ଖେଳିବା ପରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ୨୩ରୁ ବଡ଼ୋଦାରାରେ ଖେଳିବ।

ବିସିସିଆଇ ଚୟନକର୍ତ୍ତା ହେବାକୁ ମନା କଲେ ପାର୍ଥିବ ପଟେଲ!

ନୂଆଦିଲ୍ଲୀ, ୧୫/୧୦(ନ୍ୟୁ.ଏ): ଭାରତୀୟ କ୍ରିକେଟ୍‌ରେ ଚୟନକର୍ତ୍ତା ପଦକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଭାରତୀୟ କ୍ରିକେଟ୍ କଂଟ୍ରୋଲ ବୋର୍ଡ (ବିସିସିଆଇ)ର ସିନିୟର ପୁରୁଷ ଚୟନ କମିଟିକୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। ପୂର୍ବତନ ଭାରତୀୟ ୱିକେଟ୍‌କିପର ପାର୍ଥିବ ପଟେଲ ଚୟନକର୍ତ୍ତା ହେବେ ବୋଲି ଦୀର୍ଘଦିନ ଧରି ଚର୍ଚ୍ଚା ହେଉଥିଲା। ଏପରିକି ସେ ଅଜିତ ଅଗରକରଙ୍କ ସ୍ଥାନ ନେଇପାରନ୍ତି ବୋଲି ମଧ୍ୟ ଅନୁମାନ କରାଯାଉଥିଲା। କିନ୍ତୁ ଏବେ ଏହି ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ପାର୍ଥିବ ଏହି ପଦ ପାଇଁ ଆବେଦନ କରିନାହାନ୍ତି। ପାର୍ଥିବ ପଟେଲ ଆବେଦନ ନକରିବା ପରେ ଚୟନ କମିଟିର ଚେୟାରମ୍ୟାନ୍ ଭାବେ ପ୍ରଜ୍ଞାନ ଓଝା ନିଜ କାର୍ଯ୍ୟକାଳ ପୂରଣ କରିବା ପ୍ରାୟ ନିଶ୍ଚିତ ହୋଇଛି। ଦକ୍ଷିଣ ଜୋନର ପ୍ରତିନିଧିତ୍ୱ କରୁଥିବା ପ୍ରଜ୍ଞାନ ବର୍ତ୍ତମାନର ଚୟନକର୍ତ୍ତାଙ୍କ ମଧ୍ୟରେ ସର୍ବାଧିକ ଟେଷ୍ଟ ମ୍ୟାଚ୍ ଖେଳିଥିବା ଖେଳାଳି। ଏହି କାରଣରୁ ଚେୟାରମ୍ୟାନ୍ ପଦରେ ତାଙ୍କ ସ୍ଥିତି ମଜବୁତ ହୋଇଛି। ତେଣୁ ନିଜର ଅବଶିଷ୍ଟ କାର୍ଯ୍ୟକାଳ ପର୍ଯ୍ୟନ୍ତ ସେ ଏହି ପଦରେ ରହିପାରନ୍ତି। ପଶ୍ଚିମ ଜୋନ୍‌ର ଖାଲି ପଡ଼ିଥିବା ଚୟନକର୍ତ୍ତା ପଦ ପାଇଁ ଆବେଦନ କରିବାର ଶେଷ ତାରିଖ ଥିଲା ବୁଧବାର, ଅକ୍ଟୋବର ୧୪, ସନ୍ଧ୍ୟା ୫ଟା। କିନ୍ତୁ ପାର୍ଥିବ ନିଜର ଆବେଦନପତ୍ର ଦାଖଲ କରିନାହାନ୍ତି। ବିସିସିଆଇର ଜଣେ ସୂତ୍ରଙ୍କ ସୂଚନା ଅନୁଯାୟୀ, ବୋର୍ଡ ଯଦି ଆବେଦନର ସମୟସୀମା ବଢ଼ାଏ କିମ୍ବା ପାର୍ଥିବ ନିଜ ନିଷ୍ପତ୍ତି ବଦଳାନ୍ତି, ତେବେ ପରିସ୍ଥିତି ବଦଳିପାରେ। ତେବେ ବର୍ତ୍ତମାନ ସେ ଗୁଜରାଟ ଟାଇଟାନ୍ସର ସପୋର୍ଟ ଷ୍ଟାଫ୍ ଭାବେ ନିଜ ଦାୟିତ୍ୱ ଏବଂ କମେଂଟ୍ରି ଜାରି ରଖିବାକୁ ଆଗ୍ରହୀ ଥିବା କୁହାଯାଉଛି। ପଶ୍ଚିମ ଜୋନ୍‌ରୁ ଖାଲି ପଡ଼ିଥିବା ପଦ ପାଇଁ ଏବେ ପୂର୍ବତନ ଭାରତୀୟ ସ୍ପିନର ରମେଶ ପୱାରଙ୍କ ନାମ ଆଗରେ ରହିଛି। ପୂର୍ବରୁ ସେ ଜୁନିୟର ଚୟନ କମିଟିର ଚେୟାରମ୍ୟାନ୍ ହେବା ଦୌଡ଼ରେ ଥିଲେ। କିନ୍ତୁ ଏବେ ସିନିୟର ଟିମ୍‌ର ଚୟନକର୍ତ୍ତା ହେବାର ସୁଯୋଗ ତାଙ୍କ ପାଖକୁ ଆସିପାରେ। ଅନ୍ୟପଟେ ପୂର୍ବତନ ୱିକେଟ୍‌କିପର ସମୀର ଦିଘେଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ଏହି ଦୁଇ ପୂର୍ବତନ ଖେଳାଳି ପୂର୍ବରୁ ମଧ୍ୟ ଏହି ପଦ ପାଇଁ ଆବେଦନ କରିଥିଲେ। ଏବେ ବିସିସିଆଇ କାହାକୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଉଛି, ତାହା ଉପରେ କ୍ରିକେଟପ୍ରେମୀଙ୍କ ନଜର ରହିଛି।

୨୦୧୮ ମାନହାନି ମାମଲାରେ ୟୁଟ୍ୟୁବର୍ ଧ୍ରୁବ ରାଠୀଙ୍କୁ ଦିଲ୍ଲୀ କୋର୍ଟଙ୍କ ସମନ୍

ନୂଆଦିଲ୍ଲୀ, ୧୫/୧୦(ନ୍ୟୁ.ଏ): ଗୁରୁଗ୍ରାମ୍ ସ୍ଥିତ ଠିକଣାରେ ୟୁଟ୍ୟୁବର୍ ଧ୍ରୁବ ରାଠୀଙ୍କୁ ୨୦୧୮ ମସିହାର ଏକ ମାନହାନି ମାମଲାରେ ଦିଲ୍ଲୀର ଏକ ଆଦାଲତ ଗୁରୁବାର ସମନ୍ ଜାରି କରିଛନ୍ତି। ଗତ କିଛି ବର୍ଷ ଧରି ତାଙ୍କ ପାଖରେ ସମନ୍ ପହଂଚାଇବା ପାଇଁ ହୋଇଥିବା ପ୍ରଚେଷ୍ଟା ବିଫଳ ହୋଇଥିବା ଲକ୍ଷ୍ୟ କରି ସାକେତ୍ କୋର୍ଟର ବିଚାରପତି ରାହୁଲ ଜୈନ୍ ଅକ୍ଟୋବର ୧୨ ତାରିଖରେ ଏହି ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗକାରୀ ବିକାଶ ସଂକୃତ୍ୟାୟନ (ଯିଏ ବିକାଶ ପାଣ୍ଡେ ନାମରେ ଜଣାଶୁଣା)ଙ୍କ ନିବେଦନ ଏବଂ ବ୍ୟକ୍ତିଗତ ଭାବେ ନୋଟିସ୍ ପହଂଚାଇବା ପାଇଁ କରିଥିବା ଆବେଦନକୁ କୋର୍ଟ ସ୍ୱୀକାର କରିଛନ୍ତି। କୋର୍ଟଙ୍କ ସୂଚନା ଅନୁଯାୟୀ, ରାଠୀଙ୍କୁ ପ୍ରଥମେ ଜୁଲାଇ ୨୦୧୯ରେ ସମନ୍ କରାଯାଇଥିଲା। ଗତ କେତେକ ବର୍ଷ ଧରି ଅଭିଯୋଗକାରୀ ତାଙ୍କ ପାଖରେ ନୋଟିସ୍ ପହଂଚାଇବାକୁ ଚେଷ୍ଟା କରିଆସୁଥିଲେ। ଏବେ ଗୁରୁଗ୍ରାମସ୍ଥିତ ନୂତନ ଠିକଣାରେ ସମନ୍ ପଠାଇବା ପାଇଁ କୋର୍ଟ ନିର୍ଦ୍ଦେଶ ଦେବା ସହ ଅଭିଯୋଗକାରୀଙ୍କୁ ପୁଲିସ କିମ୍ବା ନୋଟିସ୍ ସର୍ଭରଙ୍କ ସହ ଯିବାକୁ ଅନୁମତି ଦେଇଛନ୍ତି। ଆସନ୍ତା ଅକ୍ଟୋବର ୧୭ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ଏହି ମାମଲାଟି ମେ ୨୦୧୮ରେ ରାଠୀ ନିଜ ୟୁଟ୍ୟୁବ୍ ଚ୍ୟାନେଲରେ ପୋଷ୍ଟ କରିଥିବା ଏକ ଭିଡିଓ ସହ ଜଡ଼ିତ। ସେହି ଭିଡିଓରେ ବିଜେପି ଆଇଟି ସେଲର ସଦସ୍ୟମାନେ ବିକାଶ ପାଣ୍ଡେଙ୍କୁ ତାଙ୍କ ବିରୋଧରେ କହିବା ପାଇଁ ଲାଂଚ ଦେବାକୁ ଚେଷ୍ଟା କରିଥିଲେ ବୋଲି ରାଠୀ ଅଭିଯୋଗ ଆଣିଥିଲେ। ପରବର୍ତ୍ତୀ ସମୟରେ ଏହି ଭିଡିଓକୁ ତତ୍କାଳୀନ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ୍ ସୋସିଆଲ ମିଡିଆରେ ରିଟ୍ୱିଟ୍ କରିଥିଲେ। ଏହାଦ୍ୱାରା ନିଜର ସମ୍ମାନ ହାନି ହୋଇଥିବା ଦର୍ଶାଇ ପାଣ୍ଡେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକାରୀଙ୍କ ଓକିଲ ସମକ୍ଷ ଶର୍ମା କୋର୍ଟଙ୍କୁ ଜଣାଇଥିଲେ ଯେ, ରାଠୀ ସାଧାରଣତଃ ବିଦେଶରେ ରହୁଥିବାରୁ ଗତ କିଛି ବର୍ଷ ଧରି ସମନ୍ ପହଂଚିପାରିନଥିଲା। ତେବେ ବର୍ତ୍ତମାନ ସେ ଭାରତରେ ଅଛନ୍ତି ଏବଂ ଗୁରୁଗ୍ରାମରେ ରହୁଛନ୍ତି। ନିକଟରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ ଆୟୋଜିତ ବିକ୍ଷୋଭରେ ଯୋଗଦେବାକୁ ରାଠୀ ଦିଲ୍ଲୀ ଆସିଥିଲେ। ଅକ୍ଟୋବର ୧୦ରେ ତାଙ୍କୁ ଗୁରୁଗ୍ରାମରୁ ଅଟକ ରଖାଯିବା ପରେ ଅକ୍ଟୋବର ୧୧ ଭୋର ୩ଟାରେ ଛାଡ଼ି ଦିଆଯାଇଥିଲା, ଯାହାର କିଛି ଦିନ ପରେ କୋର୍ଟ ଏହି ସମନ୍ ଜାରି କରିଛନ୍ତି।

ଜନ୍ତରମନ୍ତରରୁ ପ୍ରତିବାଦ ସ୍ଥଳ ହଟାଇବା ନେଇ କେନ୍ଦ୍ର ଓ ଦିଲ୍ଲୀ ପୁଲିସକୁ ଜବାବ ତଲବ

ନୂଆଦିଲ୍ଲୀ, ୧୫/୧୦(ନ୍ୟୁ.ଏ): ଦିଲ୍ଲୀର ଜନ୍ତରମନ୍ତରକୁ ପ୍ରତିବାଦ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ତାଲିକାରୁ ହଟାଇବା ପ୍ରସଙ୍ଗରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିଛନ୍ତି। ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ଆବେଦନ ଉପରେ କୋର୍ଟ କେନ୍ଦ୍ର ସରକାର ଏବଂ ଦିଲ୍ଲୀ ପୁଲିସକୁ ଜବାବ ଦାଖଲ କରିବାକୁ କହିଛନ୍ତି। ଶୁଣାଣି ସମୟରେ ପୂର୍ବତନ ବିଚାରପତି ତଥା ବରିଷ୍ଠ ଓକିଲ ମୁକ୍ତା ଗୁପ୍ତା ଯୁକ୍ତି ରଖି କହିଥିଲେ ଯେ, ପ୍ରତିବାଦ ପାଇଁ ଏପରି ସ୍ଥାନ ଚିହ୍ନଟ କରାଯିବା ଉଚିତ, ଯେଉଁଠାରେ ଆନ୍ଦୋଳନକାରୀଙ୍କ ସ୍ୱର ଉତ୍ତରଦାୟୀ କର୍ତ୍ତୃପକ୍ଷଙ୍କ ନିକଟରେ ପହଂଚିପାରିବ। ଏହା ଉପରେ ବିଚାରପତି ଜୟମାଲ୍ୟ ବାଗଚୀ କହିଥିଲେ ଯେ, ଲୋକଙ୍କ କଥା ଶୁଣାଯିବାର ଅର୍ଥକୁ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିକୋଣରୁ ମଧ୍ୟ ବିଚାର କରିବା ଆବଶ୍ୟକ। ପ୍ରତିବାଦକାରୀଙ୍କ ମତ ଓ ଦାବି ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ପହଂଚିବା କେତେ ଗୁରୁତ୍ୱପୂର୍ଣ୍ଣ, ତାହା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଅନ୍ୟପଟେ, ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗକୁ ନେଇ ଦାଖଲ ଆବେଦନ ଉପରେ ମଧ୍ୟ ସୁପ୍ରିମକୋର୍ଟ ନୋଟିସ୍ ଜାରି କରିଛନ୍ତି। ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ବିରୋଧୀ ନେତାମାନେ ଏହି ପ୍ରସଙ୍ଗ ଉଠାଇଛନ୍ତି। ଏହି ମାମଲାରେ ଭାରତୀୟ ନିର୍ବାଚନ ଆୟୋଗ, ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଏବଂ ନିର୍ବାଚନ ଆୟୁକ୍ତ ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀଙ୍କୁ ନୋଟିସ୍ ଜାରି କରାଯାଇଛି। ଏହାସହ ରାହୁଲ ଗାନ୍ଧୀ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଏବଂ ଅନ୍ୟମାନଙ୍କୁ ମଧ୍ୟ ନୋଟିସ୍ ପଠାଯାଇଛି। ଏସଆଇଆରରେ ଅନିୟମିତତା ଅଭିଯୋଗକୁ ନେଇ ସୁପ୍ରିମକୋର୍ଟ ଅଭିମୁଖେ ପଦଯାତ୍ରା କରିବାକୁ ଦିଆଯାଇଥିବା ଆହ୍ୱାନ ସମ୍ପର୍କିତ ଆବେଦନରେ ଏହି ନୋଟିସ୍ ଜାରି ହୋଇଛି। ଏବେ ଏହି ମାମଲାରେ ସମ୍ପୃକ୍ତ ପକ୍ଷମାନଙ୍କ ଜବାବ ପରେ ପରବର୍ତ୍ତୀ ଶୁଣାଣିରେ କୋର୍ଟଙ୍କ ଆଭିମୁଖ୍ୟ କ'ଣ ରହିବ, ତାହା ଉପରେ ନଜର ରହିଛି।

ରାଜପାଲ ଯାଦବଙ୍କୁ ଆଶ୍ୱସ୍ତି, ପାସପୋର୍ଟ ଫେରାଇବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୫/୧୦(ନ୍ୟୁ.ଏ): ଚେକ୍ ବାଉନ୍ସ ମାମଲାରେ ବଲିଉଡ୍ ଅଭିନେତା ରାଜପାଲ ଯାଦବଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି। ତାଙ୍କ ପାସପୋର୍ଟ ଜାରି କରିବାକୁ ସୁପ୍ରିମକୋର୍ଟ ତଳ କୋର୍ଟକୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ କାନାଡାରେ ହେବାକୁ ଥିବା ଏକ କନସର୍ଟରେ ଯୋଗଦେବା ପାଇଁ ତାଙ୍କ ବିଦେଶ ଯାତ୍ରାର ରାସ୍ତା ସହଜ ହୋଇଛି। ଶୁଣାଣି ସମୟରେ ରାଜପାଲ ଯାଦବଙ୍କ ଓକିଲ କୋର୍ଟଙ୍କୁ ଜଣାଇଥିଲେ ଯେ, ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ଅକ୍ଟୋବର ୧୩ ତାରିଖରେ ଅବଶିଷ୍ଟ ୮୫ ଲକ୍ଷ ଟଙ୍କା କୋର୍ଟ ରେଜିଷ୍ଟ୍ରିରେ ଜମା କରାଯାଇଛି। ଏହା ପୂର୍ବରୁ ସୁପ୍ରିମକୋର୍ଟ ତାଙ୍କୁ ୧ କୋଟି ୧୫ ଲକ୍ଷ ଟଙ୍କା ତୁରନ୍ତ ଏବଂ ଅବଶିଷ୍ଟ ୮୫ ଲକ୍ଷ ଟଙ୍କା ଅକ୍ଟୋବର ୧୩ ସୁଦ୍ଧା ଜମା କରିବାକୁ କହିଥିଲେ। ରାଜପାଲ ଯାଦବ କାନାଡା ଯାଇ କନସର୍ଟରେ ଯୋଗଦେବେ। ସେଠାରୁ ମିଳିବାକୁ ଥିବା ଆୟ ଦେୟ ପ୍ରକ୍ରିୟାରେ ସହାୟକ ହୋଇପାରିବ ବୋଲି ତାଙ୍କ ଓକିଲ ଯୁକ୍ତି ରଖିଥିଲେ। ଏହାପରେ ସୁପ୍ରିମକୋର୍ଟ ତାଙ୍କ ପାସପୋର୍ଟ ଜାରି କରିବା ପାଇଁ ତଳ କୋର୍ଟକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ମାମଲାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ ତଥା ଆପୋଷ ବୁଝାମଣା ପାଇଁ ମଧ୍ୟ ପ୍ରକ୍ରିୟା ଆଗକୁ ବଢ଼ିଛି। ଏହି ମାମଲା ମୁରଲୀ ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ସହ ଜଡ଼ିତ। ଅଭିଯୋଗ ଅନୁଯାୟୀ, ୨୦୧୦ ମସିହାରେ ରାଜପାଲ ଯାଦବ ନିଜ ଫିଲ୍ମ 'ଆତା ପତା ଲାପତା' ନିର୍ମାଣ ପାଇଁ ଉକ୍ତ କମ୍ପାନିଠାରୁ ପ୍ରାୟ ୫ କୋଟି ଟଙ୍କା ଆର୍ଥିକ ସହାୟତା ନେଇଥିଲେ। ଫିଲ୍ମଟି ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରିନଥିବାରୁ ଟଙ୍କା ଫେରସ୍ତକୁ ନେଇ ବିବାଦ ଦେଖାଦେଇଥିଲା। ଅଭିଯୋଗକାରୀଙ୍କ କହିବା ଅନୁସାରେ, ୨୦୧୨ ମସିହାରେ ହୋଇଥିବା ଏକ ଚୁକ୍ତି ଅନୁଯାୟୀ ରାଜପାଲ ଯାଦବ, ତାଙ୍କ ପତ୍ନୀ ରାଧା ଯାଦବ ଏବଂ ସେମାନଙ୍କ କମ୍ପାନି ସୁଧ ସହିତ ପ୍ରାୟ ୧୧ କୋଟି ଟଙ୍କା ଫେରସ୍ତ କରିବାକୁ ରାଜି ହୋଇଥିଲେ। ରିପୋର୍ଟ ଅନୁଯାୟୀ, ୨୦୧୩ ମସିହାରେ ରାଜପାଲ ଯାଦବ ମୋଟ ୧ କୋଟି ୫ ଲକ୍ଷ ଟଙ୍କାର ସାତଟି ଚେକ୍ ଜାରି କରିଥିଲେ। କିନ୍ତୁ ସମସ୍ତ ଚେକ୍ ବାଉନ୍ସ ହେବା ପରେ ମୁରଲୀ ପ୍ରୋଜେକ୍ଟସ୍ ପକ୍ଷରୁ ସାତଟି ପୃଥକ ମାମଲା ଦାୟର କରାଯାଇଥିଲା। ୨୦୧୮ ଏପ୍ରିଲରେ ମାଜିଷ୍ଟ୍ରେଟ୍ କୋର୍ଟ ରାଜପାଲ ଯାଦବଙ୍କୁ ଦୋଷୀ ସାବ୍ୟସ୍ତ କରି ଛଅ ମାସର ଜେଲଦଣ୍ଡ ଶୁଣାଇଥିଲେ। ପରେ ମାମଲା ସେସନ୍ସ କୋର୍ଟ ଏବଂ ଦିଲ୍ଲୀ ହାଇକୋର୍ଟରେ ପହଂଚିଥିଲା। ତଥ୍ୟ ଅନୁଯାୟୀ, ୨୦୨୬ ଜୁଲାଇରେ ଦିଲ୍ଲୀ ହାଇକୋର୍ଟ ସାତଟି ମାମଲାରେ ତାଙ୍କ ଦୋଷସିଦ୍ଧିକୁ ବହାଲ ରଖି ତିନି ମାସର କାରାଦଣ୍ଡ ଦେଇଥିଲେ।

ନଭେମ୍ବର ୧ରୁ ମୋବାଇଲ୍ ସ୍କ୍ରିନରେ ଦେଖାଯିବ ଅଜଣା କଲକର୍ତ୍ତାଙ୍କ ପ୍ରକୃତ ନାମ

ନୂଆଦିଲ୍ଲୀ, ୧୫/୧୦(ନ୍ୟୁ.ଏ): ଭାରତରେ ଅଜଣା କଲ୍ କିମ୍ବା ସ୍କାମ୍ କଲରୁ ମୁକ୍ତି ଦେବା ପାଇଁ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଦୂରସଂଚାର ବିଭାଗ (ଡିଓଟି) ପକ୍ଷରୁ ସମସ୍ତ ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ଆସନ୍ତା ନଭେମ୍ବର ୧ ରୁ "'କଲିଂ ନେମ୍ ପ୍ରେଜେଂଟେସନ୍'" (ସିଏନ୍‌ଏପି) ବ୍ୟବସ୍ଥା ଲାଗୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ଭାରତର ଏକ ଯାଂଚ ହୋଇଥିବା କଲର ପରିଚୟ ବ୍ୟବସ୍ଥା ଅଟେ, ଯାହା ଫୋନ୍ ଆସିବା ସମୟରେ କଲ୍ କରୁଥିବା ବ୍ୟକ୍ତିଙ୍କ ନମ୍ବର ସହିତ ସେମାନଙ୍କ ନାମ ମଧ୍ୟ ସ୍କ୍ରିନରେ ପ୍ରଦର୍ଶିତ କରିବ। ଦୂରସଂଚାର ବିଭାଗର ନିର୍ଦ୍ଦେଶ ଅନୁଯାୟୀ, ୪ଜି ଓ ୫ଜି ନେଟୱାର୍କ ବ୍ୟବହାର କରୁଥିବା ସମସ୍ତ ମୋବାଇଲ୍ ବ୍ୟବହାରକାରୀଙ୍କ ପାଇଁ ଏହି ସିଏନ୍‌ଏପି ବ୍ୟବସ୍ଥା ସ୍ୱତନ୍ତ୍ର ଭାବେ ବାଏ ଡିଫଲ୍ଟ ସକ୍ରିୟ ରହିବ। ତେବେ ୨ଜି, ୩ଜି ଏବଂ ପବ୍ଲିକ୍ ସୁଇଚ୍ଡ଼ ଟେଲିଫୋନ୍ ନେଟୱାର୍କରେ ଏହାକୁ ଲାଗୁ କରିବା ନେଇ ପରେ ବିଚାର କରାଯିବ। ଫୋନ୍ ଆସିବା ସମୟରେ ସ୍କ୍ରିନରେ ପ୍ରଥମେ କଲ୍ କରୁଥିବା ବ୍ୟକ୍ତିଙ୍କ ନମ୍ବର ଏବଂ ଦ୍ୱିତୀୟରେ ଗ୍ରାହକଙ୍କ କଂଟାକ୍ଟ ଲିଷ୍ଟରେ ସେଭ୍ ହୋଇଥିବା ନାମ ଦେଖାଯିବ। ଯଦି ନମ୍ବରଟି ସେଭ୍ ହୋଇନଥାଏ, ତେବେ ଘରୋଇ କଲଗୁଡ଼ିକ ପାଇଁ ଟେଲିକମ୍ ଅପରେଟରଙ୍କ ଡାଟାବେସରେ ପଞ୍ଜୀକୃତ ହୋଇଥିବା ନାମ ପ୍ରଦର୍ଶିତ ହେବ। ଅନ୍ତର୍ଜାତୀୟ କଲଗୁଡ଼ିକ କ୍ଷେତ୍ରରେ ସ୍କ୍ରିନରେ 'ଇଂଟରନ୍ୟାସନାଲ୍ କଲ୍' ବୋଲି ଲେଖାଯାଇଥିବା ନଜର ଆସିବ। ଗତ କିଛି ମାସ ମଧ୍ୟରେ ୪ଜି ଏବଂ ୫ଜି ନେଟୱାର୍କରେ ଏହାର ପରୀକ୍ଷଣ କରାଯିବା ପରେ ଏହି ନିର୍ଦ୍ଦେଶ ଜାରି କରାଯାଇଛି। ଭାରତୀୟ ଦୂରସଂଚାର ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ର ଫେବୃଆରୀ ୨୦୨୪ ସୁପାରିଶ ଏବଂ ଅକ୍ଟୋବର ୨୦୨୫ରେ ଟ୍ରାଇ ଏବଂ ଡିଓଟି ମଧ୍ୟରେ ହୋଇଥିବା ସହମତି ଅନୁଯାୟୀ ଏହି ବ୍ୟବସ୍ଥାକୁ ବାଏ ଡିଫଲ୍ଟ ଉପଲବ୍ଧ କରାଇବାକୁ ନିଷ୍ପତ୍ତି ନିଆଯାଇଛି।

ସ୍ୱତନ୍ତ୍ର କ୍ରୁଜ୍ କ୍ଷେପଣାସ୍ତ୍ର ପରୀକ୍ଷଣ କଲା ଉତ୍ତର କୋରିଆ

ନୂଆଦିଲ୍ଲୀ, ୧୫/୧୦(ନ୍ୟୁ.ଏ): ଉତ୍ତର କୋରିଆ ଯୁଦ୍ଧଜାହାଜରୁ ଏକ ସ୍ୱତନ୍ତ୍ର କ୍ରୁଜ୍ କ୍ଷେପଣାସ୍ତ୍ର ପରୀକ୍ଷଣ କରିଛି। ଉତ୍ତର କୋରିଆର ସରକାରୀ ଗଣମାଧ୍ୟମ ରିପୋର୍ଟ କରିଛି ଯେ, ଦେଶର ପୂର୍ବ ସମୁଦ୍ରରେ ସାମରିକ ବାହିନୀ ଦୁଇ ପ୍ରକାରର କ୍ଷେପଣାସ୍ତ୍ର ପରୀକ୍ଷଣ କରିଛି। ରିପୋର୍ଟରେ ଏହି ଅସ୍ତ୍ରଗୁଡ଼ିକୁ ରଣନୈତିକ ଭାବରେ ବର୍ଣ୍ଣନା କରାଯାଇଛି, ଯାହାର ଅର୍ଥ ହୋଇପାରେ ଯେ, ଏଗୁଡ଼ିକ ପରମାଣୁ ଯୁଦ୍ଧାସ୍ତ୍ର ସହିତ ସଜ୍ଜିତ ହୋଇପାରେ। କ୍ଷେପଣାସ୍ତ୍ର ଯୁଦ୍ଧଜାହାଜରୁ ନିକ୍ଷେପ କରାଯାଇଥିଲା କି ପାଣି ତଳେ ଥିବା ପରୀକ୍ଷଣ ପ୍ଲାଟଫର୍ମରୁ ପରୀକ୍ଷଣ କରାଯାଇଛି ଏହା ସ୍ପଷ୍ଟ ହୋଇନାହିଁ। ଉତ୍ତର କୋରିଆର ସରକାରୀ ଗଣମାଧ୍ୟମ କହିଛି, ପରୀକ୍ଷଣର ଲକ୍ଷ୍ୟ ଦେଶର ପାଣିତଳ ଯୁଦ୍ଧ ପ୍ରଣାଳୀର ପ୍ରସ୍ତୁତି ସମ୍ପର୍କରେ ସୂଚନା ସଂଗ୍ରହ କରିବା। ଦକ୍ଷିଣ କୋରିଆର ସେନା ଏହି ପରୀକ୍ଷଣ ଉପରେ କୌଣସି ମନ୍ତବ୍ୟ ଦେଇନାହିଁ। ମାତ୍ର ଉତ୍ତର କୋରିଆର ଲଗାତାର କ୍ଷେପଣାସ୍ତ୍ର ପରୀକ୍ଷଣ ଜାରି ରହିଥିବାରୁ ଦକ୍ଷିଣ କୋରିଆର ଚିନ୍ତା ବଢ଼ିବାରେ ଲାଗିଛି।

ରାହୁଲ ଗାନ୍ଧିଙ୍କ ଉପରେ ସୁପ୍ରିମକୋର୍ଟ କ୍ଷୁବ୍ଧ, ଅକ୍ଟୋବର ୧୨ ଆଚରଣ ପାଇଁ ଜବାବ ମାଗିଲେ

ନୂଆଦିଲ୍ଲୀ, ୧୫/୧୦(ନ୍ୟୁ.ଏ): ଅକ୍ଟୋବର ୧୨ ଘଟଣା ପାଇଁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ଉପରେ କ୍ଷୁବ୍ଧ ହୋଇଛନ୍ତି ସୁପ୍ରିମକୋର୍ଟ। ଅକ୍ଟୋବର ୧୨ରେ ରାହୁଲ ଗାନ୍ଧି ସମର୍ଥକଙ୍କ ସହ ସୁପ୍ରିମକୋର୍ଟ ଅଭିମୁଖେ ବିଶାଳ ଶୋଭାଯାତ୍ରାରେ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୁଖ୍ୟ ନିର୍ବାଚନ କମିଶନଙ୍କ ବିରୋଧରେ ଆବେଦନ ଦାଖଲ କରିବା ଉଦ୍ଦେଶ୍ୟରେ ରାହୁଲ ଏପରି ପଦକ୍ଷେପ ନେଇଥିଲେ। କିନ୍ତୁ ଏହାକୁ ସହଜରେ ଗ୍ରହଣ କରି ନାହାନ୍ତି ସର୍ବୋଚ୍ଚ ଅଦାଲତ। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ଅକ୍ଟୋବର ୧୨ ଘଟଣାକୁ ଉଠାଇ କହିଛନ୍ତି ଯେ "କେହି ବି ନ୍ୟାୟପାଳିକାକୁ ଧମକାଇ ପାରିବେ ନାହିଁ।" ଏଥିସହ ଅକ୍ଟୋବର ୧୨ ଘଟଣାରେ ରାହୁଲ ଗାନ୍ଧି ପ୍ରଦର୍ଶନ କରିଥିବା ଆଚରଣ ଉପରେ ସ୍ପଷ୍ଟୀକରଣ ମାଗିଛନ୍ତି କୋର୍ଟ। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆରକୁ ନେଇ ରାହୁଲ ଗାନ୍ଧି ଓ ଇଣ୍ଡିଆ ବ୍ଲକର ନେତାମାନେ କରିଥିବା ଆବେଦନର ଶୁଣାଣି କରିବା ବେଳେ ସୁପ୍ରିମକୋର୍ଟ ଏକଥା କହିଛନ୍ତି। ଏଥିସହ ଇଣ୍ଡିଆ ବ୍ଲକ ନେତାଙ୍କ ଆବେଦନର ବିଚାରକୁ ନେଇ ଭାରତୀୟ ନିର୍ବାଚନ କମିଶନ, ମୁଖ୍ୟ ନିର୍ବାଚନ କମିଶନର ଓ ଦୁଇ ନିର୍ବାଚନ କମିଶନରଙ୍କୁ ଜବାବ ତଲବ କରିଛନ୍ତି। କିନ୍ତୁ ନୋଟିସ ପଠାଇବାର ଅର୍ଥ ରାଜନେତାମାନଙ୍କ ଆଚରଣକୁ କ୍ଷମା କରାଯାଇଛି ବୋଲି କେହି ଭାବିବା କଥା ନୁହେଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ସିଜେଆଇ ସୂର୍ଯ୍ୟ କାନ୍ତ କହିଛନ୍ତି ଯେ "ଆମେ ନୋଟିସ୍ କରୁଛୁ। କିନ୍ତୁ ପରବର୍ତ୍ତୀ ଶୁଣାଣି ବେଳେ ଆମେ ତାଙ୍କ(ରାହୁଲ ଗାନ୍ଧି) ଆଚରଣର ଉଦ୍ଦେଶ୍ୟ ଜାଣିବାକୁ ଚାହିଁବୁ।" ଅକ୍ଟୋବର ୧୨ରେ ରାହୁଲ ଗାନ୍ଧି ଓ ଅନ୍ୟମାନେ ସୁପ୍ରିମକୋର୍ଟରେ ବିକ୍ଷୋଭ ପ୍ରଦର୍ଶନ କରିଥିବା କଥା ସଲିସିଟର ଜେନେରାଲ ତୁଷାର ମେହଟା ଓ ଆଇନଜୀବୀ ଗୌରବ ଭାଟିଆ ଜଣାଇଥିଲେ। ଭାଟିଆ କହିଥିଲେ ଯେ "ରାଜନୀତିକ ଶୋଭାଯାତ୍ରା ଦ୍ୱାରା କୋର୍ଟକୁ ଦଖଲ କରିବା ଆଦୌ ଗ୍ରହଣୀୟ ନୁହେଁ। ସୁପ୍ରିମକୋର୍ଟରେ ଯାହା ଘଟିଥିଲା, ସେମିତି ହେବାର ନଥିଲା।" ଏହି ସମୟରେ ସିଜେଆଇ କହିଥିଲେ ଯେ "ନ୍ୟାୟପାଳିକାକୁ କେହି ବି ଧମକାଇ ପାରିବେ ନାହିଁ।" କୋର୍ଟ ଉପରେ ଚାପ ପକାଇବାକୁ ଏପରି ଶୋଭାଯାତ୍ରା ଓ ବିକ୍ଷୋଭ କରାଯାଉଥିଲା ବୋଲି ଭାଟିଆ ଅଭିଯୋଗ କରିଥିଲେ। ଏହା ଶୁଣି ସିଜେଆଇ ଆହୁରି କହିଛନ୍ତି ଯେ "ଏସବୁ ଦୁର୍ବଳ ଉଦ୍ୟମ। ଏହା ଉପରେ କେହି ଧ୍ୟାନ ଦିଅନ୍ତି ନାହିଁ। ବାହାରେ ସେମାନେ ବୟାନ ଦେଉଛନ୍ତି। ଆମେ ଅଲଗା ଦୁନିଆରେ ରହୁନାହୁଁ। ଆମେ ସବୁ ବିଷୟରେ ଜାଣିଛୁ।" ଏସଆଇଆର ଅନିୟମିତତା ଅଭିଯୋଗରେ ଇଣ୍ଡିଆ ବ୍ଲକ କରିଥିବା ଶୋଭାଯାତ୍ରା ବିରୋଧରେ ହୋଇଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ସ୍ୱତନ୍ତ୍ର ଭାବେ ରାହୁଲ ଗାନ୍ଧି, ମଲ୍ଲିକାର୍ଜୁନ ଖଡଗେ, ଅଖିଳେଶ ଯାଦବ, ସୁପ୍ରିୟା ସୁଲେ ଓ ଅନ୍ୟମାନଙ୍କୁ ନୋଟିସ କରିଛନ୍ତି। ସେହିପରି ଇଣ୍ଡିଆ ବ୍ଲକ ବିକ୍ଷୋଭ ବେଳେ କୋର୍ଟ ପରିସରରେ ଲାଗିଥିବା ସିସିଟିଭି ଫୁଟେଜକୁ ସଂରକ୍ଷିତ କରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ।

ଅକ୍ଟୋବର ୨୮ ସୁଦ୍ଧା ଭାରତ ଛାଡ଼ିବାକୁ ଇମ୍ରାନ ଖାନଙ୍କୁ ନୋଟିସ୍

ନୂଆଦିଲ୍ଲୀ, ୧୫/୧୦(ନ୍ୟୁ.ଏ): ଆମିର ଖାନଙ୍କ ଭଣଜା ଏବଂ ଅଭିନେତା ଇମ୍ରାନ ଖାନଙ୍କ ବିରୋଧରେ ମୁମ୍ବାଇ ପୁଲିସ ଏକ ନୋଟିସ୍ ଜାରି କରିଛି। ତାଙ୍କୁ ଅକ୍ଟୋବର ୨୮ ସୁଦ୍ଧା ଭାରତ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ଇମ୍ରାନ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି ମୁମ୍ବାଇର ଅଗଷ୍ଟ କ୍ରାନ୍ତି ମଇଦାନରେ ଏକ ପ୍ରତିବାଦରେ ଅଂଶଗ୍ରହଣ କରିଥିଲେ। ଇମ୍ରାନଙ୍କୁ ମୁମ୍ବାଇ ପୁଲିସ ଅଟକ ରଖିଛି। ପୁଲିସର ସୂଚନା ଅନୁଯାୟୀ, ଭାରତୀୟ ନାଗରିକ ନ ହୋଇ ମଧ୍ୟ ପ୍ରତିବାଦରେ ଅଂଶଗ୍ରହଣ କରିଥିବାରୁ ତାଙ୍କ ବିରୋଧରେ ଇମିଗ୍ରେସନ ଆଇନର ଧାରା ୭ ଏବଂ ୨୯ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଇମ୍ରାନ ଅକ୍ଟୋବର ୧୦ ତାରିଖରେ ମୁମ୍ବାଇର ଅଗଷ୍ଟ କ୍ରାନ୍ତି ମଇଦାନରେ କଙ୍କ୍ରୋଚ୍ ଜନତା ପାର୍ଟି (ସିଜେପି) ଦ୍ୱାରା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିକୁ ସମର୍ଥନ କରି ଆୟୋଜିତ ପ୍ରତିବାଦରେ ଅଂଶଗ୍ରହଣ କରିଥିଲେ। ପ୍ରତିବାଦ ସମୟରେ ପୁଲିସ ଇମ୍ରାନଙ୍କ ସମେତ ଅନେକ ଲୋକଙ୍କୁ ଅଟକ ରଖିଥିଲା। ତାଙ୍କୁ ସେହି ସନ୍ଧ୍ୟାରେ ମୁକ୍ତ କରାଯାଇଥିଲା। ଏବେ ଏହା ସାମ୍ନାକୁ ଆସିଛି ଯେ ଇମ୍ରାନ ଖାନ ଜଣେ ଭାରତୀୟ ନାଗରିକ ନୁହନ୍ତି। ଭାରତର ପ୍ରବାସୀ ନାଗରିକ କାର୍ଡ ଥିବା ଜଣେ ଆମେରିକୀୟ ନାଗରିକ। ପୂର୍ବତନ ବିଜେପି ସାଂସଦ କିରିଟ ସୋମୈୟା ଇମ୍ରାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ମୁମ୍ବାଇ ପୁଲିସକୁ ଚିଠି ଲେଖିଥିଲେ। ମୁମ୍ବାଇର ଯୁଗ୍ମ ପୁଲିସ କମିସନର ମନୋଜ କୁମାର ଶର୍ମାଙ୍କୁ ଲେଖିଥିବା ଚିଠିରେ ବିଜେପି ନେତା ଜାଣିବାକୁ ଚାହିଁଥିଲେ ଯେ, ଇମ୍ରାନଙ୍କ ପାଖରେ ବିରୋଧ ପ୍ରଦର୍ଶନରେ ଅଂଶଗ୍ରହଣ କରିବାର ଆଇନଗତ ଅନୁମତି ଅଛି କି ନାହିଁ। ସୋମୈୟା ଦାବି କରିଥିଲେ, ଇମ୍ରାନ ଜଣେ ବିଦେଶୀ ନାଗରିକ। ସେ ପ୍ରଶ୍ନ କରିଛନ୍ତି, ତାଙ୍କୁ ପ୍ରତିବାଦରେ ଅଂଶଗ୍ରହଣ କରିବା ପାଇଁ କୌଣସି ଅନୁମତି ମିଳିଛି କି? ସୋମୈୟା ମୁମ୍ବାଇ ପୁଲିସକୁ ଏହି ଘଟଣାର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ସୋସିଆଲ ମିଡିଆରେ ଏକ ପୋଷ୍ଟରେ, ବିଜେପି ନେତା କହିଛନ୍ତି, ଇମ୍ରାନଙ୍କୁ ତୁରନ୍ତ ଦେଶରୁ ନିର୍ବାସିତ କରାଯିବା ଉଚିତ୍। ଅଟକ ପୂର୍ବରୁ ଇମ୍ରାନ ସ୍ପଷ୍ଟ କରିଥିଲେ ଯେ ତାଙ୍କର କୌଣସି ଦାବି ନାହିଁ ଏବଂ ସେ କୌଣସି ସଂଗଠନର ପ୍ରତିନିଧିତ୍ୱ କରୁନାହାନ୍ତି। ସେଠାରେ ତାଙ୍କର ଉପସ୍ଥିତି ବିଷୟରେ ସେ କହିଛନ୍ତି, ମୁଁ ଜଣେ ନାଗରିକ ଭାବରେ ଏହି ସହରରେ ରହୁଥିବା ଜଣେ ବ୍ୟକ୍ତି ଭାବରେ ଏଠାରେ ଅଛି। ମୁଁ ଏଠାରେ ଦେଖିବାକୁ ଆସିଛି, କାହିଁକି ଲୋକଙ୍କ ଗତିବିଧିକୁ ପ୍ରତିବନ୍ଧିତ କରାଯାଉଛି ଏବଂ କାହିଁକି ଲୋକଙ୍କ ସ୍ୱରକୁ ଦବାଇ ଦିଆଯାଉଛି। ସେଥିପାଇଁ ମୁଁ ଏଠାରେ ଅଛି। ମୁଁ କାହାର କୌଣସି ଦାବି କରିବାକୁ ଆସିନାହିଁ। ସେ କହିଛନ୍ତି, ମୁଁ କୌଣସି ସଂଗଠନ ସହିତ ଜଡ଼ିତ ନୁହେଁ। ଇମ୍ରାନ ଖାନ ଲୋକଙ୍କ ଗତିବିଧିର ସ୍ୱାଧୀନତା ଏବଂ ଭିନ୍ନମତ ପ୍ରକାଶ କରିବାର ଅଧିକାର ଉପରେ ଲାଗୁ ହୋଇଥିବା କଟକଣା ଉପରେ ପ୍ରଶ୍ନ ଉଠାଇଥିଲେ। ତାଙ୍କ ସାଥୀ ଅଭିନେତ୍ରୀ ଲେଖା ୱାସିଂଟନ ମଧ୍ୟ ଅଭିଯୋଗ କରିଛନ୍ତି ଯେ, ପୁଲିସ ଅଧିକାରୀମାନେ ଅଟକ ରଖିବା ସମୟରେ ତାଙ୍କୁ ଏବଂ ଅଭିନେତ୍ରୀ ଜାୟନ ମ୍ୟାରୀ ଖାନଙ୍କୁ ଧରିବାରୁ ସେ ଆହତ ହୋଇଥିଲେ। ଅଟକ ରହିବା ପରେ, ଇମ୍ରାନ ଖାନ ପୁଲିସ ଭ୍ୟାନ୍ ଭିତରୁ ସୋସିଆଲ ମିଡିଆରେ ଏକ ସେଲଫି ପୋଷ୍ଟ କରି ଫଟୋର କ୍ୟାପସନରେ ଲେଖିଛନ୍ତି, ଲାଗୁଛି ମୁଁ ଗ୍ରାଇଲରେ ଯାଉଛି।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das